

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩୧ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 31 DECEMBER 2020

Vol.No. 30 ■ No. 332 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଶିଶୁ ଓ ମହିଳାଙ୍କ ବିରୋଧରେ ହିଂସା ରୋକିବ ପୋଲିସ୍‌ର ସ୍ପେଶାଲ ୱିଙ୍ଗ୍ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩୦/୧୨ (ନିପ୍ର) : ଶିଶୁ ଓ ମହିଳାଙ୍କ ବିରୋଧରେ ହିଂସା ରୋକିବା ଲାଗି ରାଜ୍ୟରେ ପୋଲିସର ସ୍ପେଶାଲ ୱିଙ୍ଗ୍ ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି।ବୁଧବାର ଦିନ ୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମାବେଶର ଉଦଯାପନୀ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୋଲିସର ସ୍ୱତନ୍ତ୍ର ୱିଙ୍ଗ୍ ମହିଳା ଓ ଶିଶୁ ହିଂସା ନିରୋଧ ପାଇଁ ସେବା ଯୋଗାଇବ। ଏହାସହ ଦୋଷୀ ସାବ୍ୟସ୍ତ ହାର କମୁଥିବାରୁ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀରେ ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟମନ୍ତ୍ରୀ। କ୍ରମାଗତ ଦୋଷୀ ସାବ୍ୟସ୍ତ ହାର କମିଚାଲିବା ଚିନ୍ତାର କାରଣ, ଆବଶ୍ୟକ ସମସ୍ତ ପଦକ୍ଷେପ ନେଇ ଦୋଷୀ ହାର ବଢ଼ାଇବାକୁ ଏବଂ ତଦନ୍ତ ପ୍ରକ୍ରିୟାରେ ବୈଷୟିକ ପଦ୍ଧତି ଆପଣାଇ ହାର ବୃଦ୍ଧି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ଷ ୨୦୨୦ରେ ରାଜ୍ୟରେ ଆଇନ ଶୃଙ୍ଖଳା ଶାନ୍ତିପୂର୍ଣ୍ଣ ରହିଛି। କରୋନା ମହାମାରୀ ସମୟରେ ଓଡ଼ିଶା ପୋଲିସ ବଡ଼ ଭୂମିକା ନେଇଛି। ଡ୍ୟୁଟି ସମୟରେ ଅନେକ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ରାଜ୍ୟର ୯୩୦ ଜଣ ପୋଲିସ କର୍ମଚାରୀ ପ୍ଲାଜମା ଦାନ କରିଛନ୍ତି। ୩୮ ଜଣ ପୋଲିସ କର୍ମଚାରୀଙ୍କ ପରିବାରକୁ ସ୍ୱତନ୍ତ୍ର ପେନସନ୍ ଯୋଜନାରେ ସାମିଲ କରାଯାଇଛି। ସେହିଭଳି ୨୯ଟି ପରିବାରକୁ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ରାଶି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ମାଓହିଂସା କମିଛି। ମାଓ ମୁକାବିଲା ପାଇଁ ପୋଲିସ କଡ଼ାପଦକ୍ଷେପ ନେଉଛି। କନ୍ଧମାଳ ଓ ମାଲକାନଗିରି ଏସ୍‌ପିଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ଥାନାକୁ ଆସୁଥିବା ଲୋକମାନଙ୍କୁ ମର୍ଯ୍ୟାଦାର

▶▶ପୃଷ୍ଠା ୭

## ପାରାଦୀପ ବନ୍ଦରକୁ ବିଶ୍ୱସ୍ତରୀୟ କରିବା ନିଷ୍ପତ୍ତି



ଭୁବନେଶ୍ୱର,୩୦।୧୨ (ନି.ପ୍ର): କେନ୍ଦ୍ର କ୍ୟାବିନେଟ ବୈଠକରେ ପାରାଦୀପରେ ୱେଷ୍ଟନ୍ ଡକ୍ ନିର୍ମାଣର ବିକାଶ ସମେତ "ପାରାଦୀପ ବନ୍ଦରର ଆଭ୍ୟନ୍ତରୀଣ ବନ୍ଦର ସୁବିଧା ବଢ଼ାଇବା" ସମ୍ପର୍କୀତ ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଛି । ୩ ହଜାର ୪ କୋଟି ୬୩ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ସରକାରୀ ଓ ବେସରକାରୀ ସହଯୋଗ ତଥା ପିପିପି ମୋଡ଼ରେ ନିର୍ମାଣ କରାଯିବ। ପାରାଦୀପ ବନ୍ଦର ଆଧୁନିକୀକରଣ ଏବଂ ଏହାକୁ ବିଶ୍ୱସ୍ତରୀୟ କରିବା ପାଇଁ ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ ମଣ୍ଡଭିୟଙ୍କୁ

▶▶ପୃଷ୍ଠା ୭

## ଶାନ୍ତନୁ ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୩୦/୧୨ (ନିପ୍ର) : କିମ୍ବଦନ୍ତୀ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ସେ କହିଛନ୍ତି ଯେ ଜଣେ ଗୀତିକାର ଓ ସଂଗୀତ ନିର୍ଦ୍ଦେଶକ ଭାବେ ତାଙ୍କର ପ୍ରତିଭାର ଉଜ୍ଜ୍ୱଳ ସାକ୍ଷର ଛାଡି ଯାଇଛନ୍ତି। ସଂଗୀତ ପ୍ରତି ସେ ସାରା ଜୀବନ ସମର୍ପିତ ଥିଲେ।


## ଶାନ୍ତନୁ ମହାପାତ୍ରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଭୁବନେଶ୍ୱର, ୩୦/୧୨ (ନିପ୍ର) : କିମ୍ବଦନ୍ତୀ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ । ଓଡ଼ିଆ ସମେତ ଅନେକ ଭାଷାର ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସ୍ୱର୍ଗତ ମହାପାତ୍ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

## ଶାନ୍ତନୁ ମହାପାତ୍ରଙ୍କ ଦେହାନ୍ତରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଶୋକ

ଭୁବନେଶ୍ୱର, ୩୦/୧୨ (ନିପ୍ର) : ବରିଷ୍ଠ ଖ୍ୟାତନାମା ଓଡ଼ିଆ ସଙ୍ଗୀତଜ୍ଞ ଶାନ୍ତନୁ ମହାପାତ୍ରଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବରିଷ୍ଠ ଖ୍ୟାତନାମା ଓଡ଼ିଆ ସଙ୍ଗୀତଜ୍ଞ ଶାନ୍ତନୁ ମହାପାତ୍ରଙ୍କ ଦେହାନ୍ତର ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ଓଡିଆ ବ୍ୟତୀତ ହିନ୍ଦୀ, ଆସାମୀ, ବେଙ୍ଗଲୀ ଏବଂ ତେଲୁଗ ଭାଷାରେ ମଧ ଅନେକ ସଙ୍ଗୀତ ରଚନା କରି ନିଜର ପାରଦର୍ଶିତା ପ୍ରତିପାଦନ କରିବାରେ ସକ୍ଷମ ହୋଇଥିଲେ ଶାନ୍ତନୁ ମହାପାତ୍ର ।

## ୩ ହଜାର ୪ କୋଟି ବ୍ୟୟରେ ବିଶ୍ୱସ୍ତରୀୟ ବନ୍ଦର ହେବ ପାରାଦୀପ : ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ଭୁବନେଶ୍ୱର, ୩୦/୧୨ (ନିପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବୁଧବାର ବସିଥିବା କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପାରାଦୀପରେ ୱେଷ୍ଟନ୍ ଡକ୍ ନିର୍ମାଣର ବିକାଶ ସମେତ "ପାରାଦୀପ ବନ୍ଦରର ଆଭ୍ୟନ୍ତରୀଣ ବନ୍ଦର ସୁବିଧା ବଢ଼ାଇବା" ସମ୍ପର୍କୀତ ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଥିବା ନିଷ୍ପତିକୁ ସ୍ୱାଗତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ୩ ହଜାର ୪ କୋଟି ୬୩ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ସରକାରୀ ଓ ବେସରକାରୀ ସହଯୋଗ ତଥା ପିପିପି ମୋଡ଼ରେ ନିର୍ମାଣ କରାଯିବ। ପାରାଦୀପ ବନ୍ଦର ଆଧୁନିକୀକରଣ ଏବଂ ବିଶ୍ୱସ୍ତରୀୟ କରିବା ପାଇଁ ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ ମଣ୍ଡଭିୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ବନ୍ଦରର ପାରିପାର୍ଶ୍ୱିକ କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାର୍ଷିକ ୨୫ ମିଲିୟନ ଟନ୍ କ୍ଷମତା ସୃଷ୍ଟି କରିବାକୁ ଯୋଜନା କରାଯାଇଛି।

▶▶ପୃଷ୍ଠା ୭

## ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର, ୩୦/୧୨ (ନିପ୍ର) : ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କର ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ନିମୋନିଆରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଗତକାଲି ରାତି ପ୍ରାୟ ୧୨.୩୦ରେ ତାଙ୍କର ପରଲୋକ ହୋଇଥିବା ଜଣା ପଡିଛି । ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ଶାନ୍ତନୁ ମହାପାତ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। 'ସୂର୍ଯ୍ୟମୁଖୀ', 'ଅରୁନ୍ଧତୀ', 'ଚିଲିକା ତୀରେ', 'ଡୋରା' ଭଳି ଫିଲ୍ମର ସେ ସଙ୍ଗୀତ ନିର୍ଦ୍ଦେଶକ ଥିଲେ। ବିଭିନ୍ନ ଭାଷାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ଶାନ୍ତନୁ ହେଉଛନ୍ତି ପ୍ରଥମ ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ଯିଏକି ଓଡ଼ିଆ, ହିନ୍ଦୀ, ବଙ୍ଗାଳୀ, ଆସାମୀ, ତେଲୁଗୁ ଭାଷାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଓ ସଂଗୀତ ଜଗତର କିଂବଦନ୍ତୀ ପୁରୁଷ



ଶାନ୍ତନୁ ମହାପାତ୍ର ଅନେକ ଲୋକପ୍ରିୟ ଗୀତ ଶ୍ରୋତାଙ୍କୁ ଭେଟି ଦେଇଛନ୍ତି। ସେ ପ୍ରଥମ ଓଡ଼ିଆ ସଂଗୀତ ନିର୍ଦ୍ଦେଶକ ଭାବେ ବଲିଉଡ୍ ଗାୟକ ମହମ୍ମଦ ରଫି ଓ ଲତା ମଙ୍ଗେସକରଙ୍କୁ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରାଇଥିଲେ। ସେ ଓଡ଼ିଆ ଭାଷା ବ୍ୟତୀତ ବଙ୍ଗାଳୀ ଏବଂ ହିନ୍ଦୀ ଭାଷାରେ ମଧ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସଙ୍ଗୀତ ପାଇଁ ସେ ଜାତୀୟ ଏବଂ ରାଜ୍ୟସ୍ତରରେ ମଧ ପୁରସ୍କୃତ ହୋଇଥିଲେ।

## ଦୁର୍ନୀତି ଓ ଅପାରଗତା ଅଭିଯୋଗରେ ୬ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର, ୩୦/୧୨ (ନିପ୍ର) : ଦୁର୍ନୀତି ଓ ଅପାରଗତା ଯୋଗୁ ରାଜ୍ୟ ସରକାର ଆଜି ୬ ଜଣ ଅଧିକାରୀଙ୍କୁ ବାଧତାମୂଳକ ଅବସର ଦେଇଛନ୍ତି। ସେମାନଙ୍କ ମଧରେ ୪ ଜଣ ଇଂଜିନିୟର ଥିବା ବେଳେ ୨ଜଣ ଅବକାରୀ ବିଭାଗର ଅଧିକାରୀ ଅଛନ୍ତି। ଆଜି ବାଧତାମୂଳକ ଅବସର ଦିଆଯାଇଥିବା ଅଧିକାରୀମାନେ ହେଲେ କେନ୍ଦୁଝରର ରୁରାଲ ୱାର୍କସ୍ ଡିଭିଜନର ଉପ-କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଦେବତା। ତାଙ୍କ ବିରୋଧରେ ଦୁଇଟି ଭିଜିଲାନ୍ସ କେସ୍ ରହିଛି ଏବଂ ସେ ଏକ କୋଟିରୁ ଅଧିକ ଟଙ୍କାର ଆୟ ବହିର୍ଭୁର୍ତ ସମ୍ପତି ଠୁଳ କରିଥିବାର ଅଭିଯୋଗ ରହିଛି। ବର୍ତମାନ କଟକ ଆର ଆଣ୍ଡ ବି ବିଭାଗର ଗୁଣବତା ନିୟନ୍ତ୍ରଣ ବିଭାଗର ସହକାରୀ ଯନ୍ତ୍ରୀ ଭାବରେ କାର୍ଯ୍ୟରତ ଜିତେନ୍ଦ୍ର କୁମାର ଦଳାଇଙ୍କୁ ବାଧତାମୂଳକ ଅବସର ଦିଆଯାଇଛି। ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ତାଙ୍କ ବିରୋଧରେ ଦୁଇଟି ଭିଜିଲାନ୍ସ କେସ୍ ରହିଛି।

▶▶ପୃଷ୍ଠା ୭

## ଜାନୁଆରୀରେ ୭୫% କର୍ମଚାରୀଙ୍କୁ ନେଇ ଚାଲିବ ଟ୍ୱିନ୍ ସିଟିର ସରକାରୀ ଅଫିସ୍, ଶନିବାର ଛୁଟି

ଭୁବନେଶ୍ୱର, ୩୦/୧୨ (ନିପ୍ର) : କରୋନା କଟକଣାକୁ ଦୃଷ୍ଟିରେ ରଖି ସରକାରୀ ଅଫିସ୍ ଚାଲିବା ନେଇ ଜାନୁଆରୀ ମାସ ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁସାରେ, ଭୁବନେଶ୍ୱର ଓ କଟକରେ ଥିବା ସବୁ ବିଭାଗୀୟ ଓ ଅଧସ୍ତନ ଅଫିସ ୭୫% କର୍ମଚାରୀଙ୍କୁ ନେଇ ଚାଲିବ। ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଶନିବାର ବନ୍ଦ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। କେଉଁ କର୍ମଚାରୀ କେଉଁ ଦିନ ଆସିବେ ତାହା ବିଭାଗ ଏବଂ ମୁଖ୍ୟ କାର୍ଯ୍ୟାଳୟ ଗୁଡିକ ନିଷ୍ପତି ନେବ।

▶▶ପୃଷ୍ଠା ୭

## ୧ କ୍ୱିଂଟାଲରୁ ଉର୍ଦ୍ଧ୍ୱ ସିନ୍ଥେଟିକ୍ ପନିର୍ ଜବତ, ଜଣେ ଅଟକ

କଟକ, ୩୦/୧୨ (ନିପ୍ର) : ନକଲି ସାମଗ୍ରୀ ପେଣ୍ଠସ୍ଥଳି ପାଲଟିଥିବା କଟକରୁ ପୁଣି ଆଜି କମିଶନରେଟ ପୋଲିସ ଜବତ କରିଛି ୧ କ୍ୱିଂଟାଲରୁ ଉର୍ଦ୍ଧ୍ୱ ସିନ୍ଥେଟିକ୍ ପନିର୍। ଓଏମପି ଛକ ନିକଟରୁ ଜବତ ହୋଇଛି ଏହି ଭେଜାଲ୍ ପନିର୍ । ଘଟଣାରେ ଜଣକୁ ଅଟକ ରଖି ପୋଲିସ ପକ୍ଷରୁ ପଚରା ଉଚୁରା ଜାରୀ ରହିଛି । ଏପରିକି ଘଟଣାରେ ସମ୍ପୃକ୍ତ ଥିବା ଆଉ ୪ ଜଣଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରୀ ରହିଛି ବୋଲି ଜୋନ୍-୧ ଏସିପି ଅମରେନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି । ଆହୁରି ମଧ ଜଣାପଡିଛି, ଦୈନିକ କୋଲକାତାରୁ କଟକ ଆସୁଥିଲା ଏହି ପନିର୍ । ଏହି ସିନ୍ଥେଟିକ୍ ପନିର ସଲଫ୍ୟୁରିକ ଏସିଡ୍ ରେ ପ୍ରସ୍ତୁତ ହୋଇଥାଏ।

▶▶ପୃଷ୍ଠା ୭

## ନୂଆବର୍ଷରୁ ଓଡ଼ିଶାରେ କରୋନା ଟିକା !



ଭୁବନେଶ୍ୱର,୩୦।୧୨ (ନି.ପ୍ର): ନୂଆବର୍ଷ ଆରମ୍ଭରେ ରାଜ୍ୟରେ କରୋନା ଟିକାକରଣ ହୋଇପାରେ । ଟିକାକରଣ ନେଇ କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶ ଆସିଲେ ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ ହେବ । ଏ ନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ସେ କହିଛନ୍ତି, ଟିକା ଆସିବା ପରେ କିପରି ବଣ୍ଟନ ହେବ ସେ ନେଇ ରୂପରେଖ ପ୍ରସ୍ତୁତ ହୋଇଛି। ଏନେଇ ଦୈନିକ ଭାବେ ପ୍ରସ୍ତୁତ କରାଯାଉଛି। ଟିକାକରଣ ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଦିଆଯିବ । ଏନେଇ ୩ଏକ୍ଷ ୨୬ହଜାର ସ୍ୱାସ୍ଥ୍ୟକର୍ମୀଙ୍କ ତଥ୍ୟ ପୋର୍ଟାଲରେ ଅପଲୋଡ୍ ହୋଇଛି । ସେ ଆହୁରି କହିଛନ୍ତି ସେହିଭଳି ରାଜ୍ୟରେ ୧ହଜାର ୨ଶହ୨୨ କୋଲ୍ଡ ଚେନ୍ ପଏଣ୍ଟ ଟିକା ଦେବାପାଇଁ ପ୍ରସ୍ତୁତ ରହିଛନ୍ତି । ଏହାସହ ଟିକରଣ ପାଇଁ ଆବଶ୍ୟକ ଥିବା ୨୧ଲକ୍ଷ ସିରିଞ୍ଜ ଓ ୨୬ଟି ଆଇଏଲ୍ଆର୍ ମଧ୍ୟ ଆସିଛି । ଟିକାକରଣ ପାଇଁ ରାଜ୍ୟରେ ୮ହଜାରରୁ ଅଧିକ କର୍ମୀ ପ୍ରସ୍ତୁତ ରହିଛନ୍ତି ।

## ଆୟବର୍ହିଭୁତ ସମ୍ପତି ଠୁଳ ମାମଲା : ଚିକିଟି କଲେଜର କୋଟିପତି ଲାବୋରେଟୋରୀ ଆସିଷ୍ଟାଂଟ ଗିରଫ

ଗଞ୍ଜାମ,୩୦।୧୨ (ନି.ପ୍ର): ଆୟବର୍ହିଭୁତ ସମ୍ପତି ଠୁଳ ମାମଲାରେ ଚିକିଟି କଲେଜର କୋଟିପତି ଲାବୋରେଟୋରୀ ଆସିଷ୍ଟାଂଟ କୈଳାସ ଚନ୍ଦ୍ର ମହାନ୍ତିଙ୍କୁ ଗିରଫ କରିଛି ଭିଜିଲାନ୍ସ । ଚଢ଼ଉ ବେଳେ ତାଙ୍କ ନିକଟରୁ ୧ କୋଟି ୧ ଲକ୍ଷ ଟଙ୍କାର ଆୟ ବର୍ହିଭୁତ ସମ୍ପତି ଠାବ କରିଛି ଭିଜିଲାନ୍ସ । ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଗତକାଲି କୈଳାସଙ୍କ ବ୍ରହ୍ମପୁର ସ୍ଥିତ ବାସଭବନ ସମେତ ମୋଟ୍ ୬ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଥିଲା । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯିବା ସହ ଘଟଣାରେ ତାଙ୍କୁ ଗିରଫ କରିଥିଲା ଭିଜିଲାନ୍ସ ।

## ଲୋକପ୍ରତିନିଧି-ପ୍ରଶାସନିକ ଅଧିକାରୀଙ୍କ ସମ୍ପତ୍ତି ତାଲିକା ପ୍ରକାଶ ଯୁଗାନ୍ତକାରୀ ପଦକ୍ଷେପ : ଅରୁଣ



ବାଲେଶ୍ୱର, ୩୦/୧୨ (ନିପ୍ର) : ନିର୍ବାଚିତ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କର ବାଧ୍ୟତା ମୂଳକ ସମ୍ପତ୍ତି ତାଲିକା ଦାଖଲ ଓ ଏହାକୁ ସର୍ବସାଧାରଣରେ ପ୍ରକାଶ ନିଷ୍ପତି ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ। ତେବେ ଏହା କେବଳ ଲୋକାୟୁକ୍ତଙ୍କଠାରେ ପଇଠ କଲେ ଚଳିବନି ବରଂ ରାଜ୍ୟ ଭିଜିଲାନ୍ସ ଦ୍ୱାରା ତଦନ୍ତରେ ହିଁ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହଜ ହୋଇପାରିବ ବୋଲି ବରିଷ୍ଠ ରାଜନୀତିଜ୍ଞ ତଥା ବାଲେଶ୍ୱରର ପୂର୍ବତନ ବିଧାୟକ ଅରୁଣ ଦେ ମତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ତାଙ୍କ ବାସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତିକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଥମଥର ପାଇଁ ଏଭଳି ଯୁକାନ୍ତକାରୀ ପଦକ୍ଷେପ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ସମଗ୍ର ଦେଶ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ୧୯୯୨ ମସିହାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମଧ୍ୟ ଅନୁରୂପ ଭାବେ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ସମ୍ପତ୍ତି ତାଲିକା ଦାଖଲ ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟକାରୀ ହୋଇପାରିନଥିଲା ବୋଲି ସେ କହିଥିଲେ। ତେବେ ବର୍ତ୍ତମାନର ଏହି ନିୟମ କାର୍ଯ୍ୟକାରିତା ପ୍ରତି ପ୍ରଶ୍ନ କରିଛନ୍ତି ସେ। ନୂଆ ନିୟମ ଅନୁସାରେ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଲୋକାୟୁକ୍ତଙ୍କ ନିକଟରେ ନିଜର ସମ୍ପତ୍ତି ତାଲିକା ଦାଖଲ କରିବେ ଓ ଏହାକୁ ସର୍ବସାଧାରଣରେ ପ୍ରକାଶ କରାଯିବ ଉଚିତ, ମାତ୍ର ତା'ର ସତ୍ୟତା ଯାଞ୍ଚ କରିବ କିଏ ବୋଲି ସେ ପ୍ରଶ୍ନ କରିଛନ୍ତି। ଲୋକପାଳଙ୍କର ଯାଞ୍ଚ କରିବାର କ୍ଷମତା ନଥିବା ବେଳେ ଏହାକୁ ରାଜ୍ୟ ଭିଜିଲାନ୍ସ ବିଭାଗକୁ ପଠାଇବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀ ରାଜକୋଟ ଏମ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ଆଜି

ନୂଆଦିଲ୍ଲୀ, ୩୦/୧୨ (ନିପ୍ର) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ତାରିଖରେ ଗୁଜରାଟର ରାଜକୋଟଠାରେ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ ବା ଏମ୍ସର ଶିଳାନ୍ୟାସ କରିବେ । ସେ ଦିନ ପୂର୍ବାହ୍ନ ୧୧ଟା ସମୟରେ ଭିଡିଓ କନ୍ଫରେନ୍ସିଂ ବ୍ୟବସ୍ଥାରେ ଏହି କାର୍ଯ୍ୟ ସଂପନ୍ନ ହେବ । ଏହି କାର୍ଯ୍ୟକ୍ରମରେ ଗୁଜରାଟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଉପସ୍ଥିତ ରହିବେ । ରାଜକୋଟର ଏହି ପ୍ରସ୍ତାବିତ ଏମ୍ସ ପ୍ରକଳ୍ପ ପାଇଁ ୨୦୧ ଏକର ଜମି ଯୋଗାଇ ଦିଆଯାଇଛି । ମୋଟ ୧୧୯୫ କୋଟି ଟଙ୍କା ବ୍ୟୟରେ ଏହି ପ୍ରତିଷ୍ଠାନ ନିର୍ମିତ ହେବ ଏବଂ ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ମଧଭାଗ ସୁଦ୍ଧା ଶେଷ କରିବାର ଲକ୍ଷ୍ୟ ରଖାଯାଇଛି । ଅତ୍ୟାଧୁନିକ ଏହି ହସ୍ପିଟାଲରେ ୭୫୦ ଶଯ୍ୟା ରହିବ ଏବଂ ଏଥିରେ ସ୍ୱତନ୍ତ୍ରଭାବେ ୩୦ ଶଯ୍ୟା ବିଶିଷ୍ଟ ଏକ ଆୟୁଷ ବ୍ଲକ କାର୍ଯ୍ୟ କରିବ । ଏହି ଏମ୍ସରେ ୧୨୫ ଏମବିବିଏସ ଏବଂ ୬୦ ନର୍ସିଂ ସିଟ୍? ରହିବ ।

# ଖୁସି ସଫ୍ଟୱେୟାର ଉନ୍ମୋଚିତ

## ଏହା ମାଧ୍ୟମରେ ଯୋଜନାର ପରିଚାଳନା ସୁବ୍ୟବସ୍ଥିତ ହୋଇପାରିବ

ଭୁବନେଶ୍ୱର,୩୦।୧୨ (ନି.ପ୍ର): ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ପାଠ ପଢୁଥବବା କିଶୋରୀମାନଙ୍କ ମାସିକ ଋତୁକାଳୀନ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷା ଦିଗରେ ସାନିଟାରୀ ନାପ୍‌କିନ୍ ବଂଟନ ପାଇଁ ସରକାର ଖୁସି ନାମରେ ଏକ ଅଭିନବ ଯୋଜନା ଆରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ ୨୦୧୯ ମସିହା ଫେବୃଆରୀ ମାସରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଯୋଜନାରେ ରାଜ୍ୟର ୩୧୪ଟି ବ୍ଲକ୍ ଓ ୫ଟି ମ୍ୟୁନିସପାଲ କର୍ପୋରେସନ ଅଧିନରେ ଥିବା ୨୯,୫୭୭ଟି ସ୍କୁଲର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୬,୮୧,୬୯୦ ଛାତ୍ରୀ ଅନ୍ତର୍ଭୁକ୍ତ ଅଟନ୍ତି । ଆଜି ଲୋକସେବା ଭବନଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଖୁସି ସଫ୍ଟୱେୟାରକୁ ଉନ୍ମୋଚନ କରିଥିଲେ । ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ଏହି ସଫ୍ଟୱେୟାର ମାଧ୍ୟମରେ ଯୋଜନାର ପରିଚାଳନା ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇପାରିବା ସହ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଂଚିପାରିବ । ଏହି ଅବସରରେ ଶ୍ରୀ ମହାପାତ୍ର କହିଲେ ଯେ, ବର୍ତମାନର ବ୍ୟବସ୍ଥା ଅନୁସାରେ ସାନିଟାରୀ ନ୍ୟାପ୍‌କିନ୍ ଯୋଗାଣକାରୀମାନେ ଠିକ୍ ସମୟରେ ସାମଗ୍ରୀ ଯୋଗାଣ ସହ ବ୍ଲକର ନୋଡ଼ାଲ ଅଫିସରମାନେ ଏ ସବୁକୁ ସ୍କୁଲରେ ପହଂଚାଇବେ ଓ ପ୍ରତ୍ୟେକ ଛାତ୍ରୀଙ୍କ ନିକଟରେ ଏହା ନିଶ୍ଚିତ ଭାବେ ପହଂଚି ପାରିବ । ଏହି କାର୍ଯ୍ୟକ୍ରମରେ ରାରଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ସ୍କୁଲର ଛାତ୍ରୀମାନଙ୍କୁ ମାସିକ ୧୮ଟି ଲେଖାଏଁ ସାନିଟାରୀ ନ୍ୟାପ୍‌କିନ୍ ଯୋଗାଇ ଦିଆଯାଉଛି । ଏଥିପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଜଣେ ମହିଳା ନୋଡ଼ାଲ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି । ସାନିଟାରୀ ନ୍ୟାପ୍‌କିନ୍ ଯୋଗାଣ ପାଇଁ ୨୦୨୦-୨୧ ମସିହା ପାଇଁ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ସାମଗ୍ରୀ ଯୋଗାଇଦେବା ପାଇଁ ପ୍ରକ୍ରିୟା ଚାଲୁ ରହିଛି । ଏଥି ପାଇଁ ଚଳିତ ବର୍ଷ ୩୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଉପସ୍ଥିତ ରହି ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ ଖୁସିର ଆଭିମୁଖ୍ୟ ଉପରେ ଆଲୋଚନା କରିଥିବା ବେଳେ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଡେପୁଟି ଡାଇରେକ୍ଟର ଜେନେରାଲ୍ ଓ ରାଜ୍ୟ ଇନଫରମେଟିକ୍ସ ଅଫିସର କବିତା ରାୟ ଦାସ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶିକା ନିରୂପମା ମହାପାତ୍ର, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ବିଭାସ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ, ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ମୋବାଇଲ୍ ଆପ୍ ମାଧ୍ୟମରେ ମଧ୍ୟ ଉପଲବ୍ଧ ହେବ । ଫଳରେ ଯୋଜନାର ପରିଚାଳନା ସହଜ ଓ ସୁବିଧାଜନକ ହୋଇପାରିବ ।

## ସ୍ୱର୍ଗତ ଅଶୋକ ଦାସଙ୍କ ଦ୍ୱାଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

କୋରେଇ,୩୦।୧୨ (ନି.ପ୍ର): ପାଣିକୋଇଲିରେ ଯାଜପୁରର ଭୂମିପୁତ୍ର ସ୍ୱର୍ଗତ ଅଶୋକ ଦାସଙ୍କ ଦ୍ୱାଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି । ଏହି ଅବସରରେ ସକାଳୁ ମା ତାରିଣୀ ପୀଠରେ ଗୀତା ଯଜ୍ଞ ପରେ ମୁଖ୍ୟ ଅତିଥି ଭାବେ କୋରାଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ବୃକ୍ଷରୋପଣ ଓ ଭିନ୍ନକ୍ଷମ, ଅସହାୟ ମାନଙ୍କୁ ଖାଦ୍ୟ ବଂଟନ କରିଥିଲେ । ପରେ ପ୍ରତିବର୍ଷ ପରି ଚଳିତ ବର୍ଷ ସ୍ମୃତି ଚାରଣ ସଭା ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ଘଡାଇଙ୍କ ସଭାପତିତ୍ୱରେ ଏବଂ ସୁବାସ ଧଳଙ୍କ ସଂଚାଳନାରେ ଅନୁଷ୍ଠିତ ହୋଇଥିଲା । ମା ତାରିଣୀ ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ବେଦ ପାଠ ପରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭିକାରୀ ବରାଳ, ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ , ନାରୀନେତ୍ରୀ ସଙ୍ଘମିତ୍ରା ଜେନା, ଅଦୈତ୍ୟ ଚରଣ ଦାସ, ବାବୁଲାଲ ଗୁରୁ, କଳ୍ପତରୁ ମହାପାତ୍ର, ବଳରାମ ସାହୁ, ସନ୍ତୋଷ କୁମାର ବେହେରା, ପୁରୁଷୋତ୍ତମ ଦାସ, ଅଥୟ ମହାନ୍ତି, ମନ୍ମଥ ନାୟକ, ରାଜେନ୍ଦ୍ର ରାଉତରାୟ, ମାନଗୋବିନ୍ଦ ଦାସ, ବେଣୁଧର ରାୟ, ପଥରପଦା ସରପଂଚ ପ୍ରକାଶ ମଲ୍ଲିକ, ପାଣିକୋଇଲି ସମିତିସଭ୍ୟ ସେକ ଜହର ଅଲ୍ଲୀ, କନ୍ତୋର ସମିତିସଭ୍ୟ ଅଶୋକ ବାରିକ, ଅନ୍ଧାରୀ ସମିତିସଭ୍ୟ କୁଳମଣି ଦାସ, ଅସନଝର ସରପଂଚ ନିରଂଜନ ନାୟକ, ଗୋଲେକ ଚନ୍ଦ୍ର ମାଝୀ, ବାସୁଦେବ ପରିଡା, ଗଙ୍ଗାଧର ସାହୁ, ହୀରାମଣି ନାୟକ, ବାବାଜୀ କବି, ରାମ ଚନ୍ଦ୍ର ବେହେରା ପ୍ରମୁଖ ଅଶୋକ ଦାସଙ୍କ ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ଅଶୋକ ଦାସ ଓ ତାଙ୍କ ସହଯୋଗୀ କିଶୋର ଚନ୍ଦ୍ର ମଲ୍ଲିକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଗଣେଷ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଗୋକୁଳାନନ୍ଦ ସାହୁ, କାର୍ତିକ ଚନ୍ଦ୍ର ମଲ୍ଲିକ, ବିପିନ ବିହାରୀ ଧଳ, ଦିଲ୍ଲୀପ ନାୟକ, ତାରିଣୀ ପଟ୍ଟନାୟକ, ପ୍ରେମେଶ ମହାକୁଡ, ବୃନ୍ଦାବନ ମହାକୁଡ, ସତିସ ଧଳ, ଅଚ୍ୟୁତାନନ୍ଦ ସାହୁ, ନିରଂଜନ ପରିଡା, ଦୀପକ ରାୟ, ଅବଦୁଲ ଜବାହାର ଖାଁ, ପଙ୍କଜ ଧଳ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିଧାୟକ ୱାର୍ଡ ବୁଲି ସମସ୍ୟା ସମାଧାନ କଲେ

କେନ୍ଦ୍ରାପଡ଼ା,୩୦।୧୨ (ନି.ପ୍ର): କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା କେନ୍ଦ୍ରାପଡା ପୌରାଂଚଳର ସମସ୍ୟା ସମାଧାନ ଓ ବିକାଶ ଯୋଜନାକୁ ଆଗେଇ ନେବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି । ବିଭିନ୍ନ ୱାର୍ଡକୁ ଗସ୍ତକରି ସମସ୍ୟା ଗୁଡିକୁ ପ୍ରତ୍ୟେକ୍ଷ ଆକଳନ କରିବା ସହ ଗ୍ରାମବାସୀଙ୍କ ସହ ମିଳିତ ବୈଠକରେ ବିଚାର ବିମର୍ଷ କରୁଥିବା ଜଣା ପଡିଛି । ଏହି କ୍ରମରେ ମଙ୍ଗଳବାର ବିଧାୟକ ଶ୍ରୀ ବେହେରା ପୂର୍ବାହ୍ନରେ ୪ନଂ ଓ ୫ନଂ ୱାର୍ଡ ଗସ୍ତକରି ଜଳ ନିଷ୍କାସନ ସମସ୍ୟାକୁ ପ୍ରତ୍ୟେକ୍ଷ ଅନୁଧାନ କରିଥିଲେ । ସଂନ୍ଧ୍ୟା ସମୟରେ ସିଦ୍ଧ ଦାସ ପୁଷ୍କରିଣୀ ସନ୍ନିକଟ ପ୍ରାଙ୍ଗଣରେ ଗ୍ରାମସଭାରେ ଗ୍ରାମବାସୀଙ୍କ ମତ ବିନିମୟ କରିଥିଲେ । ବିଶେଷକରି ଗୋପ ଗ୍ରାମର ଡ୍ରେନେଜ ବ୍ୟବସ୍ଥା ବିଗିଡି ଯାଇଥିବାରୁ ଗାଁ ଭିତର ର ସରକାରୀ ରାସ୍ତା ସମେତ ବହୁ ଅଂଚଳ ନର୍ଦ୍ଦମା ପାଣିରେ ବୁଡି ରହୁଥିବାରୁ ଏଥି ପାଇଁ ଏକ ମାଷ୍ଟର ପ୍ଲାନ ଆଲୋଚନା କରିଥିଲେ । କ୍ରୀଷ୍ଟା ଲଜ ନିକଟରୁ ଏକ ଡ୍ରେନେଜ ବ୍ୟବସ୍ଥା କରାଯାଇ ଜଳ ନିଷ୍କାସନକୁ ସୁଧରାଯିବ ବୋଲି ସୂଚନା ଦେଇଥିଲେ । ଏହା ସହ ଲକ୍ଷ୍ମୀ ଠାକୁରାଣୀ ମନ୍ଦିର ଠାରୁ ତୁଳସୀ ପାର୍କ ଓ ଅଯୋଧ୍ୟା ନଗର ସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଡ୍ରେନେଜ ଓ ରାସ୍ତା ପୁନଃ ନିର୍ମାଣ କରାଯିବ । ସେହିଭଳି ସାନମଙ୍ଗଳା ଛକ ଠାରୁ ତୁଳସୀ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ଅନ୍ୟଏକ ଡ୍ରେନ କରାଯାଇ ଏଥିରେ ସଂଯୋଗ କରାଗଲେ ଜଳ ନିଷ୍କାସନ ସମସ୍ୟା ସମାଧାନ ହୋଇପାରିବ ବୋଲି ସ୍ଥିରକୃତ ହୋଇଥିଲା । ଏହି ଗ୍ରାମସଭାରେ ବିଧାୟକ ଶ୍ରୀ ବେହେରାଙ୍କ ସମେତ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, କନିଷ୍ଠ ଯନ୍ତ୍ରୀ ପ୍ରଶନ୍ନ କୁମାର ରାଉତ, ଏମ୍ଇ ଦିଲିପ କୁମାର ସେଠୀ, ପୂର୍ବତନ କାଉନସିଲର ପ୍ରକାଶ ପରିଡ଼ା, ଦେବେନ୍ଦ୍ର ରାଉତ, ରମଶେ କୁମାର ସ୍ୱାଇଁ, ହିମାଂଶୁ ଶେଖର ପଣ୍ଡା, ନିରାକାର ପ୍ରଧାନ, ନିରଞ୍ଜନ ପରିଡ଼ା, ନୃସିଂହ ପତି, ଅନନ୍ତ କର, ସୁବାଷ ସାହୁ ସମେତ ବହୁ ମହିଳଅ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେଲା ବିଜେପି

ଭୁବନେଶ୍ୱର,୩୦।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜାନାର ଫଳକରେ ବିଜୁ ବାବୁଙ୍କ ଫଟୋ ସହ ବିଜୁ ପକ୍କା ଘର ଯୋଜନା ଲେଖାଯାଉଛି । ଅନ୍ୟପଟେ କେନ୍ଦ୍ରୀୟ ଯୋଜନାକୁ ହଡପ କରିବା ଏବଂ ଖୋଦ୍ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ହୋଇଛି ଦର୍ଶାଇ ହିତାଧିକାରୀଙ୍କୁ ଚିଠି ଲେଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହା ବିରୁଦ୍ଧରେ ଆଜି ରାଜ୍ୟର ବିଭିନ୍ନ ବ୍ଲକ ସମ୍ମୁଖରେ ବିଜେପି କାର୍ଯ୍ୟକର୍ତା ମୁଖ୍ୟମନ୍ତ୍ରୀଙ୍କ ପ୍ରବଚଂନା ପୂର୍ଣ୍ଣ ଚିଠିକୁ ଚିରି ସେଥିରେ ନିଆଁ ଲଗାଇବା ସହ ସରକାରଙ୍କ ନାଁରେ ବିଭିନ୍ନ ଥାନାରେ ଥାନାରେ ୪୨୦ ଧାରାରେ ଏତଲା ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୭-୧୮ରେ କେନ୍ଦ୍ର ସରକାର ୬୨୧୮ କୋଟି ଟଙ୍କା ଦେଇଥିବାବେଳେ ବିଜୁ ପକ୍କା ଘର ଯୋଜନାରେ ମାତ୍ର ୬୬୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି ଯାହାକି ମାତ୍ର ୧୦ ପ୍ରତିଶତ ଥିଲା । ୨୦୧୮-୧୯ରେ କେନ୍ଦ୍ର ସରକାର ୪୯୨୫ କୋଟି ଦେଇଥିବାବେଳେ ରାଜ୍ୟ ସରକାର ୮୩୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ଯାହାକି ମାତ୍ର ୧୫ ପ୍ରତିଶତ । ୨୦୧୯-୨୦ରେ କେନ୍ଦ୍ର ସରକାର ୨୭୬୫ କୋଟି ଟଙ୍କା ଅନୁଦାନ ପଠାଇଥିବା ସମୟରେ ରାଜ୍ୟସରକାର ୨୦୮ କୋଟି ଯାହା ମାତ୍ର ୭ ପ୍ରତିଶତ । ସେହିପରି ଘର ନିର୍ମାଣ ହୋଇଥିବା ସମସ୍ତ ଗରିବ ଲୋକଙ୍କର ସୂଚନା ସଂଗ୍ରହ କରାଯାଉଛି । ଏହି ଫର୍ମରେ ଘର ଠିକଣା ଠୁ ଆରମ୍ଭ କରି ବ୍ୟାଙ୍କ ଆକାଉଂଟ ନମ୍ବର, ଆଇଏଫଏସସି କୋର୍ଡ ଇତ୍ୟାଦି ତଥ୍ୟ ସଂଗ୍ରହ କରାଯାଇ କୁହାଯାଉଛି ଯେ, ପଂଚାୟତ ନିର୍ବାଚନ ପୂର୍ବରୁ ତୁମ ଘର ମରାମତି ପାଇଁ ନବୀନ ବାବୁ ୧୦ ହଜାର ଟଙ୍କା ପଠାଇବେ । ଏପରି ଲୋକଙ୍କୁ ଭୂଆଁ ବୁଲାଇ ଆଗାମୀ ନିର୍ବାଚନ ଜିତିବା ପାଇଁ ଅପଚେଷ୍ଟା କରିବା ବିରୁଦ୍ଧରେ ଓଡିଶାର ଜନତା ଜବାବ ଦେବେ । ୨୦୨୨ ସୁଦ୍ଧା ଓଡିଶାର ପ୍ରତିଟି ଯୋଗ୍ୟ ହିତାଧିକାରୀକୁ ପକ୍କା ଘର ଯୋଗାଇବାର ଲକ୍ଷ୍ୟ ଦିଗରେ ବିଜେପି କାର୍ଯ୍ୟ କରିବ । ହିତାଧିକାରୀଙ୍କୁ ଘର ନମିଳିବା ପର୍ଯ୍ୟନ୍ତ ଷ୍ଟିକର ମରା ବା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ବ୍ୟାଙ୍କ ଆକାଉଂଟ ସୂଚନା ସଂଗ୍ରାହକ ଲୋକମାନଙ୍କୁ ଗାଁରେ ପୂରାଇ ନଦେବାକୁ ଦଳ ତରଫରୁ ଆହ୍ୱାନ ଦିଆଯାଇଛି । ଭୁବନେଶ୍ୱର କ୍ୟାପଟାଲ ଥାନାରେ ସରକାରଙ୍କ ନାଁରେ ସିଆରପିସି ସେକସନ ୪୨୦ ଧାରାରେ ଏତଲା ଦିଆଯିବା ସହ ଖୋର୍ଦ୍ଧା ଜିଲ୍ଲାର ଚିଲିକା, ବାଣପୁର, ଗଂଜାମ ଜିଲ୍ଲାର ହିଂଜିଳି, ବୁଗୁଡା, କଟକ ଜିଲ୍ଲାର କଟକ ସଦର, ବାଙ୍କୀ, ମାହାଙ୍ଗା, ସାଲେପୁର, ନିଶ୍ଚିନ୍ତ କୋଇଲି, ସୁନ୍ଦରଗଡ ଜିଲ୍ଲାର କୁଆଁରମୁଣ୍ଡା, ନୂଆଗାଁ, ବିସ୍ରା, ଲାଠିକଟା, ଝାରସୁଗୁଡା ଜିଲ୍ଲାର ଲଇକେରା, କିରମିରା, ଲଖନପୁର, ବଲାଙ୍ଗିର ଜିଲ୍ଲାର ଲୋଇସିଂହା, କେନ୍ଦ୍ରପଡା ଜିଲ୍ଲାର ବଡଚଣା, ଆଳି, ରାଜନଗର, ମାର୍ଶାଘାଇ, ଗରଦପୁର, ଡେରାବିସି ବ୍ଲକ ସମେତ ରାଜ୍ୟର ଯାଜପୁର, ଭଦ୍ରକ, ରାୟଗଡା, ସମ୍ବଲପୁର, ସୋନପୁର, କେଉଁଝର ଜିଲ୍ଲାର ବିଭିନ୍ନ ବ୍ଲକ ସାମ୍ନାରେ ଦୃଢ ପ୍ରତିବାଦ କରିବା ସହ ଥାନାରେ ଏତଲା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ନେତୃବୃନ୍ଦ, ବିଜେପି ବିଧାୟକଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ନିର୍ମାଣ ହେବ ୬କୋଟି ଟଙ୍କାର ମାଛ ମାର୍କେଟ

ପୁରୀ,୩୦।୧୨ (ନି.ପ୍ର): ସ୍ଥାନୀୟ ତାଳବଣିଆଠାରେ ଅତ୍ୟାଧୁନିକ ମାଛ ମାର୍କେଟ ନିର୍ମାଣ ହେବ । ମଙ୍ଗଳବାର ଏ ସଂପର୍କରେ ଜିଲ୍ଲାପାଳ ବଲବନ୍ତ ସିଂ ଏହି ମାର୍କେଟର ଭିତିଭୂମି ନିର୍ମାଣ ସଂପର୍କରେ ଅନୁଧାନ କରିଥିଲେ । ଖୁବଶୀଘ୍ର ଗ୍ରାଉଣ୍ଡ ଫ୍ଲୋର ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ପୌରସଂସ୍ଥାକୁ ସେଠାରେ ଏକ ଅସ୍ଥାୟୀ ମାଛ ମାର୍କେଟ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମଡେଲ ହାଇଜିନିକି ଫିସ୍ ମାର୍କେଟ (ଏମଏଚଏଫଏମ) ନିର୍ମାଣ ପାଇଁ ୬କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ବହୁତଳ ବିଶିଷ୍ଟ ମାର୍କେଟ ନିର୍ମାଣ କରାଯିବ । ୨ଶହ ଜଣ ମାଛ ବ୍ୟବସାୟୀ ଏଥିରେ ମାଛ ବିକ୍ରି କରିବେ । ସେଠାରେ କୌଣସି ଆବର୍ଜନା ନପକାଇବା ପାଇଁ ଏକ କିଲୋମିଟର ପର୍ଯ୍ୟନ୍ତ ସିସିଟିଭି ଲଗାଯିବ ।

## ୧୩ଟି ବଗି ଲାଇନଚ୍ୟୁତ: ଯାତ୍ରୀବାହି ଟ୍ରେନ ବାତିଲ

ଜୟପୁର,୩୦।୧୨ (ନି.ପ୍ର): ମାଲବାହି ଟ୍ରେନ ଆଜି ଭୋର ସମୟରେ ଲାଇନଚ୍ୟୁତ ହୋଇଛି । କିରୋଣ୍ଡଲ ରୁ ଲୁହାପଥର ଧରି ବିଶାଖାପାଟଣା ଅଭିମୁଖେ ଯାଉଥିବା ବେଳେ ଜୟପୁର ନିକଟସ୍ଥ ମାଳିଗୁଡା ଷ୍ଟେସନ ଓ ଜରାଠି ଷ୍ଟେସନ ମଝିରେ ଲାଇନଚ୍ୟୁତ ହୋଇଛି । ଏହି କାରଣ ରୁ ୧୩ଟି ବଗି ଲଇାଇନଚ୍ୟୁତ ହୋଇଛି । ଫଳରେ କିରୋଣ୍ଡଲ-ବିଶାଖାପାଟାଣା ଏକ୍ସପ୍ରେସ ଟ୍ରେନ ବାତିଲ ହେବା ସହ ବିଶାଖାପାଟଣା-କରଣ୍ଡଲ ଟ୍ରେନ କୋରାପୁଟ ରୁ ଫେରିବ ବୋଲି ସୁଚନା ମିଳିଛି । ଏହା ସହ ମାଲ ବାହି ଟ୍ରେନ ମଧ୍ୟ ବାତିଲ ହୋଇଛି । ଘଟଣା ସ୍ଥଳରେ ରେଳ ବିଭାଗର ବୈଷୟିକ ଟିମ ପହଂଚି ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ୨ରେ ଆଦିବାସୀ ଗଣହତ୍ୟାର ୧୫ତମ ବାର୍ଷିକୀ ପାଳନ ପାଇଁ ପିସିସି ସଭାପତିଙ୍କ ଆହ୍ୱାନ

ଭୁବନେଶ୍ୱର,୩୦।୧୨ (ନି.ପ୍ର): ଓଡ଼ିଶାର କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିବା ଯାଜପୁର ଜିଲ୍ଲାର କଳିଙ୍ଗନଗରରେ ସଙ୍ଘଠିତ ବର୍ବୋରଚିତ ଆଦିବାସୀ ଗଣହତ୍ୟାର ୧୫ତମ ବାର୍ଷିକୀ, ଜାନୁଆରୀ ୨ ତାରିଖ ଶନିବାର ଦିନ ରାଜ୍ୟବ୍ୟାପୀ ପ୍ରତ୍ୟେକ ବ୍ଲକ ଓ ମ୍ୟୁନିସିପାଲିଟି ସ୍ତରରେ ପାଳନ ପାଇଁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି । ଠିକ ୧୫ ବର୍ଷ ତଳେ ୨୦୦୬ର ନୂଆ ବର୍ଷର ଦ୍ୱିତୀୟ ଦିନରେ ବିଜୁଜନତା ଦଳ ଓ ଭାରତୀୟ ଜନତା ପାର୍ଟିର ଭାଗୁଆଳି ସରକାରୀ ନିରୀହ ଆଦିବାସୀମାନଙ୍କ ଉପରେ ଗୁଳିଚଳାଇଥିଲା ଓ ଏଥିରେ ୧୬ ଜଣ ଆଦିବାସୀ ଭାଇ ଓ ଭଉଣୀ ମୃତ୍ୟୁବରଣ କରିଥିଲେ । ୬ ମାସର ଅବୋଧ ଶିଶୁର ମା’ ମଧ ବିଜେଡ଼ି-ବିଜେପି ସରକାର ଗୁଳିରୁ ରକ୍ଷା ପାଇନଥିଲା । ଗୋଟିଏ ପଟେ କଂଗ୍ରେସ ନେତୃତ୍ୱାଧୀନ ୟୁ.ପି.ଏ/ ସରକାର ଆଦିବାସୀଙ୍କ ଭିଟାମଟି ଓ ଜମିର ସୁରକ୍ଷା ପାଇଁ ଐତିହାସିକ ଜଙ୍ଗଲ ଅଧିକାର ଆଇନ୍ ଓ ଜମି ଅଧିଗ୍ରହଣ ଆଇନ୍ ଲାଗୁକରିଥିଲା । ଅପରପଟେ ବିଜେଡ଼ି ଓ ବିଜେପିର ଭାଗୁଆଳି ସରକାର ଆଦିବାସୀଙ୍କ ମାନଙ୍କର ଜମି ଛଡ଼େଇନେଲା ଓ ଆଜିର ଦିନରେ ସେହି ଘଟଣାର ପୁନରାବୃତି କରି ଚାଷୀ ମାରଣ ଯଜ୍ଞ ଚଳାଇଛି । ଆଦିବାସୀଙ୍କର ସମ୍ମାନ, ସ୍ୱାଭିମାନ ଓ ସ୍ୱାର୍ଥପାଇଁ କଂଗ୍ରେସ ଦଳ ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ । ଗୁଳିକାଣ୍ଡ ଓ ଆଦିବାସୀ ଗଣହତ୍ୟାର ୧୫ବର୍ଷ ପାଳନ ଅବସରରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ସମସ୍ତ ବ୍ଲକ ଓ ପୌରାଂଚଳରେ କର୍ମୀମାନେ ସକଳା ୧୧ ଘଟିକାରୁ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ଧାରଣାରେ ବସିବେ । ଜିଲ୍ଲା ମହକୁମାରେ ମଧ ଏହି କାର୍ଯ୍ୟକ୍ରମ କରାଯିବ । ସମଗ୍ର ରାଜ୍ୟବାସୀ ଏଥିରେ ସାମିଲ୍ ହେବାକୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଅନୁରୋଧ କରିଛନ୍ତି ।

## ମାଇକ୍ରୋ କମ୍ପୋଷ୍ଟିଂ ସେଂଟର ବୁଲି ଦେଖିଲେ ଜିଲ୍ଲାପାଳ

ପୁରୀ,୩୦।୧୨ (ନି.ପ୍ର): ତାଳବଣିଆ, ମଶାଣୀଚଣ୍ଡୀ ଓ ବଳିଆପଣ୍ଡାଠାରେ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଂଟର (ଏମସିସି) ଜିଲ୍ଲାପାଳ ବଲବନ୍ତ ସିଂ ପରିଦର୍ଶନ କରିଥିଲେ । ତାଳବଣିଆରେ ଗୋଟିଏ, ମଶାଣୀଚଣ୍ଡିରେ ୨ଟି, ବଳିଆପଣ୍ଡାରେ ଗୋଟିଏ ଏମସିସି କାର୍ଯ୍ୟ ଜାନୁଆରୀ ୨୬ ପୂର୍ବରୁ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜାନୁଆରୀ ୨୬ ଜନରାଜ୍ୟ ଦିବସରେ ଏହି କେନ୍ଦ୍ରଗୁଡିକ ଜନତାଙ୍କ ପାଇଁ ଉତ୍ସର୍ଗୀକୃତ କରାଯିବ । ପୁରୀ ପୌରାଂଚଳରେ ୧୧ଟି ଏମସିସି ନିର୍ମାଣ କରାଯିବ । ସେଥିମଧ୍ୟରୁ ୬ଟି କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଉ ୫ଟିର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଶେଷ ହେବ । ସ୍ୱଚ୍ଛସାଥୀମାନେ ଏଥିରେ କାମ କରୁଥିବା ସମୟରେ ଜିଲ୍ଲାପାଳ ଦେଖି ସତର୍କତାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ । କମ୍ପୋଷ୍ଟଗୁଡିକ ରଖିବା ପାଇଁ ଷ୍ଟୋର ରୁମ କରାଯିବ । କୃଷକ ଓ କ୍ରେତାମାନେ କିଭିଳି ଅଧିକ ପରିମାଣରେ କମ୍ପୋଷ୍ଟ କିଣିବେ ସେ ସଂପର୍କରେ ଏକ ବୈଠକ ଖୁବଶୀଘ୍ର ଅନୁଷ୍ଠିତ ହେବ । ଏହାସହ ବଳିଆପଣ୍ଡା ପାର୍କ ଶୀଘ୍ର ଶେଷ କରିବା ପାଇଁ ଜିଲ୍ଲାପାଳ ପୌରସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧରେ ପୌର ଅଧିକାରୀ ବିଜୟ କୁମାର ଦାସ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ ।

## ନେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କୁ ମାଡ

ଆନନ୍ଦପୁର,୩୦।୧୨ (ନି.ପ୍ର): ନେସ୍କୋ ନିର୍ବାହି ଯନ୍ତ୍ରୀ ଚିତରଞ୍ଜନ ମିସ୍ତ୍ରୀଙ୍କ ଉପରେ ଆକ୍ରମଣ ହୋଇଛି । ନନ୍ଦିପଦା ଅଣାଛକରେ ବିଦ୍ୟୁତ ବିଲ୍ ଆଦାୟ ବେଳେ ନିର୍ବାହୀ ଯନ୍ତ୍ରୀଙ୍କୁ ମାଡ ହୋଇଛି । କାଠି ଫାଳିଆରେ ମାଡ ଯୋଗୁ ସେ ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଡ଼ାକ୍ତରଖାନାରେ ଭର୍ତି କରାଯାଇଛି । ନନ୍ଦିପଦା ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ଫେରାର୍ ଥିବା ଜଣାପଡିଛି ।

## ଛାତ୍ରଛାତ୍ରୀଙ୍କ ପାଇଁ ନବୀନ ବାବୁଙ୍କ ଏହା ଏକ ଐତିହାସିକ ପଦକ୍ଷେପ

### ଭଦ୍ରକ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା




ଭଦ୍ରକ,୩୦।୧୨ (ନି.ପ୍ର): ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ବୈଷୟିକ ବିଦ୍ୟାଳୟରେ ପାଠ ପଢିବାରେ ସଂରକ୍ଷଣ ସଂକ୍ରାନ୍ତରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଛାତ୍ରଛାତ୍ରୀଙ୍କ ପାଇଁ ଯେଉଁ ଐତିହାସିକ ଘୋଷଣା କରିଛନ୍ତି ତାହା କାଳକାଳକୁ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଏହା ଦ୍ୱାରା ରାଜ୍ୟର ବହୁ ମେଧାବୀ ଛାତ୍ରଛାତ୍ରୀ ଉପକୃତ ହୋଇ ପାରିବେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଯୁଗୋପଯୋଗୀ ଘୋଷଣାକୁ ଭଦ୍ରକ ଜିଲ୍ଲାର ଯୁବ ଓ ଛାତ୍ର ବିଜେଡି ସ୍ୱାଗତ ଜଣାଇବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଉପଲକ୍ଷେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସନ୍ନିକଟ ପ୍ରାଙ୍ଗଣରେ ଏକ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସଭାପତି ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଡ. ବ୍ୟୋମୋକେଶ ରାୟ, ଭଦ୍ରକ ସାଂସଦ ମଞ୍ଜୁଳତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ରାଜ୍ୟ ସମ୍ପାଦକ ଇଂ ପ୍ରୟାସକାନ୍ତି ସାମଲ ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକ ପିଲାଙ୍କ ଠାରୁ ବୁଢାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହିତ ସାଧନ ଲାଗି ଯୋଜନା ପରେ ଯୋଜନାମାନ କରି ଚାଲିଛନ୍ତି । ଗ୍ରାମାଞ୍ଚଳର ଗରିବ ମେଧାବୀ ଛାତ୍ରଛାତ୍ରୀ ଯେଉଁମାନେ ବୈଷୟିକ ଜ୍ଞାନ ଆହରଣରୁ ବଂଚିତ ହୋଇଯାଉଥିଲେ ସେମାନେ ଏଣିକି ସେମାନଙ୍କର ଜ୍ଞାନର ପରିପ୍ରକାଶ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ପାଇ ପାରିବେ ବୋଲି କହିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବ୍ଲକ ଅଧକ୍ଷ ମଳୟ ଜେନା, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରିନ୍ସ ରାକେଶ ନାୟକ, ଜିଲ୍ଲା ବିଜେଡି ଯୁଗ୍ମ ସମ୍ପାଦକ ରାକେଶ ପଣ୍ଡା, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ତଥାଗଥ ସାମଲ, ଜିଲ୍ଲା ଛାତ୍ରବିଜେଡି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ପୌରପାଳିକା ଯୁବ ବିଜେଡି ସଭାପତି ଆଶିଷ ଅମିତାଭ ମହାପାତ୍ର, ଭଦ୍ରକ ବ୍ଲକ ଯୁବ ବିଜେଡି ସଭାପତି ମହମ୍ମଦ ଫାରାତ୍ ଆଲାମ୍, ପ୍ରାକ୍ତନ କାଉନସିଲର ପ୍ରବୀର ଜେନା, ଲାଲା ଲଳିତ ନାୟକ, ସତ୍ୟ ବେଜ, ଭାରତ ବିଜୟ ଦଲେଇ, ପ୍ରଫୁଲ୍ଲ ବେହେରା, ସେକ୍ ସାଇଫୁଦ୍ଦିନ ପ୍ରମୁଖ ଉପସ୍ଥିତ ରହି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ବିନା ଅନୁମତିରେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ : ୪ ଏଏନଏମ ନିଲମ୍ବିତ

ପୁରୀ,୩୦।୧୨ (ନି.ପ୍ର): ଶ୍ରୀମନ୍ଦିର ସମ୍ମୁଖରେ ଡ୍ୟୁଟି କରୁଥିବା ବେଳେ ବିନା ଅନୁମତିରେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ମହଙ୍ଗା ପଡ଼ିଛି ୪ ଏଏନଏମଙ୍କ ପାଇଁ । ସମ୍ପୃକ୍ତ ୪ ଏଏନଏମଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ।

ଏହି ଏଏନଏମ୍ ମାନେ ମନ୍ଦିର ବାହାରେ ଡ୍ୟୁଟି ପାଇଁ ଅନୁମତି ପାଇଥିଲେ । ଶ୍ରୀମନ୍ଦିରରେ ପ୍ରବେଶ ଅନୁମତି ପାଇଥିବା ଭକ୍ତଙ୍କ ଥର୍ମାଲ୍ ଚେକିଂ ଦାୟୀତ୍ୱରେ ଥିଲେ । ଶ୍ରୀମନ୍ଦିରକୁ ପ୍ରବେଶ ନେଇ ସେମାନଙ୍କୁ କୌଣସି ଅନୁମତି ନଥିଲେ ମଧ ସେମାନେ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ । ଏହି ଘଟଣା ଜଣାପଡିବା ପରେ ୪ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସିଡ଼ିଏମଓ । ଏଠାରେ ଉଲ୍ଲେଖଯୋଗ୍ୟ, ୨୬ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ କେବଳ ପୁରୀ ସହରବାସୀଙ୍କୁ ଦର୍ଶନର ଅନୁମତି ରହିଛି । ଏହା ବ୍ୟତୀତ ୩ ତାରିଖ ଠାରୁ ସାଧାରଣ ଦର୍ଶନାର୍ଥୀଙ୍କୁ ଦର୍ଶନର ଅନୁମତି ମିଳିବ ।

## ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି ସମସ୍ୟାର ସମାଧାନ କରନ୍ତୁ : ମନ୍ତ୍ରୀ

ଭୁବନେଶ୍ୱର,୩୦।୧୨ (ନି.ପ୍ର): ଫସଲ ଉତ୍ପାଦନରେ ବିବିଧିକରଣ କରାଯାଇ ଡାଲି ଓ ତୈଳବୀଜ ପରି ଅର୍ଥକରୀ ଫସଲ ଚାଷ କରାଗଲେ କୃଷକମାନଙ୍କର ଆୟ ବୃଦ୍ଧି ହୋଇପାରିବ । ସମନ୍ୱିତ କୃଷି ସଂପର୍କରେ ଚାଷୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହିତ ମୃତିକା ପରୀକ୍ଷଣ ଓ ଫସଲର ସୁରକ୍ଷା ଦିଗରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧାକୁ ସହଜରେ ଚାଷୀମାନଙ୍କ ନିକଟରେ ପହଂଚାଇବାକୁ ପଡ଼ିବ । ଚାଷୀମାନେ ଠିକ୍ ସମୟରେ ଓ ସଠିକ୍ ପରିମାଣର ଉନ୍ନତ ବିହନ, ସାର ଆଦି କୃଷି ଉପକରଣ ଯେପରି ପାଇବେ ସେଥି ନିମନ୍ତେ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ କୃଷି ଭବନଠାରେ ଆୟୋଜିତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନଙ୍କ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ ସାରର ଚାହିଦା ଓ ଯୋଗାଣ ସଂପର୍କରେ ଆଗୁଆ ପଦକ୍ଷେପ ନେବା ପାଇଁ କହିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ପକ୍ଷରୁ ସାର ଓ କୀଟନାଶକ ଯୋଗାଣ ସଂପର୍କରେ ଯାଂଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ଆଶାୟୀ କୃଷି ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ତାଲିକା ପ୍ରସ୍ତୁତ ସହିତ ସେମାନଙ୍କୁ ଉଦ୍ୟୋଗ ପ୍ରତିଷ୍ଠା କରିବା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ରାଜ୍ୟ ସରକାର କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ ଓ ବହୁଗୁଣିତ କରିବା ପାଇଁ ପ୍ରାଥମିକତା ଦେଇ କୃଷିନୀତି ୨୦୨୦ ‘ସମୃଦ୍ଧି’ ପ୍ରଣୟନ କରିଥିବାବେଳେ ମନ୍ତ୍ରୀ ଡ. ସାହୁ ଏହାର ସଠିକ ରୂପାୟନ ପାଇଁ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନଙ୍କୁ କହିଥିଲେ । ବଳରାମ ଯୋଜନାରେ ହିତାଧିକାରୀମାନେ ଯେପରି ସହଜରେ ଓ ସୁବିଧାରେ ଋଣ ପାଇପାରିବେ ସେଥି ନିମନ୍ତେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରି ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସେ କହିଥିଲେ । ଚାଷୀମାନଙ୍କ ସହିତ ସିଧାସଳଖ ସଂପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରିବା ସହିତ ବ୍ଲକ୍ ସ୍ତରରେ ବୈଷୟିକ ବୈଠକ ଯେପରି ନିୟମିତ ଆୟୋଜନ ହୁଏ ସେଥି ନିମନ୍ତେ ପଦକ୍ଷେପ ନେବାକୁ ମନ୍ତ୍ରୀ ଡ. ସାହୁ ପରାମର୍ଶ ଦେଇଥିଲେ । ବିଭିନ୍ନ ଜିଲ୍ଲାରେ ଭିତିଭୂମି ନିର୍ମାଣ ନିମନ୍ତେ ଦିଆଯାଇଥିବା ଅର୍ଥକୁ ମାର୍ଚ୍ଚ ମାସ ସୁଦ୍ଧା ଖର୍ଚ୍ଚ କରିବାକୁ ମନ୍ତ୍ରୀ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ‘ଆତ୍ମା’ର ପରିଚାଳନା ବୈଠକ ନିୟମିତ ଆୟୋଜନ କରିବା ଉପରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱ ଦେଇଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ କହିଲେ ଯେ ରାଜ୍ୟରେ ସୋରିଷ ତେଲ, କୁଣ୍ଡାତେଲ ଆଦି ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ ଶିଳ୍ପର ଯଥେଷ୍ଟ ସୁଯୋଗ ରହିଥିବାବେଳେ ଚାଷୀମାନଙ୍କୁ ସୋରିଷ, ସୋୟାବିନ୍, ଚିନାବାଦାମ ଏବଂ ଝୋଟ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନଙ୍କୁ ସଚିବ ଡ. ଗର୍ଗ କହିଥିଲେ । ଏଥି ସହିତ ରାଜ୍ୟରେ ମିଲେଟ୍ ମିଶନ୍ ରେ ଅଧିକରୁ ଅଧିକ ମାଣ୍ଡିଆଜାତୀୟ ଫସଲ ଚାଷ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାରଙ୍କ ସମେତ ୩୦ଟି ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

# କିପରି ନେବା ଆଖିର ଯତ୍ନ

ଆଖି ଆମ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ଆଖି ଦ୍ୱାରା ଆମେ ଏଇ ସୁନ୍ଦର ସଂସାର ଦେଖି ପାରୁଛେ କିନ୍ତୁ ବୟସ ବୃଦ୍ଧି ସହିତ ଆଜିର ଲାଇଫଷ୍ଟାଇଲ ଓ ପ୍ରଦୂଷଣ ଯୋଗୁଁ ଖୁବ କମ ବୟସରେ ଲୋକଙ୍କ ଦୃଷ୍ଟି ଶକ୍ତି ହ୍ରାସ ପାଇବାରେ ଲାଗିଛି । ଫଳରେ ଆମକୁ ଚଷମାର ସାହାଯ୍ୟ ନେବାକୁ ପଡୁଛି । ଘରୋଇ ଉପାୟରେ କିପରି ଆଖିର ଯତ୍ନ ନିଆଯାଇପାରିବ ଆସନ୍ତୁ ଜାଣିବା ।

ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଆଖିରେ ସୋରିଷ ତେଲ କିମ୍ବା ଦେଶୀ ଘିଅ ଲଗାନ୍ତୁ ।
ନିୟମିତ ଅନୁଲୋମ-ବିଲୋମ, ପ୍ରାଣାୟମ କରନ୍ତୁ ଏବଂ ସକାଳେ ଖୋଲା ପାଦରେ ଘାସରେ ଚାଲନ୍ତୁ ।
ଅଁଳା ପାଣିରେ ଆଖିକୁ ଧୁଅନ୍ତୁ ।
ଏହା ସହିତ ରାତିରେ ଦୁଇ ଟୋପା ଗୋଲାପ ଜଳ ଆଖିରେ ପକାନ୍ତୁ ।
ଆଖିରୁ ପାଣି ଝରିବା, ଧରିବା ଓ ଦୁର୍ବଳତା ଦେଖାଦେଲେ ରାତିରେ ୮ଟି ବାଦାମ ଭିଜାଇ ସକାଳେ ତାକୁ ବାଟି ପିଇବା ଦ୍ୱାରା ଏପରି ରୋଗରୁ ଉପଶମ ମିଳିଥାଏ ।
ଆଖି ପାଇଁ କଦଳୀ ଓ ଆଖୁ ଲାଭକାରୀ ଖାଦ୍ୟ । ଏକ ଗ୍ଲାସ୍ ଲେମ୍ବୁ ପାଣି ପିଇବା ଦ୍ୱାରା ଆଖି ସମ୍ବନ୍ଧୀୟ ରୋଗରୁ ରକ୍ଷା ମିଳିଥାଏ ।







# କ୍ଷତିକାରକ ନୁହେଁ ମାଇକ୍ରୋୱେଭ୍ ଖାଦ୍ୟ

କର୍ମଜଞ୍ଜାଳଭରା ଜୀବନଶୈଳୀରେ ସମସ୍ତେ ତରବର ହୋଇ କାମ ଶେଷ କରିବାକୁ ଚାହୁଁଛନ୍ତି । ଏଣୁ ଫ୍ରିଜ୍ ଖାଦ୍ୟ ହେଉ କିମ୍ବା ବାହାରେ ରହି ଶୀତଳ ହୋଇଯିବା ଖାଦ୍ୟକୁ ଯଥା ଶୀଘ୍ର ଗରମ କରି ଖାଇବା ନିମନ୍ତେ ମାଇକ୍ରୋୱେଭ ବ୍ୟବହାର ସର୍ବୋତ୍ତମ । ତେବେ ଅନେକ ଷଲାକଙ୍କର ଧାରଣା ଯେ ମାଇକ୍ରୋୱେଭ ଗରମ ଖାଇଲେ ସ୍ୱାସ୍ଥ୍ୟ ହାନି ହୋଇଥାଏ । ଦିଲ୍ଲୀର ନାମକରା ଖାଦ୍ୟ ବିଶେଷଜ୍ଞ ଜୟ ସିହ୍ନାଙ୍କ ମତରେ, ସଠିକ୍ ଭାରବେ ମାଇକ୍ରୋୱେଭ ଖାନ୍ୟର ଉପଯୋଗରେ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପଡ଼େନାହିଁ । ବରଂ ମାଇକ୍ରୋୱେଭରେ ଖାଦ୍ୟ ଗରମ କଲେ, ସେଥରେ ପୋଷକତତ୍ତ୍ୱ ଭଲ ଭାବେ ମହଜୁଦ ରହେ । ୨ଦିନ ପର୍ଯ୍ୟନ୍ତ ବାସି ଖାଦ୍ୟକୁ ମାଇକ୍ରୋୱେଭରେ ଗରମ କରି ଖଶଇହେବ । ଅଧିକ ଦିନ ବାସି ଖାଦ୍ୟକୁ ମାରଇକ୍ରୋୱେଭ କରିବା ଅନୁଚିତ ବୋଲି ବିଶେଷଜ୍ଞଙ୍କ ମତ୍ । ଏହା ସହଂ ମାଇକ୍ରୋୱେଭ ପାଇଁ ଉପଯୁକ୍ତ ବାସନରେ ହିଁ ଖାଦ୍ୟ ଗରମ କରିବା ଉଚିତ । ବିଶ୍ୱର ଅନ୍ୟ ରାଷ୍ଟ୍ର ତୁଳନାରେ ଜାପାନ ବାସିନ୍ଦା ସର୍ବାଧିକ ମାଇକ୍ରୋୱେଭ ଖାଦ୍ୟ ସେବନ କରନ୍ତି । ଏହା ସେମାନଙ୍କ ଦୀର୍ଘାୟୁର ପ୍ରକୃଷ୍ଟ ଉଦାହରଣ ।




# ମାନସିକ ଚାପର ନିରାକରଣ

ମାନସିକ ଚାପ ଆମ ସମସ୍ତଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ଏହା କୌଣସି ସମୟ ଦେଖିନଥାଏ । ଯେତେବେଳେ ଆମେ ଦରକାରଠାରୁ ଅଧିକ ଭାବିଥାଉ, ସେହି ସମୟରେ ଆମେ ମାନସିକ ଚାପକୁ ଜନ୍ମ ଦେଇଥାଉ । ତେଣୁ ଆସନ୍ତୁ ଜାଣିବା ଏହାର ନିରାକରଣ ସମ୍ପର୍କରେ-

♦ପ୍ରତିଦିନ ବ୍ୟାୟାମ କରିବା ଦ୍ୱାରା ଶରୀରର ଏଣ୍ଡ୍ରୋଫିନ୍ ଦୂର ହୋଇଥାଏ ଯାହା ଫଳରେ ଶରୀର ସୁସ୍ଥ ରହିବା ସହ ମସ୍ତଷ୍କ ସ୍ଥିର ରହେ ।
♦ଯେତେବେଳେ ଆପଣ ମାନସିକ ଚାପରେ ରହୁଛନ୍ତି ସେହି ସମୟରେ ଅତ୍ୟଧିକ ମିଠା ଏବଂ ଫାଷ୍ଟଫୁଡ୍‌ଠାରୁ ଦୂରେଇ ରୁହନ୍ତୁ । କେବଳ ଶରୀର ପାଇଁ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ ।
♦ମାନସିକ ଚାପରୁ ଦୂରେଇ ରହିବାକୁ ହେଲେ ବ୍ୟସ୍ତବହୁଳ ଜୀବନରୁ ନିଜ ପାଇଁ ସମୟ କାଢ଼ନ୍ତୁ । ସାଙ୍ଗ ଏବଂ ପରିବାର ସହ ସମୟ ବିତାନ୍ତୁ ।



# ରକ୍ତଚାପ ମାପୁଥିବା ସ୍ମାର୍ଟଘଣ୍ଟା




କଚଟିରେ ପିନ୍ଧିବା ପରେ ରକ୍ତଚାପ ମାପି ପାରୁଥିବା ବିଶ୍ୱର ପ୍ରଥମ ସ୍ମାର୍ଟ ଘଣ୍ଟା ପ୍ରସ୍ତୁତ ହୋଇଛି । ଓମରନ କମ୍ପାନୀ ଏହି ଘଣ୍ଟା ପ୍ରସ୍ତୁତ କରିଥିବା ବେଳେ ଏହା ରାତିସାରା ହୃତସ୍ପନ୍ଦନ ଏବଂ ନିଦ ଠିକ୍ ହେଉଛି କି ନାହିଁ ବୋଲି ମାପି ଜଣାଇପାରୁଛି । ତେବେ ଶୋଇଥିବା ବେଳେ ମଣିଷର ରକ୍ତଚାପରେ କୌରସି ପରିବର୍ତ୍ତନ ହେଲେ, ତାହା ଏହି ଘଣ୍ଟା ଜାରିପାରୁନାହିଁ । ଏକ ଆପ୍ ସହାୟତାରେ ଏହି ଘଣ୍ଟା ପରିଚାଳିତ ହେଉଥିବା ବେଳେ ବ୍ୟବହାରକାରୀ ସେମାନଙ୍କ ରକ୍ତଚାପର ରେକର୍ଡ ଏବଂ ହୃତସ୍ପନ୍ଦନ ସହିତ ନିଦର ରେକର୍ଡ ରଖିପାରିବେ । ଆମେରିକାର ଏଫଡିଏ ଏହି ଘଣ୍ଟାକୁ ଅନୁମୋଦନ ଦେଇସାରିଛି । ଖୁବ୍ ଶୀଘ୍ର ଏହା ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

# ରଙ୍ଗିନ୍ ସହର

ପ୍ରଥମ ନଜରରେ କେହି ଯଦି ଏହି ସହରମାନଙ୍କୁ ନେଖେ ତେବେ ସେ ସହଜରେ ବିଶ୍ୱାସ କରିପାରିବ ନାହିଁ କି, ଏହା କେତେ ଦୂର ସତ । କାରଣ ଏହି ସହରକୁ ଦେଖିଲେ ଲାଗେ, ଯେପରି କେହି ଆର୍ଟିଷ୍ଟ ଏହାକୁ ପେଣ୍ଟିଂ କରିଛି କିମ୍ବା ଏହା କୌଣସି ସ୍କ୍ରିନରେ ଚାଲୁଥିବା ଭିଜୁଆଲ । କିନ୍ତୁ ଫଟୋରେ ଦେଖାଯାଉଥିବା ଏହି ସହରଟି ଏକଦମ ନାଚୁରାଏ । ଯାହା ପୃଥିବୀର ଭିନ୍ନଭିନ୍ନ ଭାଗରେ ରହିଛି । ଏହାକୁ ଦୁନିଆର ସବୁଠାରୁ ଅଧିକ ରଙ୍ଗିନ ସହରର ଭାବେ ଜଣାଯାଏ । ଏହି ରଙ୍ଗିନ ସହରମାନଙ୍କ ମଧ୍ୟରେ ଭାରତ ବି ରହିଛି । ତେବେ ରଙ୍ଗିନ ସହରମାନଙ୍କ ମଧ୍ୟରେ ଭାରତ ବି ରହିଛି । ତେବେ ରଙ୍ଗିନ ସହରମାନଙ୍କ ମଧ୍ୟରେ ଭାରତ ବି ରହିଛି । ତେବେ ରଙ୍ଗିନ ସହରର ଗଣତି ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି, ପୋଲାଣ୍ଡ ସହରର ବ୍ରେକଲା । ଏଠାକାର ଘରର ଡିଜାଇନ ଏବଂ ଏହାର ରଙ୍ଗ ଏକ ଭିନ୍ନ ରୂପ ଦେଇଥାଏ । ଏହାବ୍ୟତୀତ ଇଟାଲି ଏବଂ ଜାପାନ ଭଳି ଦେଶର ସହରଗୁଡ଼ିକ ରଙ୍ଗିନ ସହରର ସ୍ଥାନରେ ରହିଛି ।





# ଫେସବୁକ୍‌କୁ ନା

ସୋସିଆଲ ସାଇଡ୍ ଫେସବୁକ୍ ଯାହା ସବୁବର୍ଗର ପୀଢ଼ିକୁ କିମିଆ କରି ରଖିଛି । ଫେସବୁକର କ୍ରେଜ୍ ବେଶି ଭାରତରେ ହିଁ ଦେଖିବାକୁ ମିଳେ । ତେବେ କେତେକ ଦେଶ ଏପରି ଅଛନ୍ତି, ଯେଉଁଠାରେ କୌଣସି ନା କୌଣସି କାରଣରୁ ଫେସବୁକ୍ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଏହି ବ୍ୟାନ୍ ଦେଶମାନଙ୍କ ମଧ୍ୟରେ ଭାରତର ପଡ଼ୋସି ଦେଶ ପାକିସ୍ତାନ ବି ରହିଛି । ୨୦୧୦ ରେ ଫେସବୁକ୍ ପେଜରେ ପ୍ୟାଗମ୍ବର ସାହବଙ୍କୁ ଦର୍ଶାଇ ବିବାଦୀୟ କାର୍ଟୁନ୍ ପୋଷ୍ଟ କରାଯାଇଥିଲା । ତେବେ ଏହି ଫଟୋକୁ ନେଇ ସେଠାରେ ଏତେ ବିବାଦ ବଢ଼ିଯାଇଥିଲା, ଯାହା ଫଳରେ ପାକିସ୍ତାନ ଦୁଇ ସପ୍ତାହ ନିମନ୍ତେ ଫେସବୁକ୍ ଉପରେ ବ୍ୟାନ୍ ଲଗେଇଦେଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ଦେଶରେ ପୁଣି ଚାଲୁ କରାଯାଇଥିଲା ।

# କେଶ ଅଧିକ ଝଡୁଥିଲେ



ବର୍ଷାଦିନେ ଉଭୟ ଯୁବତୀ ଓ ମହିଳାଙ୍କର ସାମାନ୍ୟ ଅଧିକ କେଶ ଝଡ଼ା ହୋଇଥାଏ। ଏଥିନିମନ୍ତେ ବ୍ୟସ୍ତବିବ୍ରତ ନ ହୋଇ ବରଂ ଘରୋଇ ଉପଚାର କରିବା ଉଚିତ୍।

♦ଅଣ୍ଡାର ଧଳା ଅଂଶକୁ ଏକ ପାତ୍ରରେ ନେଇ ସେଥିରେ ୨ ଚାମଚ ଅଲିଭ ତେଲ ମିଶାଇବେ। ତାହାକୁ ପ୍ୟାକ୍ ଭଳି କେଶ ମୂଳରେ ଲଗାଇ ୨୦ ମିନିଟ୍ ପରେ ଶ୍ୟାମ୍ପୁ କରନ୍ତୁ। ସପ୍ତାହକୁ ୨ଥର ଏଇ ଉପାୟ କରିବାପରେ ଦେଖିବେ କେଶଝଡ଼ା ହ୍ରାସ ପାଇଛି।
♦ଗୋଟିଏ ପାତ୍ରରେ ମେଥିଦାନାକୁ ଭିଜାଇ ପୂରା ରାତି ରଖନ୍ତୁ। ସକାଳୁ ସେହି ପାଣିକୁ ଛାଣି ବାଲଟିଏ ପାଣିରେ ମିଶାଇ କେଶ ଧୁଅନ୍ତୁ। ଏଇ ପାଣି କେଶ ମୂଳକୁ ଶକ୍ତ କରିବା ସହ ଅକାଳପକ୍ୱତାରୁ ରକ୍ଷା କରେ।
♦ଦହିକୁ କେଶମୂଳରେ ଲଗାଇ ୧୫ ମିନିଟ୍ ଶାମ୍ପୁ କରିନେବେ। ଏହା ମଧ୍ୟ କେଶ ଝଡ଼ାରୁ ରୋକିବା ସହ କେଶର ଘନତ୍ୱ ବଢ଼ାଇଥାଏ।
♦ନଡ଼ିଆ ପାଣିକୁ ତୁଳାରେ ନେଇ କେଶମୂଳରେ ଲଗାଇ କିଛି ସମୟ ପରେ କେଶ ଧୁଅନ୍ତୁ। କେଶ ଝଡ଼ିବାର ରକ୍ଷା ପାଇବା ନିମନ୍ତେ ଏହା ଏକ ସର୍ବୋତ୍କୃଷ୍ଟ।

# ଏଠାକୁ ବୁଲିବାକୁ ଆସୁଥିଲେ ଏଲିୟନ

ପବିତ୍ର ନର୍ମଦା ନଦୀ ଅମରକଣ୍ଟକରୁ ୧୩୦୦କି.ମି ଦୂରରେ ଅବସ୍ଥିତ । ନର୍ମଦା ନଦୀକୁ ବିଶ୍ୱର ସବୁଠୁ ପ୍ରାଚୀନ ନଦୀଗୁଡ଼ିକ ମଧ୍ୟରେ ଗଣାଯାଏ । ନର୍ମଦା ନଦୀରେ ଡାଇନୋସରର ଅଣ୍ଡା ବି ମିଳିଥିଲା । ଏଠାରେ ଅନେକ ବିଶାଳକାୟ ପ୍ରଜାତିର ଜୀବଙ୍କ କଙ୍କାଳ ବି ମିଳିଛି । ଅନୁମାନ କରାଯାଉଛି ଏହି ନଦୀ କୂଳରେ ଏଲିୟନ ବି ବୁଲିବାକୁ ଆସୁଥିଲେ । ରାୟସେନର ପାଖାପାଖି ୭୦ କିଲୋମିଟର ଦୂରରେ ଘଞ. ଜଙ୍ଗଲର ଶୈଳଚିତ୍ର ଗୁଡ଼ିକର ଆଧାରରେ ଏହା ଅନୁମାନ କରାଯାଇଛି । ସେତେବେଳେ ଚିତ୍ରକରଙ୍କ ଦ୍ୱାରା ଅଙ୍କା ଯାଇଥିବା ଶୈଳଚିତ୍ରରୁ ଜଣାପଡୁଛି ଯେ ଏଠାକୁ ଅନ୍ୟ ଗ୍ରହଣ ପ୍ରାଣୀ ଏଲିୟନ ବି ଆସୁଥିଲେ । ଆଦିମମାନବଙ୍କ ଦ୍ୱାରା ଅଙ୍କିତ ଏହି ପର୍ବତମାନଙ୍କର ଚିତ୍ରରେ ଏମିତି କିଛି ଏଲିୟନ ପରି ଜୀବର ଛବି ରହିଛି । ଅନୁମାନ କରାଯାଉଛି ଏହି ଶୈଳଚିତ୍ର ପାଖାପାଖି ୩୫ ହଜାର ବର୍ଷ ତଳର । ଆଉ ମଧ୍ୟ ଆଶା କରାଯାଉଛି କି ଦ୍ୱିତୀୟ ଗ୍ରହର ଜୀବ ଏହି ନର୍ମଦା ଘାଟିର ପ୍ରାଗ୍ ଐତିହାସିକ ମାନବଙ୍କ ସହ କିଛି ନା କିଛି ସମ୍ବନ୍ଧ ରହିଥିଲା ।



# ପୁନର୍ଜନ୍ମ ପାଉଥିବା ଜୀବ

ଏହି ଜୀବଟି ମରିଗଲେ ବି ପୁଣି ଜୀବନ ଫେରିଯାଇପାରେ ଏବଂ ଜଳ ସହିତ ସ୍ଥଳ ଭାଗରେ ମଧ୍ ବାସ କରିପାରେ ମେକ୍ସିକୋ ହ୍ରାଦରେ ଦେଖାଯାଉଥିବା ଏହି ମେକସିକାନ୍ ଏକ୍ସୋଲେଟଲ ବୈଜ୍ଞାନିକମାନଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି । ଝିଟିପିଟି ଏବଂ ମାଛ ଉଭୟ ଆକୃତି ସହ ସାମଞ୍ଜସ୍ୟ ରଖୁଥିବା ଏହି ଜୀବନର ଅଙ୍ଗ କଟିଗଲେ କିମ୍ବା ଛିଡ଼ିଗଲେ ସେଠାରେ ପୁଣି ଆପେ ସୃଷ୍ଟି ହୋଇଯାଏ । ଏପରିକି କୌରସି ଅଙ୍ଗ ଗୁରୁତର ଭାବେ କଟିଯାଇଥିଲେ ମଧ ହାଡ, ମାଂସ ଏବଂ ଶିରା ସହିତ ଏହା ସେହି ସ୍ଥାନରେ ସପ୍ତାହେ ମଧ୍ୟରେ ସୃଷ୍ଟି ହୋଇ ଜୀବଟି ହୃଷ୍ଟପୁଟ୍ଟେ ହୋଇଯାଇଥାଏ । କ୍ଷତର ଚିହ୍ନବର୍ଣ୍ଣ ରହେନାହିଁ । ହାଡରେ ଆଘାତ ଲାଗିଥିଲେ ବି ଏହା ଭାଙ୍ଗି ନଥାଏ ତେବେ ଏକ୍ସୋଲେଟଲ ସାଧାରଣ ଭାବେ ଚଲାବୁଲା କରିପାରେ । ପ୍ରାୟ ୧୫୦ବର୍ଷ ହେବ ବୈଜ୍ଞାନିକମାନେ ଏହି ଜୀବର ଅସାଧାରଣ ଜୈବିକ କ୍ରିୟା ସମ୍ପର୍କରେ ଜାଣିବା ଲାଗି ଗବେଷଣା ଜାରି ରଖିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ଏହି ଛୋଟ ଜୀବର ଜିନୋ ମଣିଷଠାରୁ ମଧ ବଡ଼ । ଏହା ଶରୀରରେ ୩୨ହଜାର ମିଲିଅନ୍ ଡିଏନଏ ରହିଛି ଯାହା ମଣିଷ ତୁଳନାରେ ଦଶଗୁଣ ଅଧିକ । ଏକ୍ସୋଲେଟଲର ସ୍ଥିତି ବିପଦପୂର୍ଣ୍ଣ ରହିଛି । ତେବେ ଏହି ଜୀବର ପ୍ରଜନନ ପ୍ରକ୍ରିୟା ଖୁବ ସହଜ ଥିବାରୁ ବୈଜ୍ଞାନିକମାନେ ଏମାନଙ୍କ ସଂଖ୍ୟା ବୃଦ୍ଧି ଦିଗରେ ଲାଗିଛନ୍ତି ।



# ତେନ୍ତୁଳିର ଉପଯୋଗିତା

ଦକ୍ଷିଣ ଭାରତୀୟ ଖାଦ୍ୟରେ ତେନ୍ତୁଳିର ପ୍ରୟୋଗ ପ୍ରାୟତଃ ହୋଇଥାଏ । ଏହା ସେଠା ରାନ୍ଧୁଣିଆଙ୍କ ମୁଖ୍ୟ ମସଲା । ତେନ୍ତୁଳିକୁ ସେମାନେ ଭାତ, ଡାଲି ସମ୍ବର, ଚଟଣି, ତରକାରିରେ ମଧ ପ୍ରୟୋଗ କରନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ତେନ୍ତୁଳିର ଅନେକ ଉପଯୋଗିତା ରହିଛି ।
ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ନିମନ୍ତେ ଏହା ଏକ ଉତ୍ତମ ପୋଷକ । ହୃଦରୋଗରୁ ବର୍ତ୍ତିବାକୁ ଚାହୁଁଥିଲେ ନିୟମିତ ଭାବେ ଦ୍ୱିପ୍ରହର ଅବା ସକାଳ ଜଳଖିଆରେ ତେନ୍ତୁଳିର ବ୍ୟବହାର କରିବା ଉଚିତ ।
ମଧୁମେହ ରୋଗୀଙ୍କ ନିମନ୍ତେ ଏହା ଏକ ମହୌଧି ଅଟେ । ଭିଟାମିନ୍ ସି' ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରପୂର ତେନ୍ତୁଳି ଅଂଶୁଘାତରୁ ମଧ ଶରୀରକୁ ରକ୍ଷା କରିଥାଏ । ଏଣୁ ଗ୍ରୀଷ୍ମଦିନେ ତେନ୍ତୁଳି ଚକଟାର ଅବାଶ୍ୟକତା ବହୁତ ଅଧିକ ।
ଭୋକର କ୍ଷମତା ବଢ଼ାଉଥିବା ଏଇ ତେନ୍ତୁଳି ଓଜନ ହ୍ରାସ ନିମନ୍ତେ ମଧ ଜରୁରୀ । ନିୟମିତ ଭାବେ ତେନ୍ତୁଳି ଭୋଜନରେ ବ୍ୟବହାର କଲେ ତାହା କେଶ ଓ ତ୍ୱଚା ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।



# ଖାଦ୍ୟ ଉପରେ ଲୁଣ ଛିଞ୍ଚିବା କ୍ଷତିକାରକ

ଆମମାନଙ୍କ ମଧ୍ୟରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ଖାଇବା ଉପରେ ଲୁଣ ଛିଞ୍ଚିଥାନ୍ତି । ବିଶେଷକରି ଭାତ ଉପରେ ଅନେକ ଲୋକ ଲୁଣ ଛିଞ୍ଚିଥାନ୍ତି । ଯେଉଁମାନେ ଏଭଳି କାର୍ଯ୍ୟରେ ଅଭ୍ୟସ୍ତ, ସେମାନଙ୍କ ପାଇଁ ଖରାପ ଖବର । ଖାଦ୍ୟ ଉପରେ ଲୁଣ ଛିଞ୍ଚି ଖାଇଲେ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖାଯାଇଥାଏ । ଲୁଣ ଲଭଳି ଏକ ଜିନିଷ ଯାହାର ସେବନ ଉପଯୁକ୍ତ ମାତ୍ରାରେ ଏବଂ ଉପଯୁକ୍ତ ସମୟରେ ହେବା ଆବଶ୍ୟକ । ନଚେତ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଫ୍ୟାନମାନେ ବ୍ୟଥିତ...

ତାମିଲ ସୁପରଷ୍ଟାର ରଜନୀକାନ୍ତ ରାଜନୀତିକ ଦଳ ଗଠନ ଓ ରାଜନୀତିରେ ପ୍ରବେଶ କରିବା ଲାଗି ଚଳିତ ମାସ ପ୍ରଥମ ସପ୍ତାହରେ କରିଥିବା ଘୋଷଣାରୁ ଓହରି ଯାଇଛନ୍ତି ଓ ଏହା କେବଳ ତାମିଲନାଡୁ ଅବା ଦାକ୍ଷିଣାତ୍ୟ ରାଜ୍ୟସମୂହ ନୁହେଁ, ଦେଶ ବିଦେଶରେ ଥିବା ତାଙ୍କର ଅଗଣିତ 'ଫ୍ୟାନ୍'ମାନଙ୍କୁ ବ୍ୟଥିତ କରିଛି। ସ୍ୱାସ୍ଥ୍ୟଗତ କାରଣରୁ ରଜନୀକାନ୍ତ ଏଭଳି ନିଷ୍ପତ୍ତି ନେଇଥିବା ସାମାଜିକ ଗଣମାଧ୍ୟମ ଆକାଉଂଟରେ ଜଣାଇଛନ୍ତି। ଡିସେମ୍ବର ୩୧ ତାରିଖ ଦିନ ସେ ନିଜର ରାଜନୈତିକ ଦଳ ଘୋଷଣା କରିବେବୋଲି ଇତିପୂର୍ବରୁ ଚଳିତମାସ ତିନି ତାରିଖରେ ସୂଚାଇବା ପରେ ଦୀର୍ଘ ବର୍ଷ ଧରି ଏଥିପାଇଁ ପ୍ରତୀକ୍ଷା କରି ଆସିଥିବା ତାଙ୍କର ଲକ୍ଷ ଲକ୍ଷ ମୁଗ୍ଧ ପ୍ରଶଂସକ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। କିନ୍ତୁ ହଠାତ୍ ଫିଲ୍ମ ସୁଟିଂ ସେଟରେ ଅସୁସ୍ଥ ହୋଇ ହାଇଦ୍ରାବାଦରେ ଏକ ହସପିଟାଲରେ ଭର୍ତ୍ତିହେବା ତାଙ୍କ ନିଷ୍ପତ୍ତିକୁ ବଦଳାଇ ଦେଇଛି। ତାଙ୍କର ଏହି ସ୍ୱାସ୍ଥ୍ୟ ଖରାପକୁ ସେ ପ୍ରତ୍ୟକ୍ଷ ରାଜନୀତିରେ ପାଦ ନଥାପିବା ନିମନ୍ତେ ଈଶ୍ୱରଙ୍କ ଚେତାବନୀ ବୋଲି ଦର୍ଶାଇଛନ୍ତି। ତାଙ୍କର ଏତାଦଶୃ ନିଷ୍ପତ୍ତି ପ୍ରଶଂସକମାନଙ୍କୁ ଯେତେ ବ୍ୟଥିତ କଲେ ସୁଦ୍ଧା ଏହା ଯେ ବାସ୍ତବତା ଦୃଷ୍ଟିରୁ ଯଥାର୍ଥ, ତାହା ବିଳମ୍ବରେ ହେଲେ ସୁଦ୍ଧା ସୁପରଷ୍ଟାର ରଜନୀକାନ୍ତ ହୃଦୟଙ୍ଗମ କରିଛନ୍ତି। ସତୁରି ବର୍ଷ ବୟସରେ ଏବଂ କିଡନୀ ପ୍ରତିରୋପଣ ପରେ ରାଜନୀତିର ଅସ୍ଥିର ଜଳ ମଧ୍ୟରେ ସେ ପ୍ରବେଶ ନକରିବା ଯେତିକି ଉଚିତ୍, ସେତିକି ବାସ୍ତବଧର୍ମୀ। ଏହା ହୁଏତ ତାଙ୍କ ଲୋକପ୍ରିୟତାକୁ କାଏମ ରଖିବାରେ ସହାୟକ ହେବ। ଦକ୍ଷିଣ ଭାରତ ଏବଂ ବିଶେଷକରି ତାମିଲନାଡୁ ରାଜନୀତି ସହ ଚଳଚ୍ଚିତ୍ର କଳାକାରଙ୍କ ସଂପର୍କ ବେଶ୍ ଘନିଷ୍ଠ। ଏମ୍. କରୁଣାନିଧିଙ୍କଠାରୁ ଆରମ୍ଭ କରି ଏମ୍.ଜି ରାମଚନ୍ଦ୍ରନ, ଜେ.ଜୟଲଳିତାଙ୍କ ପର୍ଯ୍ୟନ୍ତ ଏକାଧିକ ଲୋକପ୍ରିୟ ଅଭିନେତା ରାଜନୀତିରେ ଯଥେଷ୍ଟ ସଫଳତା ହାସଲ କରିଛନ୍ତି। ଏହା ସହିତ ବିଫଳତା ଓ ନିନ୍ଦା ମଧ୍ୟ। ଚଳଚ୍ଚିତ୍ର ଏକ ଲୋକପ୍ରିୟ ମାଧ୍ୟମ ଏବଂ ରୁପେଲି ପର୍ଦ୍ଦା ଉପରେ ଅଭିନୟ କରୁଥିବା କଳାକାରମାନଙ୍କୁ ବାସ୍ତବ ଜୀବନରେ ରାଜନୀତି କ୍ଷେତ୍ରରେ ସଫଳ ହେବା ସକାଶେ ଯେ କଠିନ ଶ୍ରମ ଓ ସମୟ ଶ୍ରାଦ୍ଧ କରିବାକୁ ପଡ଼ିବ ତାହା କାହାକୁ ଅଛପା ନାହିଁ। ରଜନୀକାନ୍ତ ନିଜ ଅଭିନୟରେ ଯାଦୁକରୀ ପ୍ରଭାବ ବଳରେ ସାରା ଦେଶରେ ଓ ଦେଶ ବାହାରେ ଅସଂଖ୍ୟ ପ୍ରଶଂସକ ସୃଷ୍ଟି କରିଛନ୍ତି। ଏବଂ, ପ୍ରତ୍ୟକ୍ଷ ରାଜନୀତିରେ ପାର୍ଶ୍ୱ ଆସନ ଗ୍ରହଣ କରି ମତମନ୍ତବ୍ୟ ଦେବାଠାରୁ ନିଜ ପ୍ରିୟ ଦଳ ଓ ନେତାଙ୍କୁ ସମର୍ଥନ କରିବା ଲାଗି ଖୁବ୍ ଜଣାଶୁଣା। ଏପରିକି ତାଙ୍କରି ଗୋଟିଏ ପଦ କଥାରେ ଜୟଲଳିତା ନିର୍ବାଚନ ହାରିଯିବା କଥା ସେ ସ୍ୱୟଂ ସ୍ୱୀକାର କରନ୍ତି। କିନ୍ତୁ ଭାରତୀୟ ରାଜନୀତିରେ ପ୍ରତି ମୁହୂର୍ତ୍ତରେ ଯେଉଁ କାୟିକ ପରିବର୍ତ୍ତନ ଘଟିଚାଲିଛି ସେଥିରେ ୭୦ବର୍ଷ ବୟସରେ କୌଣସି ଅଭିନେତା ନିଜର ଲୋକପ୍ରିୟତାକୁ ପୁଂଜି କରି ନିର୍ବାଚନ ଜିଣିବା ଅବା ରାଜନୀତିରେ ନିଜର ପତିଆରା ପ୍ରତିଷ୍ଠା କରିବା ସମ୍ଭବତଃ ଅସମ୍ଭବ। ଏ କଥାର ଉଦାହରଣ ନେବାକୁ ହେଲେ ଆମକୁ ଅମିତାଭ ବଚ୍ଚନଙ୍କଠାରୁ ଆଉ କେହି ଉପଯୁକ୍ତ ବ୍ୟକ୍ତି ମିଳିବେ ନାହିଁ। ରଙ୍ଗୀନ ପର୍ଦ୍ଦାର ଅଭିନୟ ଏବଂ କ୍ଷମତା/ନିର୍ବାଚନ ରାଜନୀତିରେ ମଟାଳ ମାଟି ପରସ୍ପରଠାରୁ ସଂପୂର୍ଣ୍ଣ ଭିନ୍ନ। ତାମିଲନାଡୁ ରାଜନୀତିରେ ଏବେ ଏମଜିଆର, ଏମ୍.କରୁଣାନିଧି କିମ୍ବା ଜୟଲଳିତାମାନେ ନାହାଁନ୍ତି। ସେମାନେ ମଧ୍ୟ ନିଜ ରାଜନୈତିକ କ୍ୟାରିଅରରେ ଅନେକ ଉତ୍ଥାପନ ପତନ ଦେଖିଥିଲେ। କିନ୍ତୁ ସେମାନେ ଉଚିତ ଅବସରରେ ଓ ବୟସରେ ରାଜନୀତିକୁ ଓହ୍ଲାଇଥିଲେ। ହୁଏତ ବର୍ତ୍ତମାନର ସ୍ଥିତିରେ ସେମାନେ ମଧ୍ୟ ବଂଚିଥିଲେ ପୁଣି ଥରେ ରାଜନୀତିରେ ପାଦ ଥାପିବାକୁ ଆଉ ଥରେ ଚିନ୍ତା କରନ୍ତେ। କୁହାଯାଏ, ରାଜନୀତି ହେଉଛି ଅସାଧୁ ଲୋକମାନଙ୍କ ଶେଷ ଆଶ୍ରୟସ୍ଥଳ, ଆଉ ଅବା କିଏ କହେ ରାଜନୀତି ହେଉଛି ଶ୍ରେଷ୍ଠ ନୀତି ଓ ଜନସେବା କରିବାର ଉପଯୁକ୍ତ କ୍ଷେତ୍ର। କିନ୍ତୁ ଏକଥା ସତ ଯେ, ଏଠାରେ ଉଭୟ ଶ୍ରଦ୍ଧା ଓ ନିନ୍ଦା ଅଛି। ସଫଳତା ଓ ବିଫଳତା ଅଛି। ରଜନୀକାନ୍ତ କିନ୍ତୁ ସେ ଅବସର ହରାଇ ସାରିଛନ୍ତି। ୧୯୯୬ ମସିହାରେ ଯେତେବେଳେ ସେ ପ୍ରଥମେ ରାଜନୀତିରର ମୈଦାନକୁ ଆସିବେ ବୋଲି ଇଚ୍ଛା ପ୍ରକଟ କରିଥିଲେ, ତାହା ହୁଏତ ତାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଓ ପ୍ରକୃଷ୍ଟ ଅବସର ଥିଲା। ତାହା କିନ୍ତୁ ସେ ହରାଇ ସାରିଛନ୍ତି। ଅଭିନୟ ସଫଳତାର ପୁଂଜି ଓ ଲୋକପ୍ରିୟତାକୁ ଏବେ ରାଜନୀତିରେ ଖଟାଇ ରିସ୍କ ନେବା ତାଙ୍କ ଭଗ୍ନ ସ୍ୱାସ୍ଥ୍ୟ ଓ ପରିଣତ ବୟସରେ ଉଚିତ୍ ନିଷ୍ପତ୍ତି ହୋଇନପାରେ। ତେଣୁ ଶେଷ ମୁହୂର୍ତ୍ତରେ ସେ ବଦଳାଇଥିବା ମତ ହୁଏତ ଯଥାର୍ଥ।




## ମାରାତ୍ମକ ମହାମାରୀ...

### ବିକ୍ରମ କୁମାର ମହାରଣା

ବିଶାଳ ରୂପ ଧରି
ଆସୁଛି କରୋନା
ବ୍ରିଟେନରୁ ଆସି
ପହଂଚି ଗଲାଣି
ଆମ ଦେଶ
ଚାଇନା ଠାରୁ
ସତୁରୀ ଗୁଣ ଶକ୍ତିଶାଳୀ ଅଟେ
ଏହି ଭୂତାଣୁ।
ତେଣୁ ସମସ୍ତ ଗଣମାଧ୍ୟମକୁ
ମୋର ବିନମ୍ର ଗୁହାରୀ
ସମସ୍ତେ ଆଜିଠୁ
ହୋଇ ଯାଆନ୍ତୁ ହୁସିଆର।
ପୁଣି ଫେରି ଯାଆନ୍ତୁ
ସେଇ ପୁରୁଣା ଅତୀତକୁ।
କାରଣ ସେଇ ପୁରୁଣା ଅତୀତ
ଆପଣମାନଙ୍କ ଦେବ
ନବବର୍ଷର ନବ ଅଭିନନ୍ଦନ
ନବ ଜାଗରଣ ନବ ଏକତା
ଗଢ଼ିବାକୁ ଏକ ନବ ଭାରତ।
ମାସ୍କ ପିନ୍ଧା ପୁଣି ସାମାଜିକ ଦୂରତା
ତାସାଥେ ବାରମ୍ବାର ଧରି
ସାବୁନ ହାତଧୁଆ
ଚାଲିଥାଉ ସବୁଦିନ
ତାହେଲେ ସଭିଁଏ
ସୁସ୍ଥ ରହିବେ, ନିରାପଦ ରହିବେ।
ଆଗାମୀ ସକାଳର
ସୂର୍ଯ୍ୟଦ୍ୟୋୟ ଦେଖିବେ
ମିଳିମିଶି ପୁଣି ସୁଖ
ବଂଟା ବଂଟି ହୋଇ
ନବ ବର୍ଷକୁ
ସ୍ୱାଗତ ଜଣାଇବେ।

ମାଣିଖମ୍ଭ, ମୋତିଗଂଜ, ବାଲେଶ୍ୱର
ମୋ: ୮୦୯୩୪୭୮୫୯୪



## ବିରୋଧ ପ୍ରଦର୍ଶନର ବର୍ଷ ୨୦୨୦

### ଗୋପାଳ ମହାପାତ୍ର

ବର୍ଷ ୨୦୨୦ର ପ୍ରାରମ୍ଭ ଅର୍ଥାତ୍ ଜାନୁଆରୀ ମାସରେ ଦେଶରେ ନାଗରିକତା ସଂଶୋଧନ ଆଇନ (ସିଏଏ) ଏବଂ ରାଷ୍ଟ୍ରୀୟ ନାଗରିକତା ପିକରଣ (ଏନଆରସି)କୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଦିଲ୍ଲୀର ଶାହିନବାଗ ଠାରେ ହଜାର ହଜାର ଲୋକ ବିରୋଧ ପ୍ରଦର୍ଶନ କରିଥିଲେ। ବୟସ୍କ ଓ ମହିଳାମାନେ ମଧ ପ୍ରଚଣ୍ଡ ଥଣ୍ଡା (ଶୀତ) ସତ୍ତ୍ୱେ ଧାରଣାରେ ସାମିଲ ହୋଇଥିଲେ। ଏହି ଧାରଣାକୁ ଆନ୍ତର୍ଜାତୀୟ ସ୍ତରରେ ମଧ ସମର୍ଥନ ମିଳିଥିଲା। ବର୍ଷର ଶେଷରେ ଅର୍ଥାତ୍ ଡିସେମ୍ବର ମାସରେ ତିନି ନୂଆ କୃଷି ଆଇନକୁ ରଦ୍ଦ କରାଯିବା ଦାବିରେ କୃଷକମାନେ ଦେଶ ବ୍ୟାପି ବିରୋଧ ପ୍ରଦର୍ଶନ କରୁଛନ୍ତି ଯାହାର ପ୍ରତିକାତ୍ମକ ଚିତ୍ର ଦିଲ୍ଲୀର ସିଂଘୁ ସୀମାରେ ଦେଖାଯାଇଛି। ଦିଲ୍ଲୀ ସୀମାରେ ହଜାର ହଜାର ପୁରୁଷ ମହିଳା ଧାରଣାରେ ବସିଛନ୍ତି। ଏହି ଆନ୍ଦୋଳନକୁ ମଧ ଆନ୍ତର୍ଜାତୀୟ ସ୍ତରରୁ ସମର୍ଥନ ମିଳୁଛି। ଏ ଦୁଇ ଆନ୍ଦୋଳନ ଭିତରେ ବର୍ଷ ମଧରେ ଅନେକ ଛୋଟ ବଡ଼ ବିରୋଧ ପ୍ରଦର୍ଶନ ଓ ଆନ୍ଦୋଳନ ହୋଇଛି। ସେ ସବୁ ମଧରେ ରହିଛି ହାଥରସ୍ କାଣ୍ଡ ଯେଉଁ ଘଟଣାରେ ଜନୈକା ଦଳିତ ଯୁବତୀଙ୍କୁ ସାମୁହିକ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଏ ଘଟଣାରେ ପୋଲିସର ଉଦାସୀନତାକୁ ନେଇ ପ୍ରଶ୍ନ ଉଠିଥିଲା। ଶ୍ରମ ଆଇନ ସଂଶୋଧନକୁ ନେଇ ଦେଶରେ ଶ୍ରମିକମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଏଲୋପାଥିକ ଡାକ୍ତରମାନେ ମିକ୍ସୋପାଥୀ ବା ଆୟୁର୍ବେଦ ଡାକ୍ତରମାନଙ୍କୁ ୫୮ ପ୍ରକାରର ସର୍ଜରୀ (ଅପରେସନ) କାରିବାର ଅନୁମତି ଦିଆଯିବା ଘଟଣାକୁ ବିରୋଧ କରି ଥିଲେ। ଡାକ୍ତରମାନେ ମଧ ପିପିଇ କିଟସ, ବେତନ ଆଦିକୁ ନେଇ ବିରୋଧ ପ୍ରଦର୍ଶନ କରିଥିଲେ। ୨୦୨୦ ବର୍ଷରେ ବିରୋଧ ପ୍ରଦର୍ଶନର ଏକ ଲମ୍ବା ତାଲିକା ରହିଛି। ଏଣୁ ଏହି ବର୍ଷକୁ ବିରୋଧ ପ୍ରଦର୍ଶନର ବର୍ଷ ବୋଲି ମଧ କୁହାଯାଇପାରେ।

୨୦୨୦ରେ କରୋନା ଭାଇରସ ସଂକ୍ରମଣ କାରଣରୁ ପାଖାପାଖି ଦେଢ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଛି। କରୋନା ସଂକ୍ରମଣ କାରଣରୁ ମାର୍ଚ୍ଚ ୨୫ତାରିଖ ଠାରୁ ମଇ ମାସ ୩୧ପର୍ଯ୍ୟନ୍ତ ଦେଶରେ ଲକଡାଉନ ଘୋଷଣା କରାଯାଇଥିବା ବେଳେ ଜୁନ ମାସ ୧ତାରିଖ ଠାରୁ ଡିସେମ୍ବର ପର୍ଯ୍ୟନ୍ତ ଅନଲକ୍ ଘୋଷଣା କରାଯାଇଥିଲା। ଲକଡାଉନ ସମୟରେ ଲକ୍ଷଲକ୍ଷ ପ୍ରବାସୀ ଶ୍ରମିକ ଜୀବିକା ହରାଇଥିଲେ। ଲକଡାଉନ କାରଣରୁ ଦେଶର ଅର୍ଥବ୍ୟବସ୍ଥା ମଧ ଭୁଷୁଡି ଯାଇଥିଲା ଏବଂ ଜିଡିପି ମାଇନସ୍ ୨୩.୫ ପ୍ରତିଶତ ସ୍ତରକୁ ଖସି ଆସିଥିଲା। କିନ୍ତୁ ଏଭଳି ଅବ୍ୟବସ୍ଥା ମଧରେ ରାଜନୀତି କିନ୍ତୁ ଠିକ୍ ଚାଲିଥିଲା। ଦିଲ୍ଲୀ ଓ ବିହାରରେ ବିଧାନସଭା ନିର୍ବାଚନ ହୋଇଥିଲା। ମଧପ୍ରଦେଶର ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହେବା ପରେ ତାଙ୍କ ସମର୍ଥନ ବିଧାୟକମାନେ ବିଧାନସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହି କାରଣରୁ କମଳନାଥଙ୍କ ସରକାର ଭାଙ୍ଗି ଯାଇଥିଲା ଓ ଶିବରାଜ ସିଂହ ଚୌହାନଙ୍କୁ ମଧପ୍ରଦେଶରେ ବିଜେପି ସରକାର ଗଠନର ସୁଯୋଗ ମିଳିଥିଲା। ରାଜସ୍ଥାନରେ ମଧ ସଚିବ ପାଇଲଙ୍କ କାନ୍ଧରେ ବନ୍ଧୁକ ଥୋଇ ମଧପ୍ରଦେଶ ଭଳି ଘଟଣା ଘଟାଇବାର ଉଦ୍ୟମ ହୋଇଥିଲା। କିନ୍ତୁ ବହୁ କଷ୍ଟରେ ଅଶୋକ ଗେହେଲଟ କଂଗ୍ରେସ ସରକାରକୁ ବଞ୍ଚାଇବାରେ ସକ୍ଷମ ହୋଇଥିଲେ। ଦିଲ୍ଲୀ ବିଧାନସଭା ନିର୍ବାଚନକୁ ବିଜେପି ଶାହିନବାଗ୍ ପ୍ରସଙ୍ଗ କରି ଲଢିବାକୁ ଚାହିଁଥିଲା ଏବଂ ଆମ ଆଦମୀ ପାର୍ଟି ନିର୍ବାଚନରେ ୫ବର୍ଷର ସୁଶାସନର କଥା ଉଠାଇଥିଲା। ଦିଲ୍ଲୀ ଜନସାଧାରଣ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ୬୨ଟି ଆସନରେ ଜିତାଇ ପୁଣି ସରକାର ଗଠନର ସୁଯୋଗ ଦେଇଥିଲେ। କିନ୍ତୁ ନିର୍ବାଚନ ପ୍ରଚାର ବେଳେ ଯେଉଁ ସାମ୍ପ୍ରଦାୟିକ ନିଆଁ ଲଗାଇ ଦିଆଗଲା ତାର ପରିଣାମ ଭୟଙ୍କର ହୋଇଥିଲା ଓ ଦଙ୍ଗା ଘଟି ୫୩ବ୍ୟକ୍ତିଙ୍କର ଜୀବନ ଯାଇଥିଲା। ଏପରିକି ବହୁ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ବିହାରରେ ମଧ ନୀତିଶ କୁମାରଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ଦେଇଛନ୍ତି ସେଠାକାର ଭୋଟର। କିନ୍ତୁ ନୀତିଶଙ୍କ ଦଳ ଜନତା ଦଳ (ୟୁ) ପୂର୍ବ ଠାରୁ କମ୍ ଆସନ ପାଇଛି। କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶଓ୍ୱାନଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଚିରାଗ ପାଶଓ୍ୱାନ ଏନଡିଏ ମେଣ୍ଟରୁ ଓହରି ଯାଇଥିଲେ ଓ ଜନତା ଦଳ (ୟୁ)ର ପ୍ରାର୍ଥୀଙ୍କ ବିପକ୍ଷରେ ଲୋକ ଜନଶକ୍ତି ପାର୍ଟିର ପ୍ରାର୍ଥୀ ଦେଇଥିଲେ। ପରାଜୟ ସତ୍ତ୍ୱେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ତେଜସ୍ୱୀ ଯାଦବ ବିହାରର ଶକ୍ତିଶାଳୀ ନେତା ଭାବେ ଉଭା ହୋଇଛନ୍ତି। ବଡ଼ କଥା ହେଉଛି ବିହାର ବିଧାନସଭା ନିର୍ବାଚନରେ ରୋଜଗାର ଥିଲା ମୁଖ୍ୟ ପ୍ରସଙ୍ଗ। ସବୁଦିନ ଓବୈସିଙ୍କ ଦଳ ବିହାରରେ ପ୍ରଥମ ଥର ୫ଟି ଆସନରେ ବିଜୟୀ ହୋଇଥିଲା। ଆରଜେଡି ନେତୃତ୍ୱରେ ମହାମେଣ୍ଟ ସାମାନ୍ୟ ଫରକରେ ସରକାର ଗଠନ କରିବାରେ ଅକ୍ଷମ ହୋଇଥିଲା। ୨୦୧୪ରେ ଶାସନ ଗାଦୀକୁ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନ ସହ ସମ୍ପର୍କ ସୁଧାରିବାର ପ୍ରୟାସ କରିଥିଲେ। ଏପରିକି ୨୦୧୭ର ଡୋକଲାମ ଗତିରୋଧ ସତ୍ତ୍ୱେ ମୋଦୀ ଦୁଇ ଦେଶ ମଧରେ ତିକ୍ତତା ହ୍ରାସ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଚୀନ ଏହାକୁ ଭାରତର ଦୁର୍ବଳତା ଭାବି ଫାଇଦା ଉଠାଇବା ପାଇଁ ଉଦ୍ୟମ କରିଥିଲା। ଏବର୍ଷ ମଇ ମାସରେ ଚୀନ ଲଦାଖର ପୂର୍ବାଞ୍ଚଳରେ ଅନୁପ୍ରବେଶ ପାଇଁ ଉଦ୍ୟମ କଲା ଓ ସୀମାରେ ଅଧିକ ପରିମାଣରେ ସେନା ଓ ଯୁଦ୍ଧ ସରାମ ଠୁଳ କଲା। ଜୁନ୍ ୧୫ତାରିଖ ମଧ ରାତ୍ରିରେ ୨୦ ଭାରତୀୟ ଜବାନ ବିରଗତି ପ୍ରାପ୍ତ କରିବା ପରେ ଭାରତ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଥିଲା। ଚୀନକୁ ଘେରିବା ପାଇଁ ଭାରତ ସରକାର ୧୦୦ରୁ ଅଧିକ ଆପକୁ ବ୍ୟାନ କରିଥିଲେ ଓ ଲଦାଖରେ ଅଧିକ ସେନା ଓ ସରାମ ଠୁଳ କରିଥିଲେ। ଏହାପରେ ଭାରତ ଓ ଚୀନରେ କମାଣ୍ଡରସ୍ତରୀୟ ବୈଠକ ୮ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲେ ମଧ ତାହା ବିଫଳ ହୋଇଥିଲା। ଭାରତ ଚାହୁଁଛି ଚୀନ ସବୁ ସେକ୍ଟରରେ ଏପ୍ରିଲ ୨୦ତାରିଖର ସ୍ଥିତିକୁ ଫେରୁ କିନ୍ତୁ ଚୀନ ତାହା ମାନିକୁ ନାରାଜ ହେବା ସହ ପେଙ୍ଗାଙ୍ଗ୍ ହ୍ରଦ ଅଞ୍ଚଳର ଫିଙ୍ଗର ୪ ରୁ ୮ରେ ଅଧିକ ସଂଖ୍ୟକ ଟ୍ୟାଙ୍କ ୬ ସଶସ୍ତ୍ର ବାହନ ଓ ସେନା ମୁତୟନ କରିଛି।

ଏବର୍ଷ ଜାମ୍ମୁ-କାଶ୍ମୀରର ଅଧିକତର କଠୋରପନ୍ଥୀ ନେତାଙ୍କୁ ସରକାର ଜେଲରୁ ଛାଡି ଦେଇଛନ୍ତି। ଏହି ନେତାମାନେ ୩୭୦ଧାରା ହଟାଇବା ଓ ଜାମ୍ମୁ - କାଶ୍ମୀରକୁ ଦୁଇଟି କେନ୍ଦ୍ର ଶାସିତ ପ୍ରଦେଶରେ ବିଭାଜିତ କରାଯିବା ଘଟଣାକୁ ବିରୋଧ କରି ରାଜନୀତି ଆରମ୍ଭ କରି ଦେଇଥିଲେ। ଏହି ନେତାମାନଙ୍କୁ ପିଏସଏ ଆଇନ ବଳରେ ଗିରଫ କରାଯାଇଥିଲା ଓ ସେମାନଙ୍କୁ ନଜରବନ୍ଦୀରେ ରଖାଯାଇଥିଲା। ମୁକୁଳିବା ପରେ ଫାରୁକ୍ ଅବଦୁଲ୍ଲାଙ୍କ ନେତୃତ୍ୱରେ ୬ଦଳର ନେତାମାନେ ଅଗଷ୍ଟ ୨୨ ତାରିଖରେ ଏକତ୍ରିତ ହୋଇ ଏକ ଘୋଷଣା ପତ୍ର ମଧ ଜାରି କରିଥିଲେ। ୫ତାରିଖରେ ସ୍ଥିତିକୁ ଫେରାଇ ଅଣାଯାଉ। ଏ ହେଉଛି ୨୦୨୦ର କିଛି ଘଟଣା। ୨୦୨୦କୁ ଏକ ଘଟଣା ବହୁଳ ବର୍ଷ ବୋଲି ମଧ କୁହାଯାଇପାରିବ ହେଲେ ସଡକରୁ ସଂସଦ ପର୍ଯ୍ୟନ୍ତ ବିରୋଧ ପ୍ରଦର୍ଶନ କାରଣରୁ ଏବର୍ଷକୁ ବିରୋଧ ପ୍ରଦର୍ଶନ ବର୍ଷ କୁହାଯିବା ଅଧିକ ଯଥାର୍ଥ ନିଶ୍ଚୟ।

ରାମଚନ୍ଦ୍ରପୁର
ରଣପୁର
ମୋ-୯୪୩୮୪୮୫୦୯୪



## ସରକାରୀ ବିଦ୍ୟାଳୟର ଉନ୍ନତି ହେବ କେମିତି?

### ପ୍ରଦୀପ୍ତ ଆଚାର୍ଯ୍ୟ

ସରକାରୀ ବିଦ୍ୟାଳୟର ଅବସ୍ଥା ଆଜି ସର୍ବଜନବିଦୀତ।ବେସରକାରୀ ବିଦ୍ୟାଳୟରେ ଦେୟ ଧାର୍ଯ୍ୟ ନିମନ୍ତେ,ଅଭିଭାବକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଟଣା ଓଟରା।ସରକାରୀ ବିଦ୍ୟାଳୟର ନିମ୍ନ ମାନର ଶିକ୍ଷା ଏବଂ ବେସରକାରୀ ବିଦ୍ୟାଳୟର ଉଚ୍ଚ ମାନର ଦେୟ ଭିତରେ ଅଭିଭାବକ ଦ୍ୱିଧାଗ୍ରସ୍ତ। ମାରମାର ଭଣ୍ଡାରିଆକୁ ମାର।ଯାହାହେଲା ଶିକ୍ଷକ ଦାୟୀ।ସାଧାରଣ ଲୋକମାନଙ୍କ ମନରେ ମଧ୍ୟ ଗୋଟିଏ ପ୍ରଶ୍ନ,ସରକାରୀ ବିଦ୍ୟାଳୟର ଶିକ୍ଷକ ମାନେ ହଜାର ହଜାର ଟଙ୍କା ବେତନ ପାଉଥିବା ସତ୍ତ୍ୱେ, ଫଳାଫଳ ନୈରାଶ୍ୟଜନକ କାହିଁକି? ଜନସାଧାରଣଙ୍କ ଅବଗତି ନିମନ୍ତେ ଆମ ରାଜ୍ୟର ସରକାରୀ ବିଦ୍ୟାଳୟର ବ୍ୟବସ୍ଥା ସମ୍ପର୍କରେ କେତେଗୋଟି ତଥ୍ୟ ଉପସ୍ଥାପନା କରାଯାଉଅଛି। (୧) ପ୍ରଥମତଃ ଆମ ରାଜ୍ୟରେ ଏକ ସ୍ଥିର ଶିକ୍ଷାନୀତି ପ୍ରଚଳିତ ହୋଇନାହିଁ, ଶିକ୍ଷାନୀତି ପ୍ରଣୟନ ଦାୟିତ୍ୱରେ ଥିବା ଶିକ୍ଷାବିତ୍ ମାନେ ସର୍ବଦା ପରୀକ୍ଷାମୂଳକ ଭାବରେ ବିଭିନ୍ନ ପ୍ରକାର ଶିକ୍ଷା ପଦ୍ଧତି ପ୍ରଣୟନ କରୁଛନ୍ତି ଏବଂ ସେଥିରେ ସଫଳ ନହେଲେ ସେଥିରୁ ଓହରି ଯାଉଛନ୍ତି। ବିଦ୍ୟାଳୟର ସାଂପ୍ରତିକ ଭିତିଭୂମି ଏବଂ ନିଯୁକ୍ତ ଶିକ୍ଷକ ମାନଙ୍କ ସଂଖ୍ୟା ତଥା ଯୋଗ୍ୟତା କୁ ନେଇ କୌଣସି ଶିକ୍ଷାନୀତିର ସଫଳ ରୂପାୟନ ସମ୍ପୂର୍ଣ୍ଣ ଅସମ୍ଭବ। (୨) ବର୍ତ୍ତମାନ ସରକାରୀ ,ଅର୍ଦ୍ଧସରକାରୀ, ବେସରକାରୀ ,ବ୍ଲକଗ୍ରାଂଟ, ଅନୁଦାନପ୍ରାପ୍ତ ପରି ବିଭିନ୍ନ ପ୍ରକାରବିଦ୍ୟାଳୟ ଏବଂ ପାରା ଶିକ୍ଷକ,ଗଣ ଶିକ୍ଷକ ,ଚୁକ୍ତିଭିତିକ ଶିକ୍ଷକ,ଅତିଥି ଶିକ୍ଷକ ଓ ନିୟମିତ ଶିକ୍ଷକ ପରି ବିଭିନ୍ନବର୍ଗର ଶିକ୍ଷକ ନିଯୁକ୍ତି ପାଇଅଛନ୍ତି।(୩)ଗୋଟିଏ ବିଦ୍ୟାଳୟରେ ସମାନ କାର୍ଯ୍ୟ କରି ଜଣେ ଶିକ୍ଷକ ୭୦ ହଜାର ଟଙ୍କା ବେତନ ପାଇଥିବା ସ୍ଥଳେ ଜଣେ ସାତ ହଜାର ପାଇଲେ ,ଶିକ୍ଷାଦାନ ପ୍ରତି ସାତ ହଜାର ପାଉଥିବା ଶିକ୍ଷକର ମାନସିକତା ସୃଷ୍ଟି ହୋଇପାରିବତ?(୪) ବିଦ୍ୟାଳୟରେ ଆବଶ୍ୟକୀୟ ସଂଖ୍ୟକ ଶିକ୍ଷକ ନାହାନ୍ତି,ବହୁତ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାର୍ଯ୍ୟରତ,ଅନେକ ବିଦ୍ୟାଳୟରେ ଗଣିତ ଶିକ୍ଷକ,ସାହିତ୍ୟ ଓ ହିନ୍ଦି ଶିକ୍ଷକ ,ଗଣିତ ପଢାଇବାର ନଜିର ଭରପୁର। (୫)ସରକାରୀ ବିଦ୍ୟାଳୟର ଶିକ୍ଷକମାନେ ଶିକ୍ଷାଦାନ କାର୍ଯ୍ୟ ବ୍ୟତୀତ ଜନଗଣନା, ଭୋଟର ତାଲିକା ପ୍ରସ୍ତୁତି,ବି.ପି.ଏଲ ଚୟନ,ନିର୍ବାଚନ କାର୍ଯ୍ୟ,ମଧ୍ୟାହ୍ନ ଭୋଜନ,ପୋଷାକ ବଂଟନ, ସାଇକେଲ ବଂଟନ, ଔଷଧ ବିତରଣ,ବୃତି ଅର୍ଥ ପ୍ରଦାନ ସର୍ବୋପରି ଗୃହ ନିର୍ମାଣ ପରି କାର୍ଯ୍ୟ ଏବଂ ତତସଂଲଗ୍ନ କାଗଜପତ୍ର ପ୍ରସ୍ତୁତିରେ ନିୟୋଜିତ ହୋଇଥାନ୍ତି।(୬)ସରକାରୀ ବିଦ୍ୟାଳୟରେ ବାର୍ଷିକ ୮୨ ଦିନ ମଞ୍ଜୁରପ୍ରାପ୍ତ ଛୁଟି ପରେ ଶନିବାର ଅଧାଛୁଟି ,ରବିବାର ପୁରାଛୁଟି କୁ ମିଶାଇଲେ ପ୍ରାୟ ପାଂଚମାସ ଶିକ୍ଷାଦାନ କାର୍ଯ୍ୟ ବନ୍ଦରହେ। ବାକି ଆଉ ସାତ ମାସରୁ,ପ୍ରବଳ ଖରାରେ ଅଂଶୁଘାତ ,ପ୍ରବଳ ବର୍ଷାରେ ବଜ୍ରପାତ ,ବନ୍ୟା ବାତ୍ୟାରେ ସାଧାରଣ ଲୋକଙ୍କ ଆଶ୍ରୟସ୍ଥଳ, ନିର୍ବାଚନ ସମୟରେ (ପଂଚାୟତ, ବିଧାନ ସଭା, ଲୋକସଭା) ପୋଲିଂବୁଥ୍ ନିମନ୍ତେ, ଦଙ୍ଗା ଗଣ୍ଡଗୋଳ ସମୟରେ ପୋଲିସ ଶିବିର ନିମନ୍ତେ ଛୁଟି କରାଯାଏ, ଯାହା ଆଉ ଅନ୍ୟ କୌଣସି ବିଦ୍ୟାଳୟରେ ହୁଏ ନାହିଁ। ଏସବୁ ବ୍ୟବସ୍ଥା କଣ ଶିକ୍ଷାକୁ ନିମ୍ନଗାମୀ କରାଇବା ପାଇଁ ଦାୟୀ ନୁହେଁ? ଏଥିପାଇଁ କଣ ଶିକ୍ଷକମାନେ ଦାୟୀ?;କଣ କଲେ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନର ମାନ ବୃଦ୍ଧି ହୋଇପାରିବ ଏବଂ ଆଶାନୁରୂପକ ଫଳାଫଳ ହୋଇପାରିବ,ସେଥିନିମନ୍ତେ କେତେକ ମତାମତ ଉପସ୍ଥାପିତ କରାଯାଉଅଛି।(୧) ସବୁଠାରୁ ଆଶ୍ଚର୍ଯ୍ୟ କଥା ରାଜ୍ୟର କୌଣସି ସରକାରୀ କର୍ମଚାରୀଙ୍କ ସନ୍ତାନ ସନ୍ତତି ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି ନାହିଁ।ଯେଉଁଦିନ ସରକାରୀ ବିଦ୍ୟାଳୟ ନିମନ୍ତେ ଆଇନ ପ୍ରଣୟନ କରୁଥିବା ଶିକ୍ଷା ମନ୍ତ୍ରୀ ଓ ଶିକ୍ଷା ସଚିବଙ୍କ ପିଲା ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରିବାର ନିୟମ ପ୍ରଣୟନ କରାଯିବ,ତାପରେ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନର ମାନ କିପରି ବୃଦ୍ଧି ହୋଇପାରିବ,ତାହା ଦର୍ଶନ ସାପେକ୍ଷ (୨) ବିଦ୍ୟାଳୟରେ ସର୍ବନିମ୍ନ ଆବଶ୍ୟକତା ଥିବା ଶିକ୍ଷକ ପଦବୀ ଗୁଡିକ ପୁରଣ କରାଯାଉ। ସ୍ଥାନାନ୍ତର କିମ୍ବା ଅବସର ଜନୀତ ଶୂନ୍ୟସ୍ଥାନ ଗୁଡିକରେ କାଳକ୍ଷେପଣ ନୀତି ଅବଲମ୍ବନ ନକରି, ତୁରନ୍ତ ନିଯୁକ୍ତି ଦିଆଯାଉ।(୩)ସାରା ରାଜ୍ୟରେ ଏକପ୍ରକାର ଶିକ୍ଷାନୀତି,ଏକପ୍ରକାର ବିଦ୍ୟାଳୟ ଏବଂ ଏକପ୍ରକାର ଶିକ୍ଷକ ନିଯୁକ୍ତ କରାଯାଉ।ସେମାନଙ୍କ ବେତନରେ ଆକାଶ ପାତାଳ ପ୍ରଭେଦ ରଖି, ସେମାନଙ୍କ ମନରେ ହୀନମନ୍ୟତା ସୃଷ୍ଟି କରାନଯାଉ।(୪)ଶିକ୍ଷକ ମାନଙ୍କୁ ଶିକ୍ଷାଦାନ କାର୍ଯ୍ୟ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟରୁ ନିବୃତି କରାଯାଉ। ଶୈକ୍ଷିକ କାର୍ଯ୍ୟ ଛଡା ଅନ୍ୟ ସମସ୍ତ କାର୍ଯ୍ୟ ବିଦ୍ୟାଳୟର କିରାଣୀ କିମ୍ବା ଭୌତିକ ବିକାଶ କାର୍ଯ୍ୟ ଠିକାଦାର ବା ଏନ.ଜି.ଓ ମାଧ୍ୟମରେ କରାଯାଉ।(୫)ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀ ବିଦ୍ୟାଳୟ ପରିସରରେ ନକରି, ବିଦ୍ୟାଳୟ ବାହାରେ ଥିବା ସରକାରୀ ଜମିରେ କରାଇଲେ ତାହା ଆଶ୍ରୟସ୍ଥଳୀ, ପୋଲିସ ଶିବିର, ପୋଲିଂ ବୁଥ୍, ସାମାଜିକ ଉତ୍ସବ ପାଳନ ପାଇଁ ବ୍ୟବହୃତ ହୋଇପାରିବ, ଯାହାଦ୍ୱାରା ବିଦ୍ୟାଳୟରେ ଶିକ୍ଷାଦାନ ଦିବସ ବୃଦ୍ଧି କରା ଯାଇ ପାରିବ।

(୬)ଦଣ୍ଡ ଉଠାଇଦେବା ଏକ ମାନବିକ ପଦକ୍ଷେପ,କିନ୍ତୁ ବିଦ୍ୟାଳୟ ପରିସରରେ ଦଣ୍ଡ ମୁକ୍ତ ଅଂଚଳ ଏବଂ ଟୋଲ୍‌ଫ୍ରି ନମ୍ବର ଲେଖି ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନଙ୍କ ମନରୁ ଶିକ୍ଷକ ମାନଙ୍କ ପ୍ରତି ଥିବା ସଂଭ୍ରମତାକୁ ହ୍ରାସ କରା ନଯାଉ। ଶିକ୍ଷାଦାନ କାର୍ଯ୍ୟ ଏକ ସମ୍ବେଦନଶୀଳ କ୍ରିୟା,ଶିକ୍ଷକ ମାନଙ୍କର ସମ୍ମାନହାନୀ ହେଲେ ତାହା ସଫଳ ହେବା ଅସମ୍ଭବ।(୭)ଶିକ୍ଷା ଓ ଶିକ୍ଷକଙ୍କୁ ରାଜନୈତିକ ପ୍ରଭାବରୁ ମୁକ୍ତ ରଖାଯାଉ।ସେମାନଙ୍କୁ କୌଣସି ରାଜନୈତିକ କାର୍ଯ୍ୟରେ ବିନିଯୋଗ କରିବା କିମ୍ବା ଆକ୍ରୋଶ ରଖି ହଇରାଣ ହରକତ କରିବାର ମାନସିକତାରୁ ରାଜନୈତିକ ନେତୃବୃନ୍ଦ ନିବୃତ ରୁହନ୍ତୁ।ଯେଉଁ ଠକ ଶିକ୍ଷକ ମାନେ ନେତା ମାନଙ୍କ ବାହୁଛାୟା ତଳେ ରହି ଶିକ୍ଷାଦାନ କାର୍ଯ୍ୟରେ ଅବହେଳା କରୁଛନ୍ତି କିମ୍ବା ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି,ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ ଏବଂ ଦକ୍ଷତା ଭିତିରେ ଶିକ୍ଷକ ମାନଙ୍କୁ ପୁରସ୍କୃତ କରାଯାଉ।(୮)ଚୟନ ପ୍ରକ୍ରିୟା ରେ ସ୍ୱଚ୍ଛତା ରଖି ଦକ୍ଷ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉ। ଅତି କମ୍‌ରେ ୫ ବର୍ଷରେ ଥରେ ,ଶିକ୍ଷକ ମାନଙ୍କୁ ସ୍ଥାନାନ୍ତରିତ କରାଯାଉ। ସର୍ବଦା ପଢାଉଥିବା ବିଷୟ ଉପରେ ,ଶିକ୍ଷକ ମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉ। ଅଧୁନା ସରକାର ଏକ ଅତ୍ୟନ୍ତ ଉଚ୍ଚକୋଟିର ଶିକ୍ଷାନୀତି ପ୍ରଣୟନ କରିଛନ୍ତି,କିନ୍ତୁ ଉପଯୁକ୍ତ ଭିତିଭୂମି ଏବଂ ଦକ୍ଷ ତାଲିମ ପ୍ରାପ୍ତ ଶିକ୍ଷକଙ୍କ ବିନା ଏହା ଅସଫଳ ହେବାର ଯଥେଷ୍ଟ ସମ୍ଭାବନା ଅଛି। କ୍ରୀଡାକୁ ଗୁରୁତ୍ୱ ଆରୋପ କରାଯାଇଛି,କିନ୍ତୁ ଅଧିକାଂଶ ବିଦ୍ୟାଳୟରେ ଖେଳପଡିଆ ନାହିଁ। ବୈଷୟିକ ଶିକ୍ଷାଦାନ କରିବା ପାଇଁ ନିଯୁକ୍ତ ଶିକ୍ଷକ ମାନଙ୍କର ଯୋଗ୍ୟତା ନାହିଁ। ଉପରୋକ୍ତ ପରୀପ୍ରେକ୍ଷୀରେ ସରକାର ଶିକ୍ଷାପ୍ରତି ଉଦାସୀନ ମନୋଭାବ ପରିତ୍ୟାଗ କରି,କେବଳ ଆଇନ ପ୍ରଣୟନ ନୁହେଁ,ବାସ୍ତବକ୍ଷେତ୍ରରେ ତାହାର କିପରି ଫଳପ୍ରଦ ପ୍ରୟୋଗ କରାଯାଇପାରିବ, ସେଥିପ୍ରତି ଆନ୍ତରିକତା ପ୍ରଦର୍ଶନ କରିଲେ ଶିକ୍ଷା କ୍ଷେତ୍ରରେ ନିଶ୍ଚୟ ଆଖିଦୃଷ୍ଟିଆ ଉନ୍ନତି ପରିଲକ୍ଷିତ ହେବ ,ଏହା ନିଃସନ୍ଦେହ।

ଈଶାଣୀ ବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦




## ମାଟିତଳ ଝିଅ...

### ରାଜେନ୍ଦ୍ର ଗିରି



ନେ ମା' ତୁ ଯଦି ନେବୁ
ପାଣି, ପବନ, ମାଟି, ସବୁ ନେ
ଖେଳ ବୁଲ ଆୟୁଷ୍ମତୀ ହ
ମା'ରେ ଜମା ମାଗିବୁନି ଯୋନୀ,
ଜାନୁ, ତନୁ
ଏଠି ଅମ୍ଳଜାନରେ ବି ଲହ ଲହ ଜିଭ
ଜିଭ ସାରା ଲାଳ ଥପ୍ ଥପ୍

ତୁ କିନ୍ତୁ 'ତୁ' ହେଇ ଜୀଇ
ଗହୀରକୁ ଯାଆ ସେଇଠି ଚଷ
ଫଳ ଫୁଲର ଆଶା ସବୁ ସ୍ୱପ୍ନରେ ଛାଡ଼ିଯିବୁ
ଏଠି ଆଖି ସାରା ଛୁରି କାତି
ରକ୍ତ ମାଖି ନିତି ଶୁଏ ରାତି

ମା'ରେ
ପୁରୁଷ ପଚାରିଲେ ତୁ ପୁରୁଷ କହିବୁ
ନାରୀ ପଚାରିଲେ ନିରବୀ ଯିବୁ
ଏଠି ପୁରୁଷର ବି ଡେଣା କାଟ ହୁଏ
ନାରୀ କଥା କିଏ ଅବା କୁହେ।

ମା'ରେ, ମାଟି ଆଉ ହାତ ଯୋଡ଼େନା
ଦେଖେଇ ତା' ଫଟା ପିଠି,
ଆକାଶ ବି ଆଉ ମୁନ୍ଦେ ଝରାଏନା
ତା'ପେଟ କାଟି,
ଏଠି ସ୍ୱାର୍ଥ ପାଇଁ ରକ୍ତ ବଣ୍ଟା ବଣ୍ଟି
ଧର୍ମ ଘରେ ଜଳେନା ସଂଜବତୀ
ସମସ୍ତେ ବ୍ୟଗ୍ର ଦେଖିବାକୁ କଂଚା
ମାଂସର ତାତି।

ତୁ କହ ମା' କି ବର ଦାନ ତତେ ଦେବି
ମାରେ ତୁ 'ତୁ' ହେଇ ଜୀଇ
ମାଟିତଳ ଝିଅ ହୋଇ ଜୀଇ,
କେବଳ ତ ଇଲାକାରେ ଜୀଇ
ବେପରୁଆ ଭାବରେ, ବେଧଡ଼କ୍ ଜୀଇ
ତୁ କେବଳ 'ତୁ' ହେଇ ଜୀଇ....।

ଭୋଗରାଇ, ବାଲେଶ୍ୱର,
ମୋ:୭୮୭୩୫୭୦୯୩୮

## ମହାମାରୀ...

### ରାଜକିଶୋର ସ୍ୱାଇଁ

ଏ ସାରା ବିଶ୍ୱକୁ କରିଛି ଗ୍ରାସ
କରୋନା ରୂପକ ମହା ରାକ୍ଷସ
ସହସା ଆସିଏ ବିପଦ ଘନ
ବରଷି ସଂସାର କରେ ଉଚ୍ଛନ୍ନ
ତାର ପ୍ରତିହତ ପାଇଁ
ବିଜ୍ଞାନର ଯେତେ ଗବେଷଣା ଜ୍ଞାନ
ତାକୁ କାଟୁ କରୁନାହିଁ।

ଚୀନ ଆମେରିକା ସ୍ପେନ୍ ଇରାନ
ଇଟାଲୀ ଜର୍ମାନୀ ଫ୍ରାନ୍ସ ଲଣ୍ଡନ
ଦିଶୁଥିଲା ଯହିଁ ଦିନରେ ଚାନ୍ଦ
କରୋନା ହଜାଇ ଦେଲାଣି ନିଦ
ମେଲାଏ ଭାରତେ କାୟା
ଖେଳାଇ ଚାଲିଛି ସମାଜେ ଏ ବ୍ୟାଧି
ଦାରୁଣ ଶୋକର ଛାୟା।

ନଥିବାରୁ ତାର ପ୍ରତିଷେଧକ
ଖେଳାଏ ସବୁରି ମନେ ଆତଙ୍କ
ଲଢ଼ିବା ପାଇଁ ଏ ରୋଗୁ ମୁକତି
ସଚେତନ ହେବା କେବଳ ଗତି
ମାଡୁଛି ଦାବାଗ୍ନି ପରି
ଆତ୍ମଘାତୀ ସାଜି ଜୀବନ ନିଅଇ
ଜଗତେ ଏ ମହାମାରୀ।

ଭୀମ ଭୟେ ଧାଇଁ କୌରବ ସାଇଁ
ବ୍ୟାସ ସରୋବରେ ଲୁଚିଲେ ଯାଇଁ
ଦେବୀ କମଳିନୀ ସୁଦୟା ବହି
ପ୍ରାଣରକ୍ଷା ବାଟ ଦେଲେ ବତାଇ
ସମ୍ଭାଳିବୁ ତିନି ରଡ଼ି
ତେବେଯାଇ ତୁହି ଅଜୟ ହୋଇବୁ
ବୃକୋଦର ସଙ୍ଗେ ଲଢ଼ି।

ନମାନି ଏ ବାଣୀ କୁରୁ ରାଜନ
ଅକାଳେ ମୃତ୍ୟୁକୁ କଲେ ବରଣ
କରୋନା ଯୁଦ୍ଧକୁ ଜିତିବା ପାଇଁ
ଘରଛାଡ଼ି ଆମେ ଯିବାନି କେହି
ନମାନିଲେ ଉପଦେଶ
କରୁପତି ସମଦଶା ହେବ ଆମ
ସର୍ବେ ହୋଇଯିବା ନାଶ।

ମୋ ଭାଇ ଭଉଣୀ ଆସରେ ଆସ
ସରକାରଙ୍କର ସବୁ ନିର୍ଦ୍ଦେଶ
ଶ୍ରଦ୍ଧା ସହକାରେ ଆମେ ପାଳିବା
କରୋନାର ସଂକ୍ରମଣ ଟାଳିବା
ମନେ କରିବା ଚିନ୍ତନ
ବିଜ୍ଞାନ ସହିତ ବିଧାତାଙ୍କର
ପୃଥିବୀକୁ ବରଦାନ।

ମୋ:୯୪୩୭୪୪୨୦୪୧

ଡିସେମ୍ବର ୨୦ ତାରିଖ ଅପରାହ୍ନରେ ଉଦଳା ଠାରେ ଧ୍ୱନି ପ୍ରତିଧ୍ୱନି ପାଠକମଞ୍ଚର ଆବାହକତ୍ୱରେ ଅନୁଷ୍ଠିତ ହୋଇଥିବା କବିତା ଆସରରେ ପାଠ କରାଯାଇଥିବା କବିତା...

# ଆସର କବିତା



♣ ବାଲେଶ୍ୱର ♣ ଗୁରୁବାର, ଡିସେମ୍ବର ୩୧, ୨୦୨୦

## ପ୍ରତୀକ୍ଷା...

### ରତିରଂଜନ ବେହେରା

ତମ ରାଣ ନିୟମ ପକାଇ
ବନ୍ଧୁତାର ଦ୍ୱାହି ଦେଇ
ତମେ କଥା ଦେଇଥିଲ
ମୋ ହସରେ ହସିବ ବୋଲି
ଦୁଃଖରେ ଦୁଃଖୀ ହେବ
ହାତଧରି ଚାଲିବ ସାରା ଜୀବନ।

ହଠାତ୍ ଏମିତି କ'ଣ ହେଲା ଯେ
ତମେ ବାଟ ଭାଙ୍ଗି ଚାଲିଗଲ
ନା' ଦେଉଛ ଖବର
ନା' ଲେଖୁଛ ପ୍ରେମ ପତ୍ର
ନା ରଖୁଛ ଦୂରଭାଷାରେ ଯୋଗାଯୋଗ।

ମୁଁ କିନ୍ତୁ ଖୋଜି ଚାଲିଛି ତୁମକୁ
ସାଗର ବେଳା ଭୂମିରେ
ସକାଳର କଅଁଳିଆ ଖରାରେ
ପୌଷ ଅପରାହ୍ନର ନିର୍ଜନତାରେ
ଫେସବୁକ୍ ଆଇଡିରୁ
ଆଉ ସ୍ୱର୍ଗର ନନ୍ଦନକାନନରେ।

ସତରେ ପ୍ରିୟତମା !
ତମେ ଏବେ କେଉଁଠି ?
ଜମା ଭଲ ଲାଗୁନି ତମ ବିନା
ଭଲ ଲାଗେନି ମୋତେ ଜହ୍ନରାତି
ହୃଦୟର ଭରିଯାଏ ଅସରନ୍ତି ଦୁଃଖ
ସବୁବେଳେ ଛଟପଟ ହୁଏ ମନ
ଠିକ୍ ଅମ୍ଳଜାନ ବିନା ଶ୍ୱାସକ୍ରିୟା ପରି
ଓ ପାଣି ବିନା ମାଛର ଜୀବନ ସଦୃଶ।

ହୃଦୟ ଭାଙ୍ଗି ଯାଇଥିଲେ ମଧ୍ୟ
ଅସରନ୍ତି ଆଶା ନେଇ
ଅପେକ୍ଷା କରିଛି ତୁମକୁ
ଏମିତି ମୁଁ ସବୁଦିନ, ସବୁରାତି
ଠିକ୍ ମରୁଭୂମିର ତୃଷାର୍ତ୍ତ ପଥିକ ପରି
ଆଉ ଜହ୍ନକୁ କଇଁ ପ୍ରତୀକ୍ଷା କଲା ଭଳି
କଳାମେଘକୁ ଦେଖି ମୟୂରୀର ନୃତ୍ୟ ସଦୃଶ
ରହିଛି, ରହିଥିବ ପ୍ରତୀକ୍ଷା ଖାସ୍ ତମ ପାଇଁ।

+ ନୁଦଡିହା, ମୟୂରଭଂଜ
ମୋ: ୯୯୩୭୯୭୪୬୫୦

## ॥ ମୋ ଗାଁ ..ମୋ ମାଟି ॥

### କୃପାସିନ୍ଧୁ ବେହେରା, ଅବସରପ୍ରାପ୍ତ ଶିକ୍ଷକ, ନୂଆଗାଁ

ଏହି ମୋହର ଗାଁରେ ଭାଇ ଏହି ମୋହର ଗାଁ
ଏହି ଗାଁ ମୋ ଜନମ ସ୍ଥାନ ଏହି ମାଟି ମୋ ମାଆ।
ଏହି ମାଟିରେ ବଢ଼ିଛି ମୁହିଁ ଖେଳିଛି କେତେ ଖେଳ
ସାଂଗ ସାଥୀଙ୍କ ମେଳରେ ଭାଇ କାଟିଛି କେତେ କାଳ।
ମେଘାସନର ପାଦ ଦେଶରେ ଏହି ଗାଁ ମୋ ସ୍ଥାନ
ଚତୁଃପାର୍ଶ୍ୱ ଘେରା ସବୁଜ ବନାନୀ କାଳ ପାଣିର ଦାନ।
ସ୍କୁଲ, କଲେଜ, ବ୍ୟାଙ୍କ ଫାଣ୍ଡି ଆମକୁ ସୁରକ୍ଷା ଦିଏ
କେତେକେତେ ଅନୁଷ୍ଠାନ ଗଢ଼ା ହୋଇ ଆମର ମନ ମୋହେ।
ଅନ୍ୱେଷଣ ଏକ ଏନିଜିଓ ସଂସ୍ଥା ଏଠାରେ ଗଢ଼ାହୋଇ
କେତେ କେତେ ଭଲ କାମ କରିଅଛି ତାହାର ତୁଳନା ନାହିଁ।
କବି କବୟତ୍ରୀମାନଙ୍କୁ ଏକତ୍ର କରାଇବାରେ ସଫଳ
୨୦୨୦କୁ ବିଦାୟ ନେବାକୁ ହୋଇ ଅଛନ୍ତି ମେଳ।
ଧନ୍ୟ କର୍ମକର୍ତ୍ତା ଧନ୍ୟ ତୁମ ଚିନ୍ତା ଆମ ମନ କିଣିନେଲ
ଏହି ମାଟି ଆଜି ଧନ୍ୟ ହୋଇଗଲା ସମସ୍ତେ କୁହନ୍ତି ଭଲ।
ଆଗାମୀ ବର୍ଷକୁ ସ୍ୱାଗତ କରୁଛି ସମସ୍ତେ ସୁଖେ ରୁହନ୍ତୁ
ଜଗନ୍ନାଥଙ୍କୁ ଦରଖାସ୍ତ ଦେଉଛି ସଭିଙ୍କ ଦୁଃଖ ଶୁଣନ୍ତୁ।
ସମସ୍ତ ଭାଇ ଭଉଣୀମାନଙ୍କୁ ଅନୁରୋଧ କରୁଅଛି
ମନେ ରଖିଥିବ ଆମ 'ଅନ୍ୱେଷଣ' ଶୁଭକାମନା କରୁଛି।
ବିଦାୟ ବିଦାୟ ୨୦୨୦ ଧୋଇଯାଉ ସବୁ କ୍ଲେଶ
ଆଗାମୀ ବର୍ଷକୁ ସ୍ୱାଗତ କରୁଛି ମାଗୁଛି ତବ ଆଶୀଷ।
କରୁଣା ମୟହେ କରୁଣା କରନ୍ତୁ ଏ ମାଟି କରେ ଗୁହାରି
ସୁଖ ସମୃଦ୍ଧିର ବର୍ଷ ହେଉ ପ୍ରଭୂ କଲ୍ୟାଣ କର ସବୁରି।



## ଅଶା ତୁମ ଶ୍ରୀପୟର...

### ସର୍ବେଶ୍ୱର ବାରିକ୍

ଅବ୍ୟକ୍ତ ପୁରୁଷ ବ୍ୟକ୍ତ ହୋଇଥିଲ
ମାହାଙ୍ଗା ବଗାର ଗ୍ରାମେ,
ଲୀଳା ଖେଳା ତୁମେ ଗୁପତେ ଭିଆଇ
ଚାଲିଗଲ କେଉଁ ଧାମେ ?

ତୁମ ଦରଶନ ଲୋଡ଼େ ଏ ନୟନ
ହୃଦ ହୁଏ ବ୍ୟାକୁଳିତ
ଶତ ସମସ୍ୟାର ସହଜ ଉତ୍ତର
ପାଏ ନା ମୁଁ 'ଯଦୁସୂତ'।

ଦଶ ଦିଗ ଦିଶେ ଅନ୍ଧକାରମୟ
ତୁମେ ଥିଲ ବତୀଘର
ଭବ ବନ୍ଧନରୁ ମୁକ୍ତି ଲଭିବାର
ଆଶା ତୁମ ଶ୍ରୀପୟର।

ନର ନାରାୟଣ ହେ ଜୀବନ ଧନ
ନାମ ତୁମ 'ଶ୍ରୀ କେଶବ'
ରଙ୍କର ରତନ 'ସୁକାନ୍ତି ନନ୍ଦନ'
ତୁମକୁ କିଏ ଚିହ୍ନିବ।

ରିକ୍ତ ହସ୍ତେ ଆସିଥିଲ ଏ ଧରାକୁ
'ବୁଦ୍ଧ' ଅବତାର ହୋଇ
'ଚରମ' ଶାସ୍ତ୍ରକୁ ଜଗତ କଲ୍ୟାଣେ
ଦେଇଗଲ ତୁନି ହୋଇ।

ବିଶ୍ୱ ଭ୍ରାତୃତ୍ୱର ବୀଜକୁ ବପନ
କରିଗଲ ଏ ଜଗତେ
ଧର୍ମ 'ଧାରା' ଦେଇ କରିଛ କଲ୍ୟାଣ
ସାଧୁ, ଭକ୍ତ, ଜନହିତେ।

ତୁମକୁ ସୁମରି ଗୁମୁରି ଗୁମୁରି
ଆଖିରୁ ଝରେ ମୋ' ନୀର
ସତରେ ନହେଲେ ସପନରେ ଆସ
ଅଳି ହେ 'ଚରମ ଧାର'।

କର ଆଶୀର୍ବାଦ ନତଶିରେ ମୋର
ଦେଇ ଅଭୟ ଯେ ବାଣୀ
ତରିଯାଏ ମୁହିଁ ସଂସାର ସାଗରୁ
ଏତିକି 'ଚରମ ପାଣି'।

+ ପିଙ୍ଗୁ, ନୁଦଡିହା, ମୟୂରଭଂଜ

## ବାପା...

### ଶ୍ରୀମତୀ ରଙ୍ଗଲତା ବେହେରା

"ପିତା ଧର୍ମ ପିତାସ୍ୱର୍ଗ ପିତା ହିଁ ପରମ ତପଃ
ପିତରି ପ୍ରୀତିମାପର୍ଣ୍ଣେ ଜୟତି ସର୍ବ ଦେବତା ।"
ସମୟ ସୁଅରେ ଭାସି ଭାସି ମୁହିଁ
ଅତୀତକୁ ଏବେ ଖୋଜୁଛି,
କେତେ କେତେ ଚିତ୍ର ଭାସି ଆସୁଅଛି
କେବେ ହସେ କେବେ କାନ୍ଦୁଛି।

ପୁରୁଣା କଥାକୁ ସାଇତି ରଖିଛି
ମୋ ହୃଦୟ ବୁକୁ ତଳେ,
ପୁରୁଣା ସ୍ମୃତିକୁ ଖୋଲି ମୁଁ ଦେଖୁଛି
ଲୁହ ଭିଜା ନୟନରେ।

କେତେ ବଇଶାଖ, ବରଷା, ବସନ୍ତ
ଛାଡ଼ି ଆସିଅଛି ଜୀବନେ,
ଖୋଜି ଖୋଜି ଏବେ ଥକି ପଡ଼ିଲିଣି
ରହିଗଲା ଖାଲି ସପନେ।

ସରିନାହିଁ ସ୍ୱପ୍ନ ଭାଙ୍ଗିଗଲା ନିଦ
ରାତି ଯାଇଥିଲା ପାହି,
ଅଧୁରା ସପନ କରିବି ପୂରଣ
ଭଲ ବାପାଟିଏ ହୋଇ।

ବାପା, ତୁମେ ଚାଲିଗଲ ଅଜଣା ରାଇଜେ
ମୋତେ ଗଲ ଏକା କରି,
ଛେଉଣ୍ଡ ବୋଲି ମୁଁ ଲୋକଙ୍କ ମୁଖରୁ
ପାରୁନାହିଁ ସହ୍ୟ କରି।

କାହିଁକି ହେ ବାପା ତୁମେ ଚାଲିଗଲ
ମୋ ଜୀବନେ ଅଧାରୁ ଛାଡ଼ି,
ନିତି ଦେଖୁଅଛି ତୁମ ଫଟୋଚିତ୍ର
ଆଉ ତୁମର ସେ ବେତବାଡ଼ି।

ସଂଜ ହୋଇଗଲେ ତୁମ ଭାଗବତ
ନିତି ମୁଁ ପଢ଼ି ଶୁଣାଏ,
ସ୍ୱର ବୁଡ଼ିଗଲେ ତୁମ କଣ୍ଠସ୍ୱର
ମୋ କାନରେ ଶୁଭିଯାଏ।

ଯାହା ରଖିଥିଲ ମୋ ପାଇଁ ସାଇତି
ସବୁକୁ ଦେଲି ମୁଁ ହାରି,
ହେଲେ ସାଇତି ରଖିଛି ତୁମରି ଆଦର୍ଶ
ଆଉ ତୁମ ବେତବାଡ଼ି।

ତୁମେ ଗଲ ଚାଲି ଛୋଟା ମୂକ ହେଲି
ମୁଁ କାନୁକୁ ବସିଛି ଡେରି,
ଭାବି ତୁମ ଗୁଣ ଦେଖେ ନିତି ସ୍ୱପ୍ନ
ମୋ ଆଖି ଲୋତକରେ ଯାଏ ପୁରି।

ତୁମ ହାତଟି କଠିନ ମନଟି ନରମ
ବୁକୁଟି ସାଗର ପରି,
କରୁଣା ଚାହାଣି ଝରେ ବର୍ଷା ପାଣି
ତୁମ ଭାଷା ମଧୁର ଲହରୀ।

ହେଲେ ବାଟବଣା ତୁମେ ମୋ ଠିକଣା
ତୁମେ ମୋର ଆଦ୍ୟ ଗୁରୁ,
କାହିଁକି ହେ ବାପା ତୁମେ ଥକିଗଲ
ତୁମେ ପରା ମହାମେରୁ।

ବାପା- ସାଇତି ରଖିଛି ତୁମ ଭଙ୍ଗା ଚୌକି
ଦିନେ ଯା, ଥିଲା ତୁମ ଆସନ,
ସେ ଆସନେ ବସି ଶାସନ କରିବି
କର ଆଶିଷ ପ୍ରଦାନ।

ତୁମରି ଋଣକୁ ଏବେ ଶୁଝୁଅଛି
ସାଜି ଭଲ ବାପାଟିଏ,
ହେଲେ ବାପା ପରି ଏହି ପୃଥିବୀରେ
ସମକକ୍ଷ ଆଉ କିଏ ?

ବାପା ମୋ ଧରମ, ବାପା ମୋ କରମ
ମୋ ବାପା ସମ ଆଉ କିଏ,
ବାପାର ଆଦର୍ଶ ରଖିବି ମୁଁ ଟେକ
ସାଜି ଭଲ ବାପାଟିଏ
ମୁଁ, ସାଜି ଭଲ ବାପାଟିଏ।

+ ସର୍ବଣାଘାଟୀ,
ନୁଦଡିହା,
ମୟୂରଭଂଜ
ମୋ: ୯୪୩୭୬୧୨୪୪୫

## ମରୀଚିକା ଓ ପଥିକ

### ରମେଶ ଚନ୍ଦ୍ର ପଣ୍ଡା

ମାୟା ସେହି ମରୀଚିକା ନାହିଁ ତାର କ୍ରମ
ପଥିକ ତୁ ବୃଥା କାହିଁ କରୁ ମତିଭ୍ରମ।

ଜଳଭ୍ରମ ସୃଜି ବଢ଼େ ଆଗକୁ ଆଗକୁ
ନିର୍ଲିପ୍ତ ସେ ତୃଷାଉର ଜୀବନ ମୃତ୍ୟୁକୁ।

ତେଣୁ ହେ ଧୀବର ବର ରୁହ ସାବଧାନ
ନିଃଶୁଳ୍କରେ ନୈରାଶ୍ୟକୁ ନକର ବରଣ।

ସଂସାରଟା ମରୁବାଲି ନହେଜେ ମଣିଷ
'ତୋର-ମୋର' ବିଚାରରେ ଆୟୁ କରେ ଶେଷ।

ରୂପ ରସ ବାସ ସବୁ ଆକର୍ଷଣମୟ
କ୍ଷଣେ ଦିଶେ କ୍ଷଣେ ମିଶେ ବୁଦ୍‌ବୁଦ୍ ପରାୟ।

ଅତି ଅସ୍ଥିର ଅସାର ଧନ ମାନ ଯଶ
କେତେ ଆସି କେତେ ଗଲେ ନାହିଁ ଯେ ନିକାଶ।

ସୁମାରୀ ହୁଅଇ ତାର ଅଟେ ଯେ ବିଶେଷ
ମହାନ୍, ଧୀ-ମାନ କେହି ଅରଜେ ପୌରୁଷ।

+ ସୋର, ମୋ: ୯୪୩୭୨୪୮୪୪୦

## ଝିଅଟିକୁ ଭଲପାଏ...

### ଶ୍ରୀକାନ୍ତ ପ୍ରସାଦ ବେହେରା

ମୁଁ ଭଲ ପାଉଛି ଝିଅଟିକୁ
ଯଉବନକୁ ନୁହେଁ
ଯଉତୁକକୁ ନୁହେଁ।
ମୁଁ ବିକି ଦେଇଛି ତାକୁ ମୋର ମନକୁ
ରୂପକୁ ନୁହେଁ ଗୁଣକୁ ନୁହେଁ
ମୁଁ ତାକୁ ରଖିଚି ହୃଦୟରେ
ଫୁଲ ବିଛଣାରେ ନୁହେଁ
ବେଳାଭୂମିରେ ନୁହେଁ।

+ ଉଦଳା, ମୟୂରଭଂଜ
ମୋ: ୯୦୭୮୨୮୭୪୯୪

## ଟିକି ବାଛୁରୀ...

### କମଲ ଜ୍ୟୋତି ବାରିକ୍

ଆମ ଟିକି ବାଛୁରୀ କେଡ଼େ ସୁନ୍ଦର
ଖପ୍ ଖାପ୍ ଡିଆଁ ତାର ଖୁସି ଅପାର।

ଧରିବାକୁ ଚେଷ୍ଟା କରେ ମୁଁ ଯେତେ ତାକୁ
ଦଉଡ଼ି ପଳାଇ ଯାଏ ସେ ସେତେ ଦୂରକୁ।

ରଙ୍ଗଟି ତା'ର ଧଳା ଓ କଳା
ଚାହିଁଥାଏ ମେଲି ଯୋଡ଼ିଏ ଡୋଳା।

ତା' ମାଆ ତାକୁ କରଇ ଗେଲ
ହୋଇଛି ସେ ପାଇଁ କେତେ ଡଉଲ।

ଘାସ କୁଟା ପେଜ ଦିଏ ମୁଁ ତାଙ୍କୁ
ତା ମାଆ କ୍ଷୀର ଦିଏ ଆମକୁ।

ଆମ ବାଛୁରୀ ନାଆଁ ଅଟେ ଶଙ୍କରା
ଶଙ୍କରାନ୍ତି ଦିନ ତାର ଜନମ ପରା।

+ ଶ୍ରେଣୀ ଚତୁର୍ଥ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଉଦଳା

## ଅନାଗତ...

### ପବିତ୍ର ମୋହନ ବେହେରା

ଜହ୍ନକୁ ତୁ ବଢ଼ାନାରେ ହାତ
ଝର୍କା ଫାଙ୍କରୁ ଏଇତ ଦିଶୁଛି
ସହରର ସବୁ ବତୀଖୁଂଟରେ ଡାଆଣି ଆଲୁଅ
କୃତିମତାର ଇନ୍ଦ୍ରଜାଲରେ ଛନ୍ଦି ହୋଇ
ସପ୍ତମୀ ଜହ୍ନଟା ଅସ୍ତିତ୍ୱ ହରାଇ ବସିଛି
ଶୋଇପଡ଼ କୁନା ଶୋଇପଡ଼
ସବୁ ଆଡ଼େ ଡାଆଣୀ ମାତିଛି।

ସମୟଟା ଅନ୍ତଃସତ୍ତ୍ୱା ଏବେ
ଅସହ୍ୟ ଗର୍ଭ ଯନ୍ତ୍ରଣାର ଶବ୍ଦ
ନିରବତାର ଛାତି ଚିରି ଭାସିଆସେ
କାନଡେରି ଶୁଣ କୁନା
ରାତି ପାହିବାକୁ ଅନେକ ବିଳମ୍ବ ଅଛି
ଅଝଟ କରନା, ସବୁଆଡ଼େ ଡାଆଣି ମାତିଛି।

ତୋ ଆଖିରେ ଆଖିଏ ସପନ
କିଏ ଜାଣେ କି ଉପହାର ଦେବ
ଅନାଗତ କାଲିର ସକାଳ ନିଜେ ସିଏ
ସମୟର ରୁଦ୍ଧ ଜରାୟୁରେ, ଏବେ ବି ଶୋଇଛି
ଶୋଇପଡ଼ କୁନା, ଶୋଇପଡ଼
ଚାରିଆଡ଼େ ଡାଆଣି ମାତିଛି।

+ ଉଦଳା, ମୟୂରଭଂଜ
ମୋ: ୯୮୫୩୮୮୯୬୮୫


## କରୋନକୁ ଡରନା...

### ଶୁଭସ୍ମିତା ନାୟକ

କରୋନାରେ କରୋନା ଆସିଗଲି ମୁଁ କରୋନା
ମତେ ଦେଖି ଜମା ଭୟଭୀତ ହୁଅନା
କେବଳ ରୁହ ତୁମେ ସଚେତନ
କେବେ ନକର କାହାକୁ ଆଲିଙ୍ଗନ।

ଦୂରୁ ଥାଇ ପ୍ରଣାମ କରିବ
କେବେ କାହା ସହ ହାତ ନ ମିଳାଇବ
ମୁହଁରେ କରୁଥିବ ମାସ୍କ ପରିଧାନ
କେବେ କରିବିନି ତୁମକୁ ହଇରାଣ।

ନୀତି କରୁଥିବ ଯୋଗ ପ୍ରାଣାୟମ
ଦେହ ଓ ମନର ରଖୁଥିବଟି ଯତ୍ନ
ରହିଲେ ଶରୀର ପୂରା ନୀରୋଗ
କରିବିନି ମୁଁ ତୁମକୁ ଯେ ସ୍ପର୍ଶ।



ସକାଳ ସଂଜେ ପିଉଥିବଟି କାଢ଼ା
ତୁମ ଶରୀରରୁ ମୁଁ ହୋଇବି ତଡ଼ା
ଥଣ୍ଡା, ସର୍ଦ୍ଦି କେବେ ଯେ ନହେବ
ଦେହ ତୁମର ଭଲ ରହିବ।

ଗହଳି ଯାଗାକୁ ଯମା ନଯିବ
ଭିଡ଼ ଦେଖିଲେ ଦୂରେ ରହିବ
ଏଣେ ତେଣେ କେଭେ ନ ପକାଇବ ଛେପ
ମୁଖେ ରୁମାଲ ଦେଇ ମାରୁଥିବଟି ଛିଙ୍କ।

ସାବୁନରେ ସର୍ବଦା ହାତ ଧୋଇବ
ସେନିଟାଇଜର ସଦା ହାତେ ମାରୁଥିବ
ଯାହାସବୁ କହିଲି ମୁଁଇ
କରୁଥିଲେ ମନ ଦେଇ
ମାଡ଼ିବନି ମୁଁ କେବେ
ତୁମରି ଛାଇ।

+ ପିଙ୍ଗୁ, ନୁଦଡିଆ

## ଧ୍ୱନି ପ୍ରତିଧ୍ୱନିକୁ

### ପଙ୍କଜ ସୌରଭ ନାୟକ

ମୁଁ ଚିଠି ଦିଏ ଧ୍ୱନି ପ୍ରତିଧ୍ୱନିକୁ
ଖବର ପଠାଏ ସାରା ଦେଶକୁ।

କୋଣ ଅନୁକୋଣେ ଯେତେ ଗୁଣୀଙ୍କୁ,
ମହତ ପଣରେ ଟାଣେ ପାଖକୁ।

ଦୁନିଆ ଯାକର ଯେତେ ଖବର,
ପଢ଼ିବାକୁ ଦିଏ ଗପ, ଗୀତ, ସମାଚାର।

କଳେବର ଯଦି ରଙ୍ଗୀନ ହୁଅନ୍ତା,
ପିଲାଙ୍କ ପାଶେ ଆଦର ପାଆନ୍ତା।

କରୋନା ବିପତ୍ତି ସାରା ବିଶ୍ୱରେ,
ଆତଙ୍କ ଖେଳାଇ ପ୍ରାଣକୁ ହାରେ।

ଲକ୍‌ଡାଉନ୍ ସଟ୍‌ଡାଉନ୍ ପାଇଁ,
ତଥାପି ବସିନି ସେ ମନ ଦୁଃଖାଇ।

ଏଠି ଲିପୁ ଭାଇ ବଡ଼ ଆପଣାର,
ଖୋଜନ୍ତି ଶିଶୁ ପ୍ରତିଭା ବୁଲି ଘର ଘର।

ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ସହାୟ,
ଉଜ୍ଜ୍ୱଳମୟ ହେଉ ତାଙ୍କ ପ୍ରତିଭା।

ସମ୍ପାଦକଙ୍କୁ ମୋର ଗୁହାରି,
ସାଧାରଣ ଜ୍ଞାନ ଦିଅନ୍ତୁ ଭରି।

ଶିଶୁ ଚିତ୍ର ଦେହେ ରଖନ୍ତୁ ଭରି,
ସବୁରି ମନରେ ଦିଅନ୍ତୁ ଆନନ୍ଦ ଭରି।

ଶ୍ରୀ ଜଗନ୍ନାଥଙ୍କ ପାଖରେ ଅଳି,
ଧ୍ୱନି ପ୍ରତିଧ୍ୱନିକୁ କୃପା ଦୃଷ୍ଟି ଥାଉ।

ଆଗକୁ ଆଗକୁ ଆଗେଇ ଯାଉ,
ସାରା ବିଶ୍ୱରେ ଶ୍ରେଷ୍ଠ ହେଉ।

+ ନବମ ଶ୍ରେଣୀ ଛାତ୍ର



## ତୁମେ ପ୍ରଭୁ ନୀଳାଚଳିଆ

### ମାଳତୀମଣୀ ଧଳ

ମୋ କାଳିଆ
ତୁମେ ପ୍ରଭୁ ନୀଳାଚଳିଆ ।
ତୁମେ ତ ପ୍ରଭୁ ଓଁ'ରୁ ଆରମ୍ଭ
ସବୁରି ପ୍ରାଣର ପତି,
ମୁକତିର ପଥ ହେ ଅନ୍ତରଯାମୀ
କରୁଣାକର ହେ ନିତି ।

ମୋ କାଳିଆ
ତୁମେ ପ୍ରଭୁ ନୀଳାଚଳିଆ ।
ସୃଷ୍ଟି ରଚୟିତା
କାଳର କରାଳ
ତୁମେ କର ଆଦି ଅନ୍ତ,
ଧର୍ମ ପଥେ ଜୟ
ଅଧର୍ମରେ କ୍ଷୟ
ତୁମେ ପ୍ରଭୁ ନ୍ୟାୟବନ୍ତ ।

ମୋ କାଳିଆ ତୁମେ ପ୍ରଭୁ ନୀଳାଚଳିଆ ।
ସରଗକୁ ସିଡ଼ି
ନରକ କୁଣ୍ଡଳି
ସବୁତ ରଚିଛ ତୁମେ,
ଏ ସାରା ସଂସାର
ରଙ୍ଗମଞ୍ଚ ତମ
ଅଭିନୟ କରୁ ଆମେ ।
ମୋ କାଳିଆ
ତୁମେ ପ୍ରଭୁ ନୀଳାଚଳିଆ...

+ ବରଡିହି, କୁଶଳଦା,
ମୟୂରଭଞ୍ଜ

## ଦୀପ ଆଉ ଅନ୍ଧାର

### ସ୍ନେହଲତା କୁଅଁର ବାବୁ

ମୁ ହିଁ ତୁମର ମୁ ହିଁ ତୁମର
ଏବେ ବି କାହିଁକି ପଚାରିବି ତୁମ ଖବର

ମୁଁ ତ ଖୁବ୍ ଆପଣାର
ମୁଁ ହିଁ ତୁମର, ମୁଁ ହିଁ ତୁମର
ଆଗ ବୁଝୁଥିଲ ଖାଲି ମୋ ଖବର
ଏବେ କ'ଣ ସବୁ ହୋଇଗଲା ଜହର
ତୁମେ ଜାଣିନକି ଦୀପ ତଳେ ଖାଲି ଅନ୍ଧାର
ହେଲେ ବି ମୁଁ କହୁଛି
ଏବେ ବି ତୁମର ଏବେ ବି ତୁମର

ମୁଁ ଦୂରରେ ରହିଲେ ବି କ'ଣ
ହୋଇଗଲି ସାତ ପର
ମୁଁ ଏବେ ବି ତୁମର ମୁଁ ଏବେ ବି ତୁମର
କେବେ ହେବିନି କାହାର
ମୁଁ ତୁମର ଅତି ଆପଣାର।

+ ଉଦଳା, ମୟୁରଭଂଜ

## ପଥର..

### ପାର୍ଥସାରଥି ପ୍ରଧାନ

ପଥର କି ଗୋଡ଼ ଘୋଷା ପାଏ
ପୋଖରୀ ତୁଠରେ
ପଥର କି ପୂଜାପାଏ, ମନ୍ଦିର ଭିତରେ,
ପଥର ବି ହସେ, ପଥର ବି କାନ୍ଦେ
ପୁଣି ଏକାନ୍ତରେ।

ପଥରକୁ କେବେ,
ଆଖି ପୁରାଇ ଦେଖିଛ।
ପଥରର ମନକୁ କେବେ ପଢ଼ିଛ।
ପଥରର ବି ମନ ଅଛି,
ପଥରର ବି ହୃଦୟ ଅଛି
ଦ୍ୱାର ନଥିବା ନିବୁଜ କୋଠରୀ ମଧ୍ୟରେ।
ପଥରରେ ପଥର ପିଟିଲେ,
ବାହାରେ ଅନଳ,
ସେ ଅନଳ ରୂପ ନିଏ ପୁଣି ଦାବାନଳ।
ପଥର ପଥରକୁ କରିପାରେ ଚୁନା।
ପଥର ବି ହୋଇପାରେ ସୁନା।
ପଥର ବି ଦେଇପାରେ ମୁକ୍ତି
ପଥର ବି ଆଣିପାରେ ଶାନ୍ତି।

+ ଉପ ଗ୍ରନ୍ଥାଗାରିକ ଖୁଂଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ମୋ: ୭୮୫୪୯୩୯୬୪୩

## ହେ କୃପାମୟ...

### ବବିସ୍ମିତା ଗାଁଣ

ଦୁଃଖ ତ ମୋହର ସଖା ସହୋଦର
ସୁଖ ମୋ ଫୁଟିଲା ଫୁଲ
ଦୁଃଖ ସଙ୍ଗେ ମୋର ଜନମର ଭାବ
କି ହେବ ସୁଖ ମୋହର
ତୁମେ ଅଛ ସେହି ଦୁଃଖର ମଝିରେ
ଚାହେଁ ନା ମୁଁ ମିଛ ସୁଖ
ଦୁଃଖ ଦେଉଥାଅ ସାରା ଜୀବନକୁ
ସହିବାକୁ ଶକ୍ତି ଦେବ
ଆଶ୍ରା ତୁମ ପାଦପାଶ
ଧନ୍ୟ ହେ ଠାକୁର ହେ କରୁଣାମୟ
ଧନ୍ୟ କୃପାମୟ ପ୍ରଭୁ
ନାହିଁ କା'ର ଭାଗ୍ୟ ମୋହରି ପରି ହେ
ତୁମ ନାମ ଜପିବାକୁ
ସୁଖୀଟିଏ ହୋଇ ରହିବାଠାରୁ ହେ
ଦୁଃଖୀଠାରୁ ଦୁଃଖ ଦିଅ
ସେ ଦୁଃଖ ମଧ୍ୟରେ ତୁମେ ଥାଅ ପ୍ରଭୁ
ଆଉ କି ଲୋଡ଼ା ମୋର।

+ ପିଙ୍ଗୁ, ନୁଦଡିଆ

## ଅଭିନନ୍ଦନ...ଅଭିନନ୍ଦନ

### ସର୍ବେଶ୍ୱର ମହାପାତ୍ର

ଏ କରୋନା ଭିତରେ ସମ୍ଭାବନା... ଅଥବା କାହାର ପ୍ରେରଣା... ?
ଆଜିର ଏ ସାରସ୍ୱତ ମଂଚ ରୂପ ନିଏ-
ବିପ୍ଳବୀ ପତ୍ରିକା ଧ୍ୱନି ପ୍ରତିଧ୍ୱନିର ପାଠକ ମଂଚର ପରିକଳ୍ପନା
ସତରେ ସୁନ୍ଦର ଭାବନା-
କରୁଛି ଅନ୍ୱେଷଣ ଗୃହର ଶୋଭା ବନ୍ଦନା...
ବହୁ ପ୍ରତିଷ୍ଠିତ କବି ଲେଖକଙ୍କର ଉପସ୍ଥାନ
ବଂଚାଇ ପାରିଛି ଓଡ଼ିଆ ଭାଷା ସାହିତ୍ୟର ମାନ...
ଶିଶୁ ସାହିତ୍ୟ, ଧାରାବାହିକ ସମୀକ୍ଷାର ଫର୍ଦ୍ଦ
କିସମ କିସମ ସୃଜନୀ ତୂଳୀର ଲେଖା ପ୍ରକାଶନ
ସତରେ ଧ୍ୱନି ପ୍ରତିଧ୍ୱନିର ଆଠ ପୃଷ୍ଠାର ପତ୍ରିକା ଟିକକ
ଆମ୍ଭ ସାହିତ୍ୟ ପ୍ରାଣକୁ କରିପାରିଛି ମହାନ...
ଏଣୁ ଆଜିର ପାଠକ ମଂଚର ଶୁଭ ଲଗ୍ନରେ-
ଧ୍ୱନି ପ୍ରତିଧ୍ୱନି ପରିବାର ଓ କବି ସାହିତ୍ୟିକମାନଙ୍କୁ
ଅନେକ ଅନେକ ... ଅଭିନନ୍ଦନ ! !
ନିଚ୍ଛକ ସତ୍ୟ, ସୃଜନୀ ସୃଷ୍ଟିର ପ୍ରଚେଷ୍ଟା-
ସତରେ ବଣ ମଲ୍ଲୀ ପରି ଅନେକ ବାସ୍ନା ମିଳେ
ପାଠକ ମଂଚ ଜରିଆରେ ଏ ଉଦଳା ସାରସ୍ୱତ ମାଟିରୁ
ଧନ୍ୟ ଏ ମଂଚ ଆଉ ସହକର୍ମୀ ସମୂହ ଧ୍ୱନି ପ୍ରତିଧ୍ୱନିର କୋଳେ
ପ୍ରତିଦିନ ସକାଳ ନାଲି ସୂରୁଜ ମଥା ଟେକିବା ପୂର୍ବରୁ...
ଧ୍ୱନି ଆସେ... ବାଲେଶ୍ୱରର ଏକ ନିଭୃତ କୋଣରୁ
ଆଠ ପୃଷ୍ଠାର ଦୈନିକ ସମ୍ବାଦ ପତ୍ରଟିଏ....
ବିଚ୍ଛୁରିତ ହୋଇପଡ଼େ ... ପ୍ରତି ଗାଁଠୁ ସହର
ଆଉ ମନ କିଣିନିଏ ଆମ ସବୁରିର
ତାର ପ୍ରତିଧ୍ୱନି... ଗୁଂଜରଣ ହୁଏ ପ୍ରତିଟି ପ୍ରାଣରେ
ରେଖା ଟାଣେ- ଅସ୍ପଷ୍ଟ ମନରେ
ଲେଖାର ଶୈଳୀ ଆଉ କବିତାର କଳିକା...
ନାରୀର ଶୃଙ୍ଗାର ପରି ଗୁନ୍ଥି ଦିଅନ୍ତି ସଂପାଦିକା ...
ବାଃ ଚମତ୍କାର... ତଟକା ସମ୍ମାନ ସହିତ- ସ୍ଥାନ ପାଏ
ସୃଜନୀମାନଙ୍କର ଅନ୍ତରର ଭାବନା...
ଆଉ... ସକାଳୁ ସକାଳୁ ପରଶା ହୁଏ... କିଛି ପାଠକଙ୍କ ଦୁଆରେ
ତାହା ପାଠକଙ୍କୁ ଲାଗେ ସବୁ ମିଠା ମିଠା
ହୃଦୟ ଛୁଇଁଥାଏ ପ୍ରତ୍ୟେକ ପୃଷ୍ଠା...
ବହୁ ପ୍ରବନ୍ଧ, କବିତା ଓ ବିଜ୍ଞାପନ ହୁଏ ଶୋଭାମଣ୍ଡନ
ଧ୍ୱନି ପ୍ରତିଧ୍ୱନି ବଂଚାଇ ପାରିଛି ଆମ ଓଡ଼ିଆ ପୁଅର ମାନ
ଏଣୁ ଏ ପତ୍ରିକାର ପ୍ରତିଷ୍ଠାତାଙ୍କ ସହିତ ସାଗରିକା ପତ୍ରିକାରର ପ୍ରାଣଦାତ୍ରୀଙ୍କୁ
ଏ ପାଠକଙ୍କ ହୃଦୟରୁ ଅନେକ ଶୁଭକାମନା...
ଶେଷରେ- ଯେଉଁମାନଙ୍କ ସ୍ପର୍ଶରେ... ପ୍ରସ୍ଫୁଟିତ ହୁଏ ପାଠକ ମଂଚର ଆସର
ଦିଏ ନୂଆ ଚିନ୍ତା ଓ ଚେତନା-
ଦୀର୍ଘାୟୁ ହୁଅନ୍ତୁ ସେମାନେ, ସଫଳ ହେଉ ତାଙ୍କ ପରିକଳ୍ପନା
ଏ ଶୁଭ ଲଗ୍ନରେ...
ପାଠକ ମଂଚକୁ ବଂଚାଇ ରଖିବାର ପ୍ରୟାସ
ଏକ ବୈପ୍ଳବିକ ସାଧୁ ଉଦ୍ୟମ ସତରେ
ଏତିକି କାମନା ପ୍ରଭୋ: ଦିଅନ୍ତୁ ଦୀର୍ଘ ଆୟୁଷ-
ପୂଜ୍ୟପୂଜା ସଂସ୍ଥାନ, ଉଦଳାର ଏହି ଅଭିଳାଷ... ?

+ ଉଦଳା

## ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ କମ୍ବଳ ବଂଟନ

କୋରେଇ,୩୦।୧୨ (ନି.ପ୍ର): ଯାଜପୁର ଜିଲ୍ଲା ମାଳଆନନ୍ଦପୁର ପଂଚାୟତର ବରିଷ୍ଠ ନାଗରିକ (୮୦ ବର୍ଷରୁ ଉର୍ଦ୍ଧ୍ୱ) ଓ ଶାରୀରିକ ଅକ୍ଷମ ବକ୍ତିମାନଙ୍କୁ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଅଶୋକ ଦାସଙ୍କ ୧୨ ତମ ଶ୍ରାଦ୍ଧ ଦିବସ ଅବସରରେ କମ୍ବଳ ବଂଟନ କରାଯାଇଛି । ୱାର୍ଡ ସଭ୍ୟ ଓ ଫାଉଣ୍ଡେସନର ସଦସ୍ୟ ମାନଙ୍କ ଦ୍ୱାରା ଚୟନ କରାଯାଇଥିବା ପ୍ରତି ୱାର୍ଡରୁ ମୋଟ୍ ୧୩୮ ଜଣଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା ।
ସରପଂଚ ବିଶ୍ୱନାଥ ସ୍ୱାଇଁ, ସମିତିସଭ୍ୟ ରାଜ କିଶୋର ସ୍ୱାଇଁ, ଜିଲ୍ଲା ପରିଷଦ ପ୍ରତିନିଧି ଦୈତାରୀ ଧଳ, ଦିଲ୍ଲୀପ ଧଳ, ପଙ୍କଜ ଧଳ, ଶକ୍ତିଧର ସ୍ୱାଇଁ, ନିର୍ମଳ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ସମସ୍ତ ୱାର୍ଡ ସଭ୍ୟ ଓ ଫାଉଣ୍ଡେସନର ସଦସ୍ୟ ମାନେ ସହଯୋଗ କରିଥିଲେ ।

## ବରିଷ୍ଠ ଆଇନଜୀବି ମୀନା ଅପାଙ୍କ ପରଲୋକ

ପୁରୀ,୨୯ ଡିସେମ୍ବର(ହି.ସ.)- ପୁରୀ ଓକିଲ ସଂଘର ବରିଷ୍ଠ ଆଇନଜୀବି ବନଲତା ମହାନ୍ତି (ମୀନା ଅପା)ଙ୍କ ଆଜି ଭୁବନେଶ୍ୱର ସ୍ଥିତ ଘରୋଇ ଡାକ୍ତରଖାନାରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ପୁରୀ ଓକିଲ ସଂଘର ସଦସ୍ୟମାନେ ମର୍ମାହତ ହୋଇଛନ୍ତି । ସେ ଜଣେ ଗରୀବ ପ୍ରିୟ ଆଇନଜୀବି, ଦରଦି ଓ ସ୍ନେହୀ ମହିଳାଭାବେ ବେଶ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଂଜୟ କୁମାର ଦାସବର୍ମା ତାଙ୍କ ପରିବାରୁ ସମବେଦନା ଜଣାଇବା ସହ ଆତ୍ମାର ସଦଗତି କାମନା କରିଛନ୍ତି । ଏହାସହ ଓକିଲ ସଂଘର ମଧ୍ୟବର୍ତ୍ତୀ କାଳୀନ ସଭାପତି ରୁଦ୍ରନନ୍ଦନ ମିଶ୍ର, ସଂପାଦକ ଅଶୋକ କୁମାର ଦାସ, ପୂର୍ବତନ ସଂପାଦକ ବିଭୂତିଶଙ୍କର ତ୍ରିପାଠୀ ଓ ସାରଦା ପ୍ରସାସ ସାମଲ, ଆଇନଜୀବି ରାମଚନ୍ଦ୍ର ମହାପାତ୍ର, ପ୍ରଶନ୍ନ କୁମାର ମିଶ୍ର, କର୍ଣ୍ଣବୀର ମହାପାତ୍ର ପ୍ରମୁଖ ଶତାଧିକ ଆଇନଜୀବି ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି ।

## ଆବାସ ଯୋଜନା ଷ୍ଟିକରିଙ୍ଗ ବିବାଦ: ବିଜେପି ପକ୍ଷରୁ ଝାରସୁଗୁଡା ଥାନାରେ ଏତଲା

ଝାରସୁଗୁଡା,୩୦।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ପକ୍କାଘର ଲୋଗୋ ଷ୍ଟିକରିଙ୍ଗ ଉଦ୍ୟମ କରାଯାଇଛି । ବିଜେଡି ସରକାର କେନ୍ଦ୍ରୀୟ ଯୋଜନାକୁ ହଡପ ନିଜ ଦଳର ପ୍ରଚାର ଓ ହୀନ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଲାଗି ପଡିଥିବା ବିଜେପି କହିଛି। ସଂପୃକ୍ତ ଅଧିକାରୀଙ୍କୁ ଭୁଲ ଲୋଗୋ କରେଇ ନଦେବାକୁ ହିତାଧିକାରୀଙ୍କୁ ନିବେଦନ କରିବା ସହ ଷ୍ଟିକରକୁ ଚିରିଛି ବିଜେପି। ଏଥିସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବୀ ମଧ କରିଛି। ଏମିତି କି ମୁଖ୍ୟମନ୍ତ୍ରୀଙ୍କ ନାମରେ ଥାନାରେ ଏତଲା ଦେଇଛି ବିଜେପି । ଝାରସୁଗୁଡା ବିଜେପି ତରଫରୁ ଷ୍ଟିକରିଙ୍ଗ ବିବାଦକୁ ନେଇ ଆଜି ଝାରସୁଗୁଡା ଜିଲ୍ଲାର କିର୍ମିରା, ଲଇକେରା ଓ ଲଖନପୁର ବ୍ଲକ ଘେରାଓ କରାଯାଇଛି । ବିଜେପି ନେତା ଟଙ୍କଧର ତ୍ରିପାଠୀ ଅଭିଯୋଗ କରିଛନ୍ତି ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ହଡପ କରି ରାଜ୍ୟ ସରକାର ନିଜ ଦଳର ପ୍ରଚାର ଓ ହୀନ ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ ଲାଗି ପଡି ବିଭିନ୍ନ ସମୟରେ ଅତୀତରେ ଧରା ପଡ଼ିଛନ୍ତି । ୨୦୨୨ ମସିହା ସୁଦ୍ଧା ଦେଶର ସବୁ ଗରିବ ପରିବାରକୁ ପକ୍କାଘର ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରସ୍ତୁତ କରି ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା ରାଜ୍ୟ ସରକାରଙ୍କୁ ଯୋଗାଇ ଦେଇ ଆସୁଛନ୍ତି । ହେଲେ ଓଡ଼ିଶା ସରକାର ଏହି ଯୋଜନାରେ ହିତାଧିକାରୀ ଚୟନରେ ବହୁ ଗରିବ ତଥା ବାସହୀନ ଲୋକଙ୍କୁ ବଞ୍ଚିତ କରି ନିଜ ଦଳୀୟକର୍ମୀ ଓ ଧନୀ ଲୋକମାନଙ୍କୁ ଏକାଧିକ ଘର ମଧ ଯୋଗାଇଦେଉଥିବା ବିଜେପି ଅଭିଯୋଗ କରିଛି ।ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଉଦ୍ଦେଶ୍ୟରେ ଲୋଗୋ ଷ୍ଟିକରିଙ୍ଗ ପ୍ରସ୍ତୁତ କରାଯାଇଛି ସେଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନ କୁ ସଂକ୍ଷିପ୍ତରେ ପୁଣି ଛୋଟ ଆକାରରେ 'ପ୍ର.ଆ.ଯୋ. ଲେଖାଯାଇଛି । ତେଣୁ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ସମେତ୍ ବିଭାଗୀୟ ଅଧିକାରୀ ସାଧାରଣ ଜନତାଙ୍କୁ ପ୍ରତାରଣା ଓ ଠକେଇ ମାମଲାରେ ଆଜି ବିଜେପି ପକ୍ଷରୁ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଥାନା ରେ ଏତଲା ଦେଇଛି ବୋଲି ଟଙ୍କଧର ତ୍ରିପାଠୀ କହିଛନ୍ତି ।

## ନେହେରୁ ଯୁବ କେନ୍ଦ୍ର ତରଫରୁ କନ୍ଧମାଳ ଜିଲ୍ଲାସ୍ତରୀୟ ପାର୍ଲ୍ୟାମେଣ୍ଟ ପ୍ରତିଯୋଗିତା

କନ୍ଧମାଳ,୩୦।୧୨ (ନି.ପ୍ର): କନ୍ଧମାଳ ଷ୍ଟାଡିୟମ ଇନଡୋର ହଲଠାରେ ଫୁଲବାଣୀ ନେହେରୁ ଯୁବ କେନ୍ଦ୍ର ଆୟୋଜନରେ ଏକ ଜିଲ୍ଲା ସ୍ତରୀୟ ଯୁବ ପାର୍ଲ୍ୟାମେଣ୍ଟ ପ୍ରତିଯୋଗୀତା ୱେବିନାର ଜରିଆରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ବିମଲ ପାତ୍ରିକ ସାହା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ସମ୍ବଲପୁର ଦୁର୍ନିତି ନିବାରଣ ବିଭାଗର ଏସପି ଶ୍ରୀମତୀ ସାରା ଶର୍ମା,କୋରାପୁଟ ଏବଂ ସୋନପୁର ଯୁବ ଅଧିକାରୀ ଦାୟୀତ୍ୱରେ ଥିବା ରାଜମୃତେଶ ପାଢୀ,ବିଜୟ କୁମାର ମହାପାତ୍ର,ଗଜପତି ଜିଲ୍ଲାର ଜେ ସତୀଶ,ଏବଂ ରାୟଗଡା ଜିଲ୍ଲାର ଯୁବ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ଜିଲ୍ଲାରୁ ୧୦ ଜଣ ଲେଖାଁଏ ଯୁବ ପ୍ରତିଯୋଗୀ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଯୋଗ ଦେଇଥିବା ପ୍ରତିଯୋଗୀ ମାନଙ୍କୁ ଏହାର ମୁଖ୍ୟ ଉଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ଅନୁଷ୍ଠିତ ପ୍ରତିଯୋଗୀତାର ବିଚାରପତି ଭାବରେ ବରିଷ୍ଠ ବୁଦ୍ଧିଜୀବି ଡ.ଅନନ୍ତ ଚରଣ ମିଶ୍ର,ଆଇନଜୀବି ବିଜୟକୃଷ୍ଣ ପଟ୍ଟନାୟକ,ନବୀନ କିଶୋର ପଣ୍ଡା,ଆଇନଜୀବି ରବିନ୍ଦ୍ର ନାଥ ମିଶ୍ର ଏବଂ ଡ.ଅରୁପ କୁମାର ଜେନା ପ୍ରମୁଖ ପ୍ରତିଯୋଗୀ ମାନ ମୂଲ୍ୟାଙ୍କନ କରିଥିଲେ । କାର୍ଯ୍ୟକ୍ରମଟି ନେହେରୁ ଯୁବ ସଂଗଠନର ଏନଏସଏସ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା । ନେହେରୁ ଯୁବ ସଂଗଠନ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ଅତିଥି ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରକୁ ପରିଚାଳନା କରିଥିଲେ ।

## ସ୍ୱଳ୍ପ କର୍ମଚାରୀଙ୍କ ଭିତରେ ଲୋକଙ୍କୁ ଅଧିକ ସେବା ଯୋଗାଇବାଲାଗି ପ୍ରୟାସ ଜାରି ରହିଛି: ରାଉରକେଲା ପୋଷ୍ଟାଲ ଡିଭିଜନ

ରାଉରକେଲା,୩୦।୧୨ (ନି.ପ୍ର): ରାଉରକେଲା ସହର ସ୍ମାର୍ଟ ସିଟି ଓ ମହାନଗର ନିଗମ ରେ ପରିଣତ ହେବା ପରେ ବିଗତ ଏକ ବର୍ଷ ତଳେ ରାଉରକେଲା ସହରର ପୋଷ୍ଟାଲ ବ୍ୟବସ୍ଥାକୁ ସରକାର ଡିଭିଜନର ମାନ୍ୟତା ଦେଇଥିଲେ ।ଏହା ଭିତରେ ତାହା ବର୍ଷାଧିକ ସମୟ ପୁରା କରିସାରିଛି । ଏହାରି ଭିତରେ ଏହି ଡିଭିଜନ ଲୋକଙ୍କୁ ଘରେ ସେବା ଯୋଗାଇଦେବା ଯୋଜନା ଗୁଡିକରେ ବେଶ ସଫଳତା ପାଇଛି ବୋଲି ଏହାର ଡିଭିଜନ ମୁଖ୍ୟ ସୁବ୍ରତ ଦତ କହିଛନ୍ତି । ଏକ ସୌଜନ୍ୟ ମୁଳକ ସାକ୍ଷାତ ବେଳେ ସେ କହିଛନ୍ତି ।ସରକାରଙ୍କର ଏହି ବିଭାଗ କୁ ଲୋକେ ପୁର୍ବରୁ କେବଳ ଚିଠି ପତ୍ର ଓ ପୋଷ୍ଟାଲ ମନି ଅର୍ଡର ଭଳି ସେବା ଲାଗି ଜାଣୁଥିଲେ ,ବର୍ତମାନ ଏହା ବହୁ ପ୍ରକାର ସେବା ଦେବାରେ ଲାଗିଛି । ପ୍ରତି ପୋଷ୍ଟ ଅଫିସରେ ସବୁ ଦିନ ଭିଡ ଜମିବା ସହ ଏହି ବିଭାଗ ରାଉରକେଲାରେ ବେଶ ସେବା ଯୋଗାଉଛି। ଏହା ଭିତରେ ସରକାରୀ ଯୋଜନା ଏଇପିଏସ ମାଧମରେ ଲୋକେ ଘରେ ବସି ବ୍ୟାଙ୍କ କିମ୍ବା ଏଟିଏମକୁ ନଯାଇ ଟଙ୍କା ପାଇବାରେ ସଫଳ ହୋଇଛନ୍ତି ।ବିଶେଷ କରି କୋଭିଡ ସମୟରେ ଏହି ସେବା ଲୋକଙ୍କ ପାଖରେ ଅଧିକ ୬୦ପ୍ରତିଶତ କାମ କରି ସଫଳ ହୋଇଛି । ଯଦି ଆପଣଙ୍କର ଆଧାର କାର୍ଡ ବ୍ୟାଙ୍କ ସହ ଲିଙ୍କ ହୋଇଛି ତେବେ ଏହି ସେବା ନେବାରେ କିଛି ଅସୁବିଧା ନାହିଁ ବୋଲି ସେ କହିଛନ୍ତି ,ଏହି ସେବା ସବୁ ବେଳେ ପୋଷ୍ଟାଲ ବିଭାଗ ଯୋଗାଇ ଦେଉଛି ବୋଲି ସେ ପ୍ରକାଶ କରିଛନ୍ତି । ସେହି ଭଳି ରାଉରକେଲାରେ ବର୍ତମାନ ୫୩ଟି ସବ ପୋଷ୍ଟ ଅଫିସ,୧୩୬ଟି ଗ୍ରାମାଂଚଳ ପୋଷ୍ଟ ଅଫିସ ସହ ୨ଟି ହେଡ ପୋଷ୍ଟ ଅଫିସ ରହିଛି। ଏଥିରେ ଆବଶ୍ୟକ କର୍ମଚାରୀ ୧୩୧ ଯାଗାରେ ବର୍ତମାନ ୧୦୫ ଜଣ ରହି କାମ ଚଳାଉଛନ୍ତି । ଏହା ଭିତରେ ସରକାର ବ୍ୟାଙ୍କ ,ଏଟିଏମ ସମେତ ଏହି ବିଭାଗ ଉପରେ ଅଧିକରୁ ଅଧିକ କାମ ଲାଗି ଦାୟିତ୍ୱ ଦେଇଛନ୍ତି, ଏହା କିଭଳି ହେଉଛି ବୋଲି ପଚାରା ଜିବାରୁ ସେ କହିଛନ୍ତି ସରକାରୀ କାମ କରିବାକୁ ପଡିବ ,ଏହି ସବୁ କାମ ଲାଗି କଂପ୍ୟୁଟର ,ଇଂଟରନେଟ ଅନେକ ପରିମାଣରେ ସହାୟକ ହେଉଛି । ଅଳ୍ପ ସମୟ ବିଳମ୍ବ ହୋଇପାରେ କିନ୍ତୁ ସଠିକ ସେବା ଦେବା ଲାଗି ଏ ଡିଭିଜନର କର୍ମଚାରୀ ଚେଷ୍ଟା ଜାରୀ ରଖିଛନ୍ତି ଓ ଲୋକେ ଏହି ସେବାରେ ଖୁସି ବୋଲି ସେ ପ୍ରକାଶ କରିଛନ୍ତି । ଏହା ଛଡା ବିଭିନ୍ନ ପୋଷ୍ଟ ଅଫିସ ରେ ଯାଗା ହେଉନଥିବାରୁ ସେଗୁଡିକୁ ଭଲ ଯାଗା ଦେଖି ପରି ବର୍ତନ କରାଜିବ ବୋଲି ସେ ସୁଚନା ଦେଇଛନ୍ତି ।

## ଦୌଡ଼ କୁଦ ପ୍ରଶିକ୍ଷକଙ୍କ ଅକାଳ ବିୟୋଗରେ ଶୋକର ଛାୟା

କେନ୍ଦୁଝର,୩୦।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୌଡ଼ କୁଦ ପ୍ରଶିକ୍ଷକ ତଥା କ୍ରୀଡ଼ା ଛାତ୍ରବାସର ଭାରପ୍ରାପ୍ତ ଅଧିକ୍ଷକ ସୁବ୍ରତ ମହାନ୍ତିଙ୍କ ଅକାଳ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା । ପୂର୍ବରୁ ସେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିଲେ । କୋଭିଡ୍‌ରୁ ଆରୋଗ୍ୟ ହେବା ପରେ ତାଙ୍କର ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖା ଦେବାରୁ ସେ କଟକସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ । ସେଠାରେ ଡିସେମ୍ବର ୨୯ ତାରିଖ ପୂର୍ବାହ୍ନ ଘ୧୧.୩୦ମି. ସମୟରେ ତାଙ୍କର ଦେହାନ୍ତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ସୁବ୍ରତ ମହାନ୍ତି ୧୯୬୨ ମସିହାରେ କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ୧୯୯୨ ମସିହାରେ ସେ କୋଚ୍ ଭାବେ ଚାକିରୀରେ ଯୋଗ ଦେଇଥିଲେ । ବିଭିନ୍ନ ଜିଲ୍ଲାରେ ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରିବା ପରେ ୨୦୦୯ ମସିହାରେ ସେ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି ହୋଇ ଆସିଥିଲେ । ଜଣେ ସୁନାମଧନ୍ୟ ପ୍ରଶିକ୍ଷକ ଭାବେ ତାଙ୍କର ସୁନାମ ରହିଥିଲା । ତାଙ୍କରି ପ୍ରଶିକ୍ଷଣରେ ଅନେକ କ୍ରୀଡ଼ାବିତ୍ ରାଜ୍ୟ ଓ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ତାଙ୍କର ବିୟୋଗରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, କେନ୍ଦୁଝର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ, ବିଭିନ୍ନ କ୍ରୀଡ଼ା ସଙ୍ଗଠନ ଏବଂ କ୍ରୀଡ଼ାବିତ୍‌ମାନଙ୍କ ଶୋକର ଛାୟା ଖେଳି ଯାଇଛି ।

## ଆରକ୍ଷଣ ନୀତି୨୦୨୦ ଏକ ଐତିହାସିକ ନିଷ୍ପତ୍ତି

### ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଲେ କେନ୍ଦ୍ରାପଡାର ଯୁବ ଓ ଛାତ୍ର

କେନ୍ଦ୍ରାପଡ଼ା,୩୦।୧୨ (ନି.ପ୍ର): ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ମେଡିକାଲ ଏବଂ ଇଞ୍ଜିନିୟରିଂ କଲେଜରେ ସ୍ୱତନ୍ତ୍ର ସରଂକ୍ଷଣ ବ୍ୟବସ୍ଥା, କେବଳ ଓଡିଶା ନୁହେଁ ସାରା ଭାରତବର୍ଷରେ ଏକ ନୂତନ ଏବଂ ଯୁଗାନ୍ତକାରୀ ନିଷ୍ପତି । ଏଭଳି ଐତିହାସିକ ଘୋଷଣା କରିଥିବାରୁ ସାଢେ ଚାରିକୋଟି ଓଡିଆ ଜନ ମାନସର ନେତା ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଇତିହାସ ନିଶ୍ଚୟ ମନେରଖିବ । ଆଜି ବିଜୁ ଯୁବ ଜନତା ଓ ଛାତ୍ର ଜନତା ଦଳ ତରଫରୁ ଏକ ପଥପ୍ରାନ୍ତ ସଭା ଜିଲ୍ଲା ଯୁବ ଜନତା ସଭାପତି ରାଜେଶ ଦାସଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ପୁରୁଣା ମଟର ଷ୍ଟାଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ବିଧାୟକ କେନ୍ଦ୍ରାପଡା ଶଶିଭୂଷଣ ବେହେରା ଯୋଗଦେଇ ଏଭଳି ଏକ ଯୁଗାନ୍ତକାରୀ ଘୋଷଣା କରି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ଭାରତବର୍ଷରେ ଏକ ଇତିହାସ ରଚନା କରିଛନ୍ତି ବୋଲି କହିଥିଲେ । କେନ୍ଦ୍ରାପଡା ଜିଲ୍ଲା ବିଜୁ ଜନତା ଦଳର ସଭାପତି ଉତ୍କଳ କେଶରୀ ପରିଡା ଏହି ସଭାରେ ନିଜର ବକ୍ତବ୍ୟ ରଖି, ଏଭଳି ନିଷ୍ପତି ଗରିବ ଓ ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ହେବ ବୋଲି ନିଜର ମତ ପୋଷଣ କରିଥିଲେ । ବିଜୁ ଯୁବ ଜନତା ଦଳର ଉପସଭାପତି ପ୍ରଶାନ୍ତ ରାଉତ ପ୍ରଥମେ କ୍ୟାବିନେଟରେ ପାରିତ ହୋଇଥିବା ପ୍ରସ୍ତାବକୁ ପଠନ କରି ଉପସ୍ଥିତ ଜନସାଧାରଣଙ୍କୁ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂପାଦକ ରଞ୍ଜିତ କୁମାର ସାହୁ ।

## ଧାନ ମଣ୍ଡିରେ ଧାନ ରଖୁନଥିବା ଅଭିଯୋଗ

କନ୍ଧମାଳ,୩୦।୧୨ (ନି.ପ୍ର): ଚାଷୀ ମାନଙ୍କ ଠାରୁ ଧାନ କିଣିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲାର ୨୨ଟି ସ୍ଥାନରେ ଧାନମଣ୍ଡି ଖୋଲାଯାଇଛି । କିନ୍ତୁ ଜିଲାର ଅନେକ ମଣ୍ଡିରେ ଦାୟିତ୍ୱରେ ଥିବା କର୍ମଚାରୀ ମାନେ ଧାନ କ୍ରୟ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି କନ୍ଧମାଳ ଜିଲାର ଚାଷୀମାନେ । ଆଜି ଏନେଇ ବିଭିନ୍ନ ଅଂଚଳରେ ଚାଷୀମାନେ କନ୍ଧମାଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ବେସାମରିକ ଯୋଗାଣ ଅଧିକାରୀ ଭବାନୀପ୍ରସାଦ ଦାସଙ୍କୁ ପ୍ରଦାନ କରିଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁସାରେ ,ଚକାପାଦ ଅଂଚଳର ଚାଷୀମାନେ ସେମାନଙ୍କର ଧାନ ବିକ୍ରି କରିବାକୁ କୃଷି ସମବାୟ ସମିତିକୁ ଗଲେ ହେଲେ ସେଠାରେ କୌଣସି ମିଲର ଆସିନାହାନ୍ତି , ଧାନ କିଣାହେବ ନାହିଁ ବୋଲି ଲ୍ୟାମ୍ପ ସଂପାଦକ ମାନେ ଫେରାଇ ଦେଉଛନ୍ତି ବୋଲି ଅଭିଯୋଗ କରିଥିବା ବେଳେ ଜିଲାର ଅନ୍ୟ କେତେକ ମଣ୍ଡିରେ ମଧ୍ୟ ଏକା ଅବସ୍ଥା ବୋଲି ଅଭିଯୋଗ ହୋଇଛି । ଫଳରେ ଚାଷୀମାନେ ଗାଡ଼ିଭଡ଼ା କରି ଧାନ ଧରି ମଣ୍ଡିରେ ପହଂଚିବା ପରେ ଧାନ କିଣା ଯାଉନଥିବା ଯୋଗୁଁ ପୁଣିଥରେ ଗାଡ଼ିଭଡ଼ା କରି ଫେରିବାକୁ ବାଧ୍ୟ ହୋଇ ଅଜଥା ଖର୍ଚ୍ଚାନ୍ତ ହେଉଛନ୍ତି ବୋଲି ଅଭିଯୋଗ ପତ୍ରର ଦର୍ଶାଇଛନ୍ତି । ବାଲିଗୁଡ଼ା ବ୍ଲକର ଲଣ୍ଡାଗାଁ ବ୍ୟତୀତ ଜିଲାର ଅନ୍ୟ ୨୧ଟି ମଣ୍ଡିରେ ଧାନ କିଣାଯାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏପରି ସ୍ଥଳେ ଜିଲାରେ ଅଧିକ ମିଲର ବ୍ୟବସ୍ଥା କରି ଚାଷୀ ମାନଙ୍କର ଧାନକ୍ରୟ କରିବାର ସୁବିଧା ପାଇଁ ଦାବି କରିଛନ୍ତି ଚାଷୀମାନେ । ଦାବିପତ୍ର ପ୍ରଦାନ ବେଳେ କନ୍ଧମାଳ ଜିଲ୍ଲା କଂଗ୍ରେସର କୃଷକ ସଲ ଅଧ୍ୟକ୍ଷ ହେମନ୍ତ କର, ନେତା ସନ୍ତୋଷ କୁମାର ପଟ୍ଟନାୟକ ଓ ବଳରାମ ମଲିକଙ୍କ ନେତୃତ୍ୱରେ କିଛି ଚାଷୀ ଦାବିପତ୍ର ପ୍ରଦାନ କରିଛନ୍ତି । ତେବେ ଅଭିଯୋଗ ସର୍ମ୍ପରେ ଜିଲା ଯୋଗାଣ ଅଧିକାରୀଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା ।

## ଝିଅକୁ ଅପହରଣ ଅଭିଯୋଗ : ଥାନାରୁ ନ୍ୟାୟ ନ ପାଇ ପିତାମାତା ଏସପିଙ୍କ ଦ୍ୱାରସ୍ଥ

କୋରେଇ,୩୦।୧୨ (ନି.ପ୍ର): ରାଜ୍ୟରେ ଅପହରଣ ଓ ଦୁଷ୍କର୍ମ ଭଳି ଜଘନ୍ୟ ଅପରାଧ ଦିନକୁ ଦିନ କାୟା ବିସ୍ତାର କରୁଥିବା ବେଳେ ଅଭିଯୋଗ ପାଇବା ପରେ ପୁଲିସର ତଦନ୍ତରେ ଶିଥିଳତା ଅପରାଧିମାନଙ୍କୁ ଅପରାଧ ଘଟାଇବାରେ ସହାୟତା କରୁଛି । ଯାଜପୁର ଜିଲ୍ଲା କୁଆଖିଆ ଥାନା ଅଧିନସ୍ଥ କଲଣ ଗ୍ରାମର ଦଳେଇ ସାହିର ରାଧାରାଣୀ ପରିଡ଼ା ନାମ୍ନୀ ମହିଳା ଏ ନେଇ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାୟର କରିଛନ୍ତି ।
ମିଳିଥିବା ସୁଚନାନୁସାରେ, ରାଧାରାଣୀଙ୍କର ଝିଅ କଳ୍ପନା (୨୪)ଙ୍କର ଚଳିତ ମାସ ୯ ତାରିଖ ଦିନ ନିର୍ବନ୍ଧ ହେବାର ଥିଲା । କିନ୍ତୁ, ନିର୍ବନ୍ଧ ପୂର୍ବଦିନ କଳ୍ପନା ଘରୁ ନିଖୋଜ ହୋଇଯାଇଥିଲା । ଏ ନେଇ ରାଧାରାଣୀ ଓ ତାଙ୍କ ସ୍ୱାମୀ ଅକ୍ରୁର କୁଆଖିଆ ଥାନାରେ ସେହି ଗ୍ରାମର ରାଇଚରଣ ପରିଡ଼ାଙ୍କ ପୁଅ ଅନୀଲ ପୂର୍ବ ଶତୃତାକୁ କେନ୍ଦ୍ର କରି ତାଙ୍କ ଝିଅକୁ ଅପହରଣ କରି ନେଇଛି ବୋଲି ୯ ତାରିଖ ଦିନ ଏକ ଅଭିଯୋଗ ପତ୍ର ଦାଖଲ କରିଥିଲେ । ଏପରିକି ଅନୀଲ ଘରକୁ ରାଧାରାଣୀ ଓ ତାଙ୍କ ସ୍ୱାମୀ କଳ୍ପନାକୁ ଖୋଜିବା ଲାଗି ଯାଇଥିବା ବେଳେ ଅନୀଲର ବାପା ରାଇଚରଣ ଓ ମାତା ହୀରା ତାଙ୍କୁ ଭୁଜାଲି ଓ ଲୁହାରଡ଼ରେ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ ବୋଲି ରୀତାରାଣୀ ନିଜ ଅଭିଯୋଗରେ ଦର୍ଶାଇଥିଲେ । ଯେହେତୁ ଝିଅଟି ସାବାଳିକା ଥିଲା ପୁଲିସ ଅଭିଯୋଗ ଉପରେ ସେତେଟା ଗୁରୁତ୍ୱ ନଦେଇ କେବଳ ଏକ ନିଖୋଜ ମାମଲା ଦାୟର କରି ଚୁପ୍ ହୋଇ ବସିରହିଥିଲା । ଝିଅର ଜୀବନ ବିପଦରେ ଥିବା ଜାଣି ଉଭୟ ପତିପତ୍ନୀ ଥାନାକୁ ବହୁବାର ଯାଇଥିଲେ ମଧ କେହି ତାଙ୍କର କଥା ଶୁଣି ନଥିଲେ । ଫଳରେ ଥାନାରୁ ନ୍ୟାୟ ନପାଇ ଉଭୟ ପତିପତ୍ନୀ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପହଂଚି ଥାନା ଅଧିକାରୀଙ୍କ ବିରୁଦ୍ଧରେ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ ।

## ପାଣିରେ ପଡ଼ିଲା ୯୦ ଲକ୍ଷ ଟଙ୍କାର ସୋଲାର ପ୍ଲେଟ

ବାରିପଦା,୩୦।୧୨ (ନି.ପ୍ର): ସହରୀ ରୂପାନ୍ତରଣ ଅଟଳ ମିଶନ ଯୋଜନା(ଅମୃତ)ରେ ବାରିପଦା ପୌରପରିଷଦ ସାମିଲ ହୋଇଛି । ଉକ୍ତ ଯୋଜନାରେ ରହିଥିବା ସର୍ତ୍ତ ଅନୁସାରେ ଯାତାୟତ ପାଇଁ ଉପଯୁକ୍ତ ପରିବହନ ବ୍ୟବସ୍ଥା, ମୌଳିକ ଭିତିଭୂମି, ଶୁଦ୍ଧ ପାନୀୟ ଜଳ ଯୋଗାଣ, ପରିମଳ, କଠିନ ବାର୍ଯ୍ୟ ବସ୍ତୁ ପରିଚାଳନା, ଗରୀବମାନଙ୍କ ପାଇଁ ବାସ ଗୃହ, ବିଦ୍ୟୁତ ଯୋଗାଣ, ଆଟି ସଂଯୋଗ, ପ୍ରଶାସନିକ ଓ ନାଗରିକ ସୁରକ୍ଷା, ସୌନ୍ଦର୍ଯ୍ୟୀକରଣ, ସବୁଜ ପଦକ୍ଷେପ, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଥିବା ସମୟରେ ଦୁର୍ନୀତି ନିରୋଧ ନିୟମକୁ କଡ଼ାକଡ଼ି କରାଯାଇଅଛି । ଏହି ସମସ୍ତ ସର୍ତ୍ତକୁ ପାଳନ କରିପାରିଲେ ଅଟଳ ମିଶନ ଫର ରିଜୁଭେନେସନ ଆଣ୍ଡ ଆର୍ବାନ ଟ୍ରାନ୍ସଫରମେସନ(ଅମୃତ) ଯୋଜନାରେ ବାରିପଦା ପୌରପରିଷଦ ସାମିଲ ହୋଇ ପାରିବାର ନିୟମ ରହିଛି । ଅମୃତ ଯୋଜନା ମାଧମରେ ବାରିପଦା ପୌରପରିଷଦକୁ ପ୍ରତ୍ୟେକ ବର୍ଷ ସହରର ବିକାଶ ପାଇଁ କୋଟି କୋଟି ଟଙ୍କାର ଆର୍ଥିକ ଅନୁଦାନ ଆସିଛି । କିନ୍ତୁ ଏହି ଆର୍ଥିକ ଅନୁଦାନ କିପରି ଭାବେ ଅପଚୟ ହୋଇଛି ତାର ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ବାରିପଦା ପୌରପରିଷଦରେ ଥିବା ପାନୀୟ ଜଳ ଯୋଗାଣ ପମ୍ପ ହାଉସରେ ସୌର ଚାଳିତ ବ୍ୟବସ୍ଥାରେ । ବାରିପଦା ପୌରପରିଷଦରେ ପୌରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦବେ। ନିମନ୍ତେ ବାରିପଦା ପୌର ପରିଷଦର ୨୮ଟି ୱାର୍ଡ଼ରେ ଏକାଧିକ ପମ୍ପ ହାଉସ ରହିଥିବା ବେଳେ ଏହା ମଧ୍ୟରୁ ମୁର୍ଗାବାଡ଼ି, ଷ୍ଟେସନବଜାର, ଦାରୋଗାଡ଼ାହି, ଲାଲବଜାର, ପୁଲିସ କ୍ଲବ, ଗୋଲାପବାଗ, କୃଷ୍ଣଚନ୍ଦ୍ର ଗୋଲେଇ, ଦେବେନ୍ଦ୍ରପୁର ଓ ବିଜୟ ରାମଚନ୍ଦ୍ରପୁର ଆଦି ସ୍ଥାନରେ ଗୋଟାଏ ଲେଖାଏଁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମଧୁବନରେ ଦୁଇଟି ଲେଖାଏଁ ଏହିପରି ମୋଟ ୧୩ଟି ପମ୍ପ ହାଉସକୁ ବିଦ୍ୟୁତ୍ ଶକ୍ତି ବଦଳରେ ସୋର ଶକ୍ତି ମାଧମରେ ପମ୍ପ ଚଳାଇବା ନିମନ୍ତେ ସୋଲାର ପ୍ଲେଟ ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ଅଟଳ ମିଶନ ଫର ରିଜୁଭେନେସନ ଆଣ୍ଡ ଆର୍ବାନ ଟ୍ରାନ୍ସଫରମେସନ(ଅମୃତ) ଯୋଜନାରେ ୯୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବା ବେଳେ ଭୁବନେଶ୍ୱରର ଏକ କମ୍ପାନୀକୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସୋଲାର ପ୍ଲେଟ ଲାଗିଥିବା ୧୩ଟି ପମ୍ପ ହାଉସ ମଧ୍ୟରୁ ଷ୍ଟେସନ ବଜାର ପମ୍ପ ହାଉସର ନିର୍ମାଣ କାର୍ଯ୍ୟ ଜାରି ରହିଥିବା ସମୟରେ ଅନ୍ୟ ୧୨ଟି ପମ୍ପ ହାଉସରେ ପାଣି ଉତୋଳନ ନିମନ୍ତେ ମୋଟର ଚଳାଇବା ପାଇଁ ଆବଶ୍ୟକ ଭୋଲଟେଜ ସୋଲାର ପ୍ଲେଟ ଯୋଗାଇବାରେ ଅସମର୍ଥ ହେବାରୁ ବିଦ୍ୟୁତ୍ ଉପରେ ନିର୍ଭର କରିବାକୁ ପଡୁଛି । ପମ୍ପ ହାଉସରେ ସୋଲାର ପ୍ଲେଟ ଲାଗିବା ଦିନଠାରୁ କୌଣସି ଗୋଟାଏ ଦିନ ସୋର ଶକ୍ତି ମାଧମରେ ପମ୍ପ ଚାଲିବାରେ ସଫଳ ନ ହେବା ଫଳରେ ୯୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଲାଗିଥିବା ସୋଲାର ପ୍ଲେଟ ପାଣିରେ ପଡ଼ିଲା ବୋଲି ଅଭିଯୋଗ ହୋଇଛି । ଅଭିଯୋଗକୁ ଜନ ସ୍ୱାସ୍ଥ୍ୟ ବିଭାଗ ଏସଡ଼ିଓ ସୀତାରାମ ସେଠୀ ଖଣ୍ଡନ କରିବା ସହିତ ସୋଲାର ପ୍ଲେଟ ସଠିକ୍ ଭାବେ କାର୍ଯ୍ୟ କରୁଛି ବୋଲି କହିଥିଲେ । ଏସଡ଼ିଓଙ୍କ ଉତର ଉପରେ ପ୍ରଶ୍ନ ଉଠାଇଛନ୍ତି ଦଳିତ ଆଦିବାସୀ ମହାସଂଘ ସଭାପତି ରାକେଶ ସିଂ । ଶ୍ରୀସିଂ ନିଜ ପ୍ରତିକ୍ରିୟାରେ କେବଳ ମୁହଁରେ କହିଦେଲେ ଚଳିବ ନାହିଁ , ଏସଡ଼ିଓ ମହୋଦୟ ଥରେ ସୌରଶକ୍ତି ମାଧମରେ ପମ୍ପ ଚଳାଇ ଦେଖାଇ ଦିଅନ୍ତୁ । ତେବେ ବିଶ୍ୱାସକୁ ନେବା । ସରକାରୀ ମାଲ ଦରିଆ ମେ ଡ଼ାଲ ନ୍ୟାୟରେ ଠିକାଦାର ଓ ବିଭାଗୀୟ ପଦାଧିକାରୀଙ୍କ ମଧ୍ୟରେ ସଲାସୁତରାରେ ଅର୍ଥକୁ ସିଧାସଳଖ ଭାବେ ଅପବ୍ୟୟ କରାଯାଇଛି । ଏହା ଉପରେ ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦଳିତ ଆଦିବାସୀ ମହାସଂଘ ସଭାପତି ଶ୍ରୀ ସିଂ ଦାବି କରିଛନ୍ତି ।

## ହତ୍ୟାକାରୀଙ୍କୁ ପୁଲିସର ସୁରକ୍ଷା ପ୍ରଦାନ ନେଇ ଏସପିଙ୍କୁ ଅଭିଯୋଗ

କୋରେଇ,୩୦।୧୨ (ନି.ପ୍ର): ନିଜର ନିର୍ବନ୍ଧ ଲାଗି ବନ୍ଧୁଙ୍କ ଘରକୁ ନିମନ୍ତ୍ରଣ କରିବାକୁ ଯାଇ ବନ୍ଧୁ ଘରେ ପୁଅର ଅସ୍ୱାଭାବିକ ମୃତ୍ୟୁ ଘଟିବା ନେଇ ପୁଅର ମାଆ ବିଞ୍ଝାରପୁର ଥାନାରେ ଅଭିଯୋଗ ଦାୟର କଲାପରେ ପୁଲିସ ଏକ ମାମଲା ରୁଜୁ କରି ଚୁପ ହୋଇ ବସିଛି ସିନା ହତ୍ୟାକାରୀଙ୍କୁ ହାତକଡ଼ି ପିନ୍ଧାଇବାକୁ ସାହାସ ଜୁଟାଇପାରୁନି । ପୁଲିସ ହତ୍ୟାକାରୀଙ୍କୁ ସୁରକ୍ଷା ଦେଉଛି ବୋଲି ମୃତକର ଦାଦା ପ୍ରଫୁଲ୍ଲ ଚନ୍ଦ୍ର ନାୟକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନାରୁ ପ୍ରକାଶ ଯେ, କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଦଧିବାମନପୁର ଗ୍ରାମର ସ୍ୱର୍ଗତ ଅଗୟ ନାୟକଙ୍କ ସାନପୁଅ ବିଶ୍ୱଜିତ ଓରଫ ଲିଙ୍କୁନାର ଗତ ଅକ୍ଟୋବର ମାସ ୮ ତାରିଖ ଦିନ ନିର୍ବନ୍ଧ ହେବାର ଥିଲା । ନିର୍ବନ୍ଧ ଉତ୍ସବରେ ଯୋଗ ଦେବା ନିମନ୍ତେ ନିମନ୍ତ୍ରଣ କରିବା ଲାଗି ଲିଙ୍କୁନା ୧୭ ତାରିଖ ଦିନ ବିଞ୍ଝାରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମରେ ଥିବା ପିଉସୀ ଘରକୁ ଯାଇଥିଲା । ଫେରିବାର ବିଳମ୍ବ ହେବାରୁ ଲିଙ୍କୁନାର ବଡ଼ଭାଇ ପିଙ୍କୁନା ଫୋନ୍ କରିବାରୁ ସେ ତାର ପିଉସା ଅଜୟ ନାୟକଙ୍କ ଝିଅ ତମନ୍ନା ଡ଼ାକିବାରୁ ତାଙ୍କ ଘରେ ଅଛି ବୋଲି ଉତର ଦେଇଥିଲା । ପରେ ରାତି ୯.୪୫ ମିନିଟରେ ପୁଣି ଲିଙ୍କୁନାର ପରିବାର ଲୋକେ ଫୋନ୍ କରିବାରୁ କେହିଜଣେ ଫୋନରେ ଲିଙ୍କୁନା ତାଙ୍କ ଛାତ ଉପରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଅଛି ବୋଲି କହି ଫୋନ କାଟିଦେଲେ । ଏହାପରେ ଲିଙ୍କୁନାର ପରିବାର ଲୋକେ ତତକ୍ଷଣାତ ବିଞ୍ଝାରପୁର ଥାନାର ସୁନ୍ଦରପୁର ଗ୍ରାମରେ ଥିବା ସମ୍ପର୍କୀୟ ଅଜୟ ନାୟକ ଘରେ ପହଂଚି ସେ ଛାତ ଉପରେ ରକ୍ତ ଜୁଡୁବୁଡୁ ହୋଇପଡ଼ିଥିବାର ଦେଖି ସଙ୍ଗେ ସଙ୍ଗେ ଯାଜପୁର ମୁଖ୍ୟ ଡ଼ାକ୍ତରଖାନାକୁ ନେଇଥିଲେ । କିନ୍ତୁ ଡ଼ାକ୍ତର ତାକୁ ସେଠାରେ ମୃତ ଘୋଷଣା କରିଥିଲେ । ତେବେ ଲିଙ୍କୁନା ପଡ଼ିଥିବା ସ୍ଥାନରେ ତମନ୍ନା ଓ ତାର ସମ୍ପର୍କୀୟ ନାଉବାଙ୍କ ଗ୍ରାମର ଆନନ୍ଦ ଧଳଙ୍କ ସାନପୁଅ ଥିବାରୁ ଓ ଲିଙ୍କୁନାର ମୁଣ୍ଡ ଓ କାନରେ ଗଭୀର ଆଘାତପ୍ରାପ୍ତ ଯୋଗୁଁ ରକ୍ତସ୍ରାବ ହେଉଥିବାରୁ ସେ ଦୁଇ ଜଣ ଲିଙ୍କୁନାକୁ ହତ୍ୟା କରିଛନ୍ତି ବୋଲି ସନ୍ଦେହ ପ୍ରକାଶ କରିଥିଲେ ପରିବାର ଲୋକ । ଏହାପରେ ତମନ୍ନାର ବାପା ଅଜୟ ନାୟକ ଓ ଦାଦା ବିଜୟ ନାୟକ ଲିଙ୍କୁନାର ଘରେ ପହଂଚି ହୃଦଘାତରେ ଲିଙ୍କୁନାର ମୃତ୍ୟୁ ହୋଇଛି ବୋଲି କହି ତରବରିଆ ଭାବେ ବ୍ୟବଚ୍ଛେଦ ନକରାଇ ପରିବାର ଲୋକଙ୍କୁ ମତାଇ ଶବଦାହ କରିଦେଲେ । ଏପରିକି ଜୁଇର ପାଉଁଶକୁ ମଧ ତତକ୍ଷଣାତ ନଦୀରେ ଫୋପାଡ଼ି ଦେଇଥିଲେ । ସମସ୍ତ ଘଟଣା ନେଇ ଲିଙ୍କୁନାର ପରିବାର ଲୋକଙ୍କ ସନ୍ଦେହ ହେବାରୁ ଏ ନେଇ ଲିଙ୍କୁନାର ମାଆ ସାବିତ୍ରୀ ଅକ୍ଟୋବର ମାସ ୨୭ ତାରିଖ ଦିନ ତମନ୍ନା ଓ ତାଙ୍କ ପିତା ଅଜୟ, ଦାଦା ବିଜୟ ଓ ଆନନ୍ଦ ଧଳଙ୍କ ସାନପୁଅଙ୍କ ନାମରେ ବିଞ୍ଝାରପୁର ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ପାଇବା ପେର ପୁଲିସ ଏକ ହତ୍ୟା ମାମଲା ୩୩୩ ରୁଜୁ କରି ଚୁପ ହୋଇ ବସିଛି । କିନ୍ତୁ, ହତ୍ୟାକାରୀଙ୍କୁ ଗିରଫ କରିବା ତ ଦୂରରେ ଥାଉ, ଥାନାକୁ ଡ଼ାକି ମଧ ପଚରାଉଚୁରା କରୁନି । ଫଳରେ ଭେଣ୍ଡିଆ ପୁଅକୁ ହରାଇବା ପରେ ପୁଲିସର ଏଭଳି ତଦନ୍ତ ନେଇ ନିର୍ବାକ ହୋଇଯାଇଛନ୍ତି ମାଆ ସାବିତ୍ରୀ । ଏ ନେଇ ସାବିତ୍ରୀଙ୍କ ଦିଅର ପ୍ରଫୁଲ୍ଲ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ।

## ସମ୍ବଲପୁର୍‌ରେ୍ ଜିରୋ୍ ନାଇଟ୍ ସେଲିବ୍ରେସନ ଉ୍‌ପରେ୍ କଟ୍‌କଣା

ସମ୍ବଲପୁର,୩୦।୧୨ (ନି.ପ୍ର): ସମ୍ବଲପୁରରେ ଜିରୋ ନାଇଟ୍ ସେଲିବ୍ରେସନ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରୀ କରାଯାଇଛି । କରୋନା କଟକଣା ଦୃଷ୍ଟିରୁ ଜିରୋ ନାଇଟ୍ ପାଳନ ନକରିବାକୁ ନିର୍ଦ୍ଦେଶ ରହିଛି । ସମସ୍ତ ଥାନା ଓ ପ୍ରଶାସନିକ ଅଧିକାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ନିର୍ଦ୍ଦେଶ ଜାରୀ ହୋଇଛି । ଏପରିକି କୌଣସି ହୋଟେଲରେ ମଧ ନୂଆବର୍ଷ କାର୍ଯ୍ୟକ୍ରମ ପାଳନ କରାଯାଇପାରିବ ନାହିଁ । ଯଦି କେହି ଏହାକୁ ଅମାନ୍ୟ କରନ୍ତି, ତେବେ ସମ୍ପୃକ୍ତ ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ଜିରୋ ନାଇଟ୍ ଓ ନୂଆ ବର୍ଷ ପାଇଁ କୌଣସି ପ୍ରକାର ସମାବେଶକୁ ମଧ ବାରଣ କରାଯାଇଛି । ତେବେ ଜନସାଧାରଣ ନିଜ ନିଜ ଘରେ ପରିବାର ସଦସ୍ୟ ମାନଙ୍କ ମଧ୍ୟରେ ନୂଆ ବର୍ଷ ପାଳନ କରିପାରିବେ ।

## ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟିର ଦାବି

କେନ୍ଦ୍ରାପଡ଼ା,୩୦।୧୨ (ନି.ପ୍ର): କେନ୍ଦ୍ରାପଡା ମେଡିକାଲ କଲେଜ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟସେବା ଓ ମେଡିକାଲ କଲେଜ ସ୍ଥାପନା ପାଇଁ ଦୃଢଦାବି ପ୍ରକାଶ କରାଯାଇଛି । ରାଜ୍ୟ ସରକାର ଏ ସମ୍ବନ୍ଧରେ ବିଚାର କରି ତୁରନ୍ତ ସରକାରୀ ଘୋଷଣା ମାଧ୍ୟମରେ ଜନ ସାଧାରଣଙ୍କ ଦାବିକୁ ସ୍ୱୀକୃତି ଦେବାପାଇଁ ଆହ୍ୱାନ ଦିଆଯାଇଛି । କେନ୍ଦ୍ରାପଡା ଜିଲ୍ଲାରେ ୧୫ଲକ୍ଷ ଲୋକ ବାସ କରୁଥିବା ବେଳେ ମାତ୍ର ୯୩ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି । ଯାହାକି ଜନସଂଖ୍ୟା ଅନୁପାତ ରେ ଅତ୍ୟନ୍ତ ନଗଣ୍ୟ । ନଦୀ, ନାଳ ଘେରା କେନ୍ଦ୍ରାପଡା ଜିଲ୍ଲା ଓ ଜାତୀୟ ରାଜପଥ ଜନିତ ଦୁର୍ଘଟଣା ଯୋଗୁଁ ଉନ୍ନତ ସ୍ୱାସ୍ଥ୍ୟସେବା ଅନିବାର୍ଯ୍ୟ ହୋଇଥିବା ବେଳେ ସ୍ୱାସ୍ଥ୍ୟସେବା ର ଭିତିଭୂମି ଶୋଚନୀୟ ହୋଇ ପଡିଛି । ମୁଖ୍ୟମନ୍ତ୍ରୀ ଏ କ୍ଲାର ଦାୟିତ୍ୱ ନିଜେ ନେଇଥିବା ବେଳେ ଜନ ସାଧାରଣଙ୍କ ସ୍ୱାସ୍ଥ୍ୟସେବା କୁ ସର୍ବାଗ୍ରେ ଗୁରୁତ୍ୱ ଦିଆଯିବା କଥା ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର ଷ୍ଟିକରିଂ କୁ ବିରୋଧ

## ବିଜେପିର ଗଣଧାରଣା ଓ ପ୍ରତିବାଦ ସଭା




ଧାମନଗର, ୩୦/୧୨ (ନିପ୍ର) : ଧାମନଗର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରାଆବାସ ଯୋଜନା ନିର୍ମାଣ ଶ୍ରମିକ ଗୃହରେ ବିଜୁ ପକ୍କାଘର ଷ୍ଟିକରିଂକୁ ଠକାମି ବୋଲି ଅଭିଯୋଗ କରି ଧାମନଗର ବିଜେପି ପକ୍ଷରୁ ଗଣଧାରଣା ଓ ପ୍ରତିବାଦ ସଭା । ଏହି ପରିପ୍ରେକ୍ଷୀରେ ଧାମନଗର ବ୍ଲକ ନିକଟରେ ବିଜେପିର ଜିଲ୍ଲା ଉପସଭାପତି ଦୁର୍ଗାଭୂଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଧାମନଗର ବିଧାୟକ ତଥା ବିରୋଧ ଦଳ ଉପନେତା ବିଷ୍ଣୁ ସେଠୀ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଗରିବଙ୍କୁ ଯୋଗାଇ ଦିଆଯାଉଥିବା ଯୋଜନାକୁ ନିଜର ଯୋଜନା ବୋଲି କହି ଲୋକ ମାନଙ୍କୁ ଠକୁଥିବା ବିଜେଡି ସରକାର ବିରୋଧରେ ବର୍ଷିଥିଲେ । ସରକାରଙ୍କ ପକ୍ଷରୁ ଏହି ସବୁ ଯୋଜନାରେ ଗୃହପାଇଥିବା ହିତାଧିକାରୀଙ୍କ କାନ୍ଥରେ ଫଳକ ଲେଖାଥିବା ସ୍ଥାନରେ ବିଜୁ ପକ୍କାଘର ଷ୍ଟିକର ଲଗାଇ ବିଜେଡି ବାହାବା ନେବାକୁ ଚାହୁଁଛି ବୋଲି ଶ୍ରୀ ସେଠୀ ଅଭିଯୋଗ କରିଥିଲେ । ସେହିପରି କେନ୍ଦ୍ରୀୟ ଆମ୍ବୁଲାନ୍ସ ସେବା ୧୦୮କୁ ରାଜ୍ୟ ସରକାର ନିଜ ଯୋଜନା ଭାବେ ଅବିହିତ କରିଥିବା ବେଳେ ବିଜେପି ପକ୍ଷରୁ ଏହାର ଘୋର ପ୍ରତିବାଦ କରାଯାଇଥିବାରୁ ସେଥିରେ ପରିବର୍ତ୍ତନ ଆଣାଯାଇଥିଲା । ଏଭଳି ଅଗଣତାନ୍ତ୍ରିକ ପଦ୍ଧତିକୁ ବିଜେପି ଦୃଢ ବିରୋଧ କରୁଛି ବୋଲି ସଭାରେ ଉପସ୍ଥିତ ଅନ୍ୟବକ୍ତାମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ମନୋରଂଜନ ମଲ୍ଲିକ, ସୁରଥ ଚନ୍ଦ୍ର ସେଠୀ, ଉମାମଣି ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ କୁମାର ପୁହାଣ, ବିଜେପି ନେତା ଅରବିନ୍ଦ ପତି, ଅଜୟ ବଳ, ରାମଚନ୍ଦ୍ର ମିଶ୍ର, ଆଇନଜୀବୀ ଗଣେଶ ଚନ୍ଦ୍ର ଦାସ, ଦୀପ୍ତିରଂଜନ ଜେନା, ରଣଜିତ୍ ମହାନ୍ତି, ପୂର୍ବତନ ସରପଞ୍ଚ ମାନସୀ ଜେନା, ବିଶ୍ୱଜିତ୍ ସାହୁ ପ୍ରମୁଖ ଯୋଗ ଦେଇ ବିଜେଡି ସରକାରର ଏଭଳି ହୀନ ପ୍ରୟାସକୁ ଦୃଢ ବିରୋଧ ସହ କଡ଼ା ସମାଲୋଚନା କରିଥିଲେ । ପରେ ବ୍ଲକ ବିଜେପିର ପ୍ରତିନିଧି ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା ।

## ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ପ୍ରଦାନ

ଖଇରା, ୩୦/୧୨(ନିପ୍ର) ଖଇରା ବ୍ଲକ ପରିସରରେ ଦିବ୍ୟାଙ୍ଗ ମାନଙ୍କୁ ତିନି ଚକିଆ ଯାନ ପ୍ରଦାନ କରାଗଲା । ତିନି ଚକିଆ ଯାନ ପ୍ରଦାନ ବେଳେ ବିଡିଓ ପଣ୍ଡୁରାମ ପଣ୍ଡା, ବି.ଏସ୍.ଏସ୍.ଓ. ସାଲିମା ରାଉତ, ଜେଇଅର କ୍ଳର୍କ ଗଗନ କୁମାର ଜେନା ଉପସ୍ଥିତ ଥିଲେ । ଦିବ୍ୟାଙ୍ଗମାନଙ୍କ ପାଇଁ ଯାତାୟତରେ ବାଧା ପ୍ରାପ୍ତ ହେଉଥିବା ଲକ୍ଷ ରଖି ପୁର୍ବରୁ ଆବେଦନ କରିଥିବା ନନ୍ଦୋରୁ ପଞ୍ଚାୟତର ମଠ ନୂଆ ଗାଁର ମହେନ୍ଦ୍ର ଶିଅଳ, ମାଖନପୁର ପଞ୍ଚାୟତର ସାଙ୍ଗଣ୍ଡିଆ ଗାଁର ଜିତେନ୍ଦ୍ର ମହାରଣା ଓ ରାସେଶ୍ୱରୀ ବେହେରା, ନୟାଖଣ୍ଡିର ପଙ୍କଜ କୁମାର ସାହୁ, ଅନ୍ତରାର ଲକ୍ଷ୍ମୀଧର ନାୟକଙ୍କୁ ପ୍ରଦାନ କରାଯାଇଥିଲା । ଏହି ତିନି ଚକିଆ ଯାନ ପ୍ରଦାନ ବେଳେ ବିଡିଓ ଶ୍ରୀ ପଣ୍ଡା ନୂତନ ବର୍ଷର ପାଇଁ ଶୁଭେଚ୍ଛା ଜଣାଇବା ସହ ଦୀର୍ଘାୟୁ କାମନା କରିଥିଲେ ।

# ଲଢ଼େଇ କରି ବଞ୍ଚି ରହିବାର ଦମ୍ଭ ଆମ ଭିତରେ ଭରି ଦେଇଛି 'ଷ୍ଟାର'




ଉଦଳା,୩୦/୧୨(ନି.ପ୍ର)- ସ୍ୱେଚ୍ଛାସେବୀ ସଂଗଠନ 'ଷ୍ଟାର'ର ୨୭ ତମ ପ୍ରତିଷ୍ଠା ଦିବସ ଆଜି ଡ଼ିସେମ୍ବର ୩୦ ତାରିଖ ବୁଧବାର ଦିନ ଉଦଳାସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ 'ଷ୍ଟାର' ପରିବାର ସହିତ ଜଡ଼ିତ ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ ମହାତ୍ମାଗାନ୍ଧୀଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ କରି ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ଗାନ କରିଥିଲେ । ଏହାପରେ 'ଷ୍ଟାର' କରିବାରର ୨ ଜଣ ସଦସ୍ୟ ଁରମେଶ ଚନ୍ଦ୍ର ମାର୍ଣ୍ଡି ଓ ଁ ଶୁଶିଲ ଚନ୍ଦ୍ର ସିଂ ସବୁଦିନ ପାଇଁ ବିଦାୟ ନେଇ ଯାଇଥିବାରୁ ସେମାନଙ୍କ ଉଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇଥିଲେ । ଏହାପରେ 'ଷ୍ଟାର'ର ନିର୍ଦ୍ଦେଶକ ପଦ୍ମଚରଣ ଦାଶ ସୁଦୂର ଭୁବନେଶ୍ୱରରେ ଥାଇ ମୋବାଇଲ ଫୋନ ମାଧ୍ୟମରେ ସଂଗଠନର ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ କର୍ମୀ ମାନଙ୍କ ଉଦ୍ୟମ ଓ ସହଯୋଗର ପ୍ରଶଂସା କରିବା ସହିତ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଗଦାଧର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ରାମଚନ୍ଦ୍ର ସିଂ, ରୁପାଏ ବାସ୍କେ, ଗାୟତ୍ରୀ ସିଂ, ଆରତୀ ଖଣ୍ଡା ପାତ୍ର, ଭାରତୀ ଖଣ୍ଡାପାତ୍ର, ହରିପ୍ରିୟା ଦାସ, ଗୌତମ ମହାପାତ୍ର, ସୁବ୍ରତ କୁମାର ମହାନ୍ତି, ଲାଲ ମୋହନ ବିନ୍ଧାଣୀ, ରବିନ୍ଦ୍ର ଖଣ୍ଡେଇ, ନିରୁପମା ଦାସ, ସୁମତୀ ମୁର୍ମୁ ପ୍ରମୁଖ ଅଂଶ ଗ୍ରହଣ କରି ଆମ ଭିତରେ ଆଜି ଲଢ଼େଇ କରି ସ୍ୱାଭିମାନର ସହକାରେ ବଞ୍ଚି ରହିବାର ଦମ୍ଭ 'ଷ୍ଟାର' ଭରି ଦେଇଛି ବୋଲି ବ୍ୟକ୍ତ କରିଥିଲେ । ଶେଷରେ ସମସ୍ତ ସଦସ୍ୟ 'ଷ୍ଟାର'ର କାର୍ଯ୍ୟକଳାପକୁ ଆମେ କେବେ ଭୁଲି ପାରିବୁ ନାହିଁ ବୋଲି କହିଥିଲେ ।

## ନିମ୍ନମାନର ନଦୀକୂଳ ପଥର ପେଚିଂକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନର ଚେତାବନୀ

ଜଳେଶ୍ୱର, ୩୦/୧୨ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ଗ୍ରାମ ନିକଟରେ ସୁବର୍ଣ୍ଣରେଖା ନଦୀ କୂଳ ଧୋଇଯାଉଥିବାରୁ ଜଳସେଚନ ବିଭାଗ ପକ୍ଷରୁ ପଥର ପେଚିଂ କରିବାଲାଗି କାର୍ଯ୍ୟାଦେଶ ଦେଇଥିଲେ । ଚଳିତବର୍ଷ ନଦୀର ପାଣି କୂଳ ନିକଟରେ ନଥିଲେ ମଧ୍ୟ ଠିକାଦାର ଛୋଟ ଛୋଟ ପଥର ବ୍ୟବହାର କରି ନଦୀ ଶଯ୍ୟାର ଉପରସ୍ତରରୁ (ଡମ୍ପିକରି) ପଥରପେଚିଂ କରୁଥିବାରୁ ଏହାର ସ୍ଥାୟୀତ୍ୱ ନେଇ ଗ୍ରାମବାସୀମାନେ ପ୍ରଶ୍ନ ଉଠାଇଛନ୍ତି । ଏ ସଂପର୍କରେ ଗ୍ରାମବାସୀ ଅଭିଯୋଗ କରିବାରୁ ସେମାନଙ୍କୁ ଗୁଣ୍ଡାଲଗାଇ ଧମକ୍ ଦେବା ସହିତ ଫୋନ୍ ମାଧ୍ୟମରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାମ ମନ୍ଥର ଗତିରେ କରୁଥିବା ଅଭିଯୋଗ ହୋଇଛି । କାମଟିକୁ ଠିକ୍‌ଭାବେ କରାଯିବା ସହିତ ବର୍ଷାଦିନ ପୂର୍ବରୁ ଶେଷ ନ କଲେ ଆସନ୍ତା ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନି ଦିଆଯାଇଛି । ଏ ସଂପର୍କରେ ଏକ ଦାବିପତ୍ର ଅଶୋକ କୁମାର ବାରିକ, କମଳ ଲୋଚନ ପାତ୍ର, ପ୍ରବୋଧ ବାରିକ, ଅଜୟ ବାରିକ, ଗୁନାଧର ଦହୁରି, ବିଜୟ ପାତ୍ର, ଉମେଶ ବାରିକ, ସନ୍ତୋଷ ରାଉତ, ଯୋଗେନ୍ଦ୍ର ଜେନା, ବିମଳ ପାତ୍ର, ମୃତ୍ୟୁଞ୍ଜଳ ଜେନା, କୁମୁଦ ବାରିକ ପ୍ରମୁଖ ବହୁ ଗ୍ରାମବାସୀଙ୍କ ପକ୍ଷରୁ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

# ଠାକୁର ନିଗମାନନ୍ଦ ପରମହଂସଙ୍କ ଜୟନ୍ତୀରେ ଭକ୍ତ ସମ୍ମିଳନୀ




ବାଲେଶ୍ୱର, ୩୦/୧୨ (ନିପ୍ର) : ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ୧୦୬ ତମ ଜୟନ୍ତୀରେ ପ୍ରତିକାତ୍ମକ ସାର୍ବଭୌମ ଭକ୍ତ ସମ୍ମିଳନୀ ଓ ବାଲେଶ୍ୱର ଟାଉନ ସାରସ୍ୱତ ସଂଘର ୩୬ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ମୃତ୍ୟୁଞ୍ଜୟ ସାହୁ ଓ ସମ୍ପାଦକ ଦୟାନିଧି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କୋଭିଡ୍ ନିୟମ ପାଳନ ସହ ସାମାଜିକ ଦୂରତା ରକ୍ଷା ମଧ୍ୟରେ ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପାରମ୍ପାରିକ ରୀତିରେ ଅଧିବାସ, ସକାଳ ପ୍ରଭାତି, ମଧ୍ୟାହ୍ନ ଅଧିବେଶନ, ସଂଧ୍ୟା ଆରତୀ ଓ ଭଜନ କୀର୍ତ୍ତନ, ମହିଳା ସଭାରେ ଆଖାପାଖ ଅଞ୍ଚଳର ଏକାଧିକ ସାରସ୍ୱତ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ଯୋଗଦାନ କରିଥିଲେ । ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ଦେବଙ୍କ ଜୀବନାଦର୍ଶ ଓ ସମାଜ କଲ୍ୟାଣ ପାଇଁ ତାଙ୍କ ଦ୍ୱାରା ନିଆଯାଇଥିବା ସଂସ୍କାରମୂଳକ ନୀତିବାଣି ସମ୍ପର୍କରେ ବକ୍ତାମାନେ ଏହି ଅଧିବେଶନରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଠାକୁର ନିଗମାନନ୍ଦଙ୍କ ବାଣୀ ଓ ତତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ୩ ଦିନିଆ କାର୍ଯ୍ୟକ୍ରମରେ ସମସ୍ତ କାର୍ଯ୍ୟକୁ ଗୁରୁଭାଇ ଓ ଗୁରୁ ମା'ମାନେ ପରିଚାଳନା କରିଥିଲେ । କୋଭିଡି କଟକଣା ପାଇଁ ଏହି ଅଧିବେଶନ ସହ ବହୁ ଭକ୍ତ ଡିଜିଟାଲ ମୁଡ୍‌ରେ ଯୋଡ଼ି ହୋଇଥିବା ଲକ୍ଷ୍ୟ କରାଯାଇଥିଲା ।

## ଚୋରାମଦ ସହ ୫ ଅଭିଯୋଗ ଗିରଫ

ଜଳେଶ୍ୱର, ୩୦/୧୨ (ନିପ୍ର) : ବାଲେଶ୍ୱର ଜିଲା ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ମାନସ ପ୍ରଧାନ , ଗାଲୁରାମ ସରେନ୍, ଦେବେନ୍ଦ୍ର ବେହେରା ପ୍ରମୁଖ ଜଳେଶ୍ୱରର ନାମ୍ପୋ, ତାଳବଣିଆ, ଆମ୍ବପୁଞ୍ଜା, ବର୍ତ୍ତନା, ସାନକସିଦା, ପର୍ଶ୍ଚିମବାର୍ଡ, ହୁଡାପାଳ ପ୍ରମୁଖ ଅଂଚଳରେ ଚଢାଉ କରି ଚୋରା ୬୦ଲି ଦେଶ ମଦ ଓ ୩.୬ଲି ବିଦେଶ ମଦ ଜବତ୍ କରିଛନ୍ତି । ଏହା ସହିତ ଗୁରୁବାରୀ ମୁର୍ମୁ, ଏସ୍ କେ ସତ୍ତାର, ଦଶ ସିଂ, ବିଶ୍ୱନାଥ ମୁର୍ମୁ, ପଂଚାନନ ଟୁଡୁ ପ୍ରମୁଖଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ସାମ୍ବାଦିକଙ୍କୁ ଆକ୍ରମଣ ପ୍ରତିବାଦରେ ଏବିଭିପିର ବିକ୍ଷୋଭ

ବାଲେଶ୍ୱର, ୩୦/୧୨ (ନିପ୍ର) : ନୀଳଗିରି ଅଞ୍ଚଳର ବୈଦ୍ୟୁତିକ ଗଣମାଧ୍ୟମ ସାମ୍ବାଦିକଙ୍କୁ ଆକ୍ରମଣ ଓ ଅଶାଳୀନ ବ୍ୟବହାରର ପ୍ରତିବାଦରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ବିକ୍ଷୋଭ ସମାବେଶ ସ୍ଥାନୀୟ ସିନେମାଛକଠାରେ ଅନୁଷ୍ଠିତ ହୋଇଯାଇଛି । ନୀଳିଗିରି ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ବାହାନଗା ବିଡିଓ ଓ ତାଙ୍କ ସହଯୋଗୀମାନେ ଗତ ଶନିବାରରେ ଆକ୍ରମଣ କରିଥିଲେ । ଏହି ଘଟଣାରେ ଥାନାରେ ଏତଲା ହୋଇଥିବା ବେଳେ ଚାପରେ ପଡ଼ି ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଏବିଭିପିର କର୍ମକର୍ତ୍ତମାନେ କହିଛନ୍ତି । ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆଗାମୀ ଦିନରେ ଛାତ୍ର ସଂଗଠନ ଏବିଭିପି ଆନ୍ଦୋଳାନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏବିଭିପି ନଗର ଉପ-ସଭାପତି ନେତାଜୀ ତାପସ କୁମାର ସାହୁ, ଗିରିଜା ଶଙ୍କର ଧଡ଼ା, ରୋହିତ କୁମାର ପାଢ଼ୀ, ସଂଜୟ ପ୍ରଧାନ, ମହେନ୍ଦ୍ର ଜେନା, ନନ୍ଦକିଶୋର ରାଉତ, ରାଜ୍ୟ ସହ-ସମ୍ପାଦକ ଲକ୍ଷ୍ମୀନାରାୟଣ ନାୟକ, ବିଭାଗ ସହ-ସଂଯୋଜକ ରଜତ କୁମାର ପାତ୍ର, ସବ୍ୟସାଚୀ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ବିକ୍ଷୋଭ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୧ କ୍ୱିଂଟାଲରୁ ଊର୍ଦ୍ଧ୍ୱ ସିନ୍ଥେଟିକ୍ ପନିର୍ ...

ଏପରିକି ପନିର୍ ପ୍ରସ୍ତୁତିରେ ୟୁରିଆ ଓ ଡ଼ିଟରେଜେଂଟ, ବାସୀ କ୍ଷୀର ଓ ମଇଦା ମଧ୍ୟ ବ୍ୟବହାର କରାଯାଇଥାଏ । ତେବେ ଏହା କେଉଁଠିକୁ ଯୋଗାଣ ହେଉଥିଲା ଏବଂ ଏହି ଅପମିଶ୍ରଣ ସାମଗ୍ରୀ ଯୋଗାଣରେ ଆଉ କେଉଁମାନେ ସାମିଲ୍ ରହିଛନ୍ତି ପୋଲିସ ପକ୍ଷରୁ ସେନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ଲୋକପ୍ରତିନିଧି-ପ୍ରଶାସନିକ ....

ଭିଜିଲାନ୍ସ ବିଭାଗର ଯାଞ୍ଚ ରିପୋର୍ଟ ଅନୁସାରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ଭବ ହୋଇପାରିବ ବୋଲି ଶ୍ରୀ ଦେ କହିଛନ୍ତି । ଅତଏବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉତ୍‌କ୍ଷେପଣ ମିଜାଇଲ କିପରି ଟାର୍ଗେଟକୁ ଭେଦ କରିବ ସେନେଇ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଭିଜିଲାନ୍ସକୁ ଦାୟିତ୍ୱ ପ୍ରଦାନରେ ଏହା ଶତପ୍ରତିଶତ କାର୍ଯ୍ୟକାରୀ ହୋଇପାରିବ ବୋଲି ଶ୍ରୀ ଦେ ଏହି ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ଶାନ୍ତନୁ ଦାସ, ଇପିଏଫ ପେସନର୍ସ ଆସୋସିଏସନ କର୍ମକର୍ତ୍ତା ବିଷ୍ଣୁ ପ୍ରସାଦ ମହାନ୍ତି ଓ ବ୍ୟବସାୟୀ ସଂଘ କର୍ମକର୍ତ୍ତା ରଂଜନ ବାଗ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ଜାନୁଆରୀରେ ୭୫% କର୍ମଚାରୀଙ୍କୁ ....

ଅପରପକ୍ଷରେ ଜରୁରୀ କାର୍ଯ୍ୟରେ ନିୟୋଜିତ ଅଫିସ୍‌ର ସମସ୍ତ କର୍ମଚାରୀ ଅଫିସ୍ ଆସିବେ । ଏସଆରସି, ଓସଡମା, ପୋଲିସ, ଅଗ୍ନିଶମ, ମ୍ୟୁନସିପାଲଟି , ସ୍ୱାସ୍ଥ୍ୟ ବିଭାଗର ସବୁ ଷ୍ଟାଫ୍ ଅଫିସ ଆସିବାକୁ ବିଜ୍ଞପ୍ତିରେ କୁହାଯାଇଛି । ଯଦି କୌଣସି କର୍ମଚାରୀ କରୋନା ଆକ୍ରାନ୍ତ ହୁଅନ୍ତି, ଏ କ୍ଷେତ୍ରରେ କରୋନା ପ୍ରୋଟକଲ ଲାଗୁ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ରୋଷ୍ଟର ଡ୍ୟୁଟି ନଥିବା ସମୟରେ ସମ୍ପୃକ୍ତ କର୍ମଚାରୀ ଘରୁ କାମ କରିପାରିବେ ।

## ଶିଶୁ ଓ ମହିଳାଙ୍କ ବିରୋଧରେ ....

ସହିତ ବ୍ୟବହାର କରାଯିବା 'ମୋ ସରକାର'ର ଲକ୍ଷ୍ୟ ବୋଲି ଦର୍ଶାଇ ଏହି ଅଭିଯାନରେ ମିଳିଥିବା ଅନୁକୂଳ ମତମାତଗୁଡ଼ିକ ଉପରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁଣି କହିଛନ୍ତି ଯେ ୫-'ଟି' ଅଧୀନରେ ଓଡ଼ିଶା ପୋଲିସ ପକ୍ଷରୁ ଅନେକ ସାଧୁ ଉଦ୍ୟମ ହୋଇଥିବାବେଳେ ଏହାକୁ ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି । ସେହିପରି ମୁଖ୍ୟମନ୍ତ୍ରୀ ସାରା ରାଜ୍ୟରେ ଏସ୍‌ଟିଏଫ୍ ସହଯୋଗରେ ଓଡ଼ିଶା ପୋଲିସ ନିଶାଦ୍ରବ୍ୟ ବିରୁଦ୍ଧରେ ଫଳପ୍ରଦ ଅଭିଯାନ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି । ସେ ଅପରାଧ ଓ ରାହାଜାନି ବିରୁଦ୍ଧରେ ସ୍ୱତନ୍ତ୍ର ଅଭିଯାନ ଉପରେ ଅଧିକ ଦୃଷ୍ଟି କେନ୍ଦ୍ରିତ କରିବାକୁ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷାକୁ ଅନ୍ୟ ଏକ ପ୍ରମୁଖ ଆଭିମୁଖ୍ୟ ଭାବେ ବର୍ଣ୍ଣନା କରି ସଡ଼କ ଦୁର୍ଘଟଣାଜନିତ ମୃତାହତ ସଂଖ୍ୟା କମାଇବା ଦିଗରେ ଓଡ଼ିଶା ପୋଲିସ ପରିବହନ ଓ ପୂର୍ତ୍ତ ବିଭାଗ ପରି ସହ ଯୋଗୀ ବିଭାଗଗୁଡ଼ିକ ସହିତ ସମନ୍ୱୟ ରକ୍ଷାପୂର୍ବକ ଜନ ସଚେତନତା ଅଭିଯାନ ସାଙ୍ଗ କୁ ପ୍ରତିରୋଧମୂଳକ ବ୍ୟବସ୍ଥା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି ।

## ପାରାଦୀପ ବନ୍ଦରକୁ ....

ଧନ୍ୟବାଦ ଜଣାଇଛନ୍ତି ରାଜ୍ୟ ସଭାପତି ସମୀର ମହାନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରସ୍ତାବିତ ୱେଷ୍ଟନ୍ ଡକ୍ ନିର୍ମାଣ କରାଯିବାର ନିଷ୍ପତି ଫଳରେ ଆଗାମୀ ଦିନରେ ପାରାଦୀପ ବନ୍ଦରକୁ ବଡ଼ ବଡ଼ ଜାହାଜ ସହଜରେ ଆସିପାରିବ । ପାରାଦୀପ ବନ୍ଦରରେ ଏହି ବିକାଶର କାମ ଖୁବ ଶୀଘ୍ର ଆରମ୍ଭ ହେବ । ପାରାଦୀପ ବନ୍ଦରରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ବଡ଼ ବଡ଼ ଜାହାଜ ଲାଗିବ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ବଡ଼ ବଡ଼ ଜାହାଜରୁ କୋଇଲା ସହଜରେ ଅନଲୋଡ୍ ହୋଇପାରିବ, ସମୁଦ୍ରରେ ମାଲ ପରିବହନ ମୂଲ୍ୟ ହ୍ରାସ ହେବା ଏବଂ ବନ୍ଦରରେ ଶିଳ୍ପ ଅର୍ଥନୀତିକୁ ବୃଦ୍ଧି କରିବା ସହ ଅଧିକ ରୋଜଗାର ସୃଷ୍ଟି ହେବ ।

## ୩ ହଜାର ୪ କୋଟି ବ୍ୟୟରେ ....

ପାରାଦୀପ ଭଳି ମୁଖ୍ୟ ବନ୍ଦର ଗୁଡ଼ିକରେ ବଡ଼ ବଡ଼ ଜାହାଜ ଗୁଡିକର ପରିଚାଳନା କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା ନାହିଁ । କମ୍ ସମୟ ମଧ୍ୟରେ ଅଧିକ ମାଲ ପରିବହନ ପାଇଁ ବଡ଼ ବଡ଼ ଜାହାଜ ନିର୍ମାଣ ହେଉଥିବା ବେଳେ ଏହି ଜାହାଜ ଗୁଡ଼ିକ ପାରାଦୀପ ବନ୍ଦରରେ ଥିବା ଡ଼କ ଭିତରକୁ ଆସିପାରୁନାହିଁ । ଫଳରେ ବର୍ତମାନ ବଡ ଜାହାଜ ଗୁଡିକ କଲମ୍ବୋ ଏବଂ ସିଙ୍ଗାପୁର ଅଭିମୁଖେ ଯାଉଛନ୍ତି । ବଡ଼ ଜାହାଜ ଆଣିବା ପାଇଁ ଭାରତକୁ ବଡ଼ ବନ୍ଦର ଏବଂ ଡ଼କ୍ ଦରକାର । ତେଣୁ ଏହି ବଡ଼ ବଡ଼ ଜାହାଜ ଗୁଡିକ ପରିଚାଳନା କରିବା ପାଇଁ ଆବଶ୍ୟକ ରହିଛି ଆନୁଷଙ୍ଗିକ ବ୍ୟବସ୍ଥା । ତେବେ ପ୍ରସ୍ତାବିତ ୱେଷ୍ଟନ୍ ଡକ୍ ନିର୍ମାଣ କରାଯିବାର ନିଷ୍ପତି ଫଳରେ ଆଗାମୀ ଦିନରେ ପାରାଦୀପ ବନ୍ଦରକୁ ସେସବୁ ଜାହାଜ ସହଜରେ ଆସିପାରିବ । ପାରାଦୀପ ବନ୍ଦରରେ ଏହି ବିକାଶର କାମ ଖୁବ ଶୀଘ୍ର ଆରମ୍ଭ ହେବ । ପାରାଦୀପ ବନ୍ଦରକୁ ବଡ଼ ବଡ଼ ଜାହାଜ ଆସିବା ନେଇ ଯେଉଁ ସମସ୍ୟା ହେଉଥିଲା, ଏହା ଏହା ଦୂର ହେବ । ପାରାଦୀପ ବନ୍ଦରରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ବଡ଼ ବଡ଼ ଜାହାଜ ଲାଗିବ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ବଡ଼ ବଡ଼ ଜାହାଜରୁ କୋଇଲା ସହଜରେ ଅନଲୋଡ୍ ହୋଇପାରିବ, ସମୁଦ୍ରରେ ମାଲ ପରିବହନ ମୂଲ୍ୟ ହ୍ରାସ ହେବା ଏବଂ ବନ୍ଦରରେ ଶିଳ୍ପ ଅର୍ଥନୀତିକୁ ବୃଦ୍ଧି କରିବା ସହ ଅଧିକ ରୋଜଗାର ସୃଷ୍ଟି ହେବ । ମୋଦି ସରକାରରେ ପାରାଦୀପ ଦେଶର ଅନ୍ୟତନ ବୃହତମ ବନ୍ଦର ରୂପେ ପରିଗଣିତ ହେଲାଣି । ମୋଦି ସରକାର ପୂର୍ବରୁ ପାରାଦୀପ ବନ୍ଦରରେ ବାଣିଜ୍ୟିକ କାରବାର ୬୦ ମିଲିୟନ ମେଟ୍ରିକ୍ ଟନ(ଏମଏମଟି) ଥିବା ବେଳେ ଏବେ ତାହା ବଢ଼ି ୧୧୨ ମିଲିୟନ ମେଟ୍ରିକ ଟନରେ ପହଁଚିଛି ବୋଲି ଶ୍ରୀ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି । ସେହିପରି ଦେଶରେ ପ୍ରଥମ ଜେନେରେସନ ଇଥାନଲ ଉତ୍ପାଦନ ବୃଦ୍ଧି କରାଯିବ । ବିକଳ୍ପ ଇନ୍ଧନର ବ୍ୟବସାୟିକ ମଡେଲ ଇଥାନଲ ହେବ । ଏଥିପାଇଁ ସଂଶୋଧିତ ଯୋଜନାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରି ଦେଇଥିବା ଶ୍ରୀ ପ୍ରଧାନ କ୍ୟାବିନେଟ୍ ମଞ୍ଜୁରି ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

## ଦୁର୍ନୀତି ଓ ଅପାରଗତା ....

ସେହିପରି ମୟୁରଭଞ୍ଜ କରଞ୍ଜିଆର ରୁରାଲ ୱାର୍କସ୍ ଡିଭିଜନ -୧ର ସହକାରୀ ଯନ୍ତ୍ରୀ ବିଜୟ ପରିଡାଙ୍କ ବିରୁଦ୍ଧରେ ତିନିଟି ଭିଜିଲାନ୍ସ କେସ ରହିଛି । ମରାମତି କାମ କରିବା ସମୟରେ ସରକାରୀ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ରହିଛି । ଏମାନଙ୍କ ବ୍ୟତୀତ ଭୁବନେଶ୍ୱର ଆର ଆଣ୍ଡ ବି ବିଭାଗ - ୨ର ସହକାରୀ ଯନ୍ତ୍ରୀ ଗଣେଶ୍ୱର ସେଠୀଙ୍କ ବିରୋଧରେ ଅଶୋଭନୀୟ ବ୍ୟବହାର ତଥା କର୍ତବ୍ୟରେ ଅବହେଳା ଆଦି ଗୁରୁତର ଅଭିଯୋଗକୁ ଭିତିକରି ୬ ଗୋଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା । ସମ୍ବଲପୁର ଓଡିଶା ପାନୀୟ ନିଗମ ଡିପୋର ଶାଖା ପରିଚାଳକ ଭାବରେ କାର୍ଯ୍ୟରତ ଅବକାରୀ ବିଭାଗର ଉପଅଧୀକ୍ଷକ ଜୟଦୀପ ପଟ୍ଟନାୟକଙ୍କର କାର୍ଯ୍ୟକଳାପ ସରକାରୀ ଶାଳୀନତା ଓ ସୌଜନ୍ୟର ବିରୁଦ୍ଧାଚରଣ କରୁଥିଲା । ଦାୟିତ୍ୱରେ ଅବହେଳା ସହିତ ସରକାରୀ ସମ୍ପତିର କୁପରିଚାଳନା ଏବଂ ଅଫିସ ସମୟରେ ମଦ୍ୟପାନ ଆଦି ଅଭିଯୋଗ ତାଙ୍କ ବିରୋଧରେ ରହିଛି । ସେହିପରି ସୁନ୍ଦରଗଡରେ କାର୍ଯ୍ୟରତ ଅବକାରୀ ନୀରିକ୍ଷକ ରିହାଜ୍ ଅହମ୍ମଦ ବେଗ ତାଙ୍କ ଚାକିରି କାଳ ମଧ୍ୟରେ ପାଂଚ ଥର ନିଲମ୍ବିତ ହୋଇଛନ୍ତି । ଅପାରଗତା, ନିଷ୍ଠାହୀନତା ତଥା ଦାୟିତ୍ୱହୀନ ବ୍ୟବହାର ପାଇଁ ତାଙ୍କ ବିରୋଧରେ ମଧ୍ୟ ୫ଟି ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଛି । ଦାୟିତ୍ୱରେ ଅବହେଳା ଓ ଅଶୋଭନୀୟ ବ୍ୟବହାର ଆଦି ବିଭିନ୍ନ ଅଭିଯୋଗ ତାଙ୍କ ବିରୋଧରେ ରହିଥିବାରୁ ସେ ସରକାରୀ ଚାକିରି କରିବା ପାଇଁ ସମ୍ପୂର୍ଣ୍ଣ ଅଯୋଗ୍ୟ । ଏହି ସମସ୍ତ ଅଭିଯୋଗ ଦୃଷ୍ଟିରୁ ଉପରୋକ୍ତ ଅଧିକାରୀମାନଙ୍କୁ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି । ପ୍ରଶାସନରେ ସ୍ୱଚ୍ଛତା, ଉତରଦାୟିତ୍ୱ ଓ ସେବା ମନୋଭାବର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି ।ତେଣୁ ଦୁର୍ନୀତି ତଥା ଲୋକଙ୍କୁ ସେବା ଯୋଗାଇବାରେ ଅବହେଳା କରୁଥିବା କର୍ମଚାରୀମାନଙ୍କ ପାଇଁ ଏହି ପଦକ୍ଷେପ ଏକ ସତର୍କ ଘଂଟି ବୋଲି ଆଶା କରାଯାଉଛି ।ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଅଗଷ୍ଟ ମାସରେ ପୂର୍ବତନ ଆୟୁଷ ନିର୍ଦ୍ଦେଶକ ବିଭୂ ପ୍ରସାଦ ଷଡଙ୍ଗୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା । ତାଙ୍କ ବିରୋଧରେ ମହିଳା ସହକର୍ମୀଙ୍କୁ ଯୌନ ନିର୍ଯାତନାର ଅଭିଯୋଗ ଥିଲା ।

# ଶୈକ୍ଷିକ ଆଲୋଚନା ଚକ୍ର ଓ ପଲ୍ଲୀ ପ୍ରଦୀପ ଁ ଅନ୍ତର୍ଯ୍ୟାମୀ ବେହେରାଙ୍କ ୧୦୩ ତମ ଜୟନ୍ତୀ ପାଳିତ



ଉଦଳା,୩୦/୧୨(ନି.ପ୍ର)- କୁଶଳଦା ହାଇସ୍କୁଲ ତଥା ଏହାର ପୁରାତନ ଛାତ୍ର ଛାତ୍ରୀ ସଂଘ ଓ ହରିବଳଦେବ ଉଚ୍ଚ ବିଦ୍ୟାଳୟ ଖିରିପଦାର ମିଳିତ ସହଯୋଗରେ ଗତ ତା.୨୬-୧୨-୨୦୨୦ ରିଖ ଦିନ ଖିରିପଦାର ହରିବଳଦେବ ଉଚ୍ଚ ବିଦ୍ୟାଳୟ ଠାରେ 'ବିଦ୍ୟାଳୟ ଶିକ୍ଷାରେ ଶିକ୍ଷକଙ୍କ ଭୁମିକା ଉପରେ ଏକ ଶୈଖିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ଗତ ୨୭-୧୨-୨୦୨୦ ରିଖ ଦିନ କୁଶଳଦା ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ଁ ପଲ୍ଲିପ୍ରଦିପ ଅନ୍ତର୍ଯ୍ୟାମୀ ବେହେରାଙ୍କର ୧୦୩ ତମ ଜୟନ୍ତୀ ଓ ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ସଂଘର ବାର୍ଷିକ ସମ୍ମିଳନୀ ମହାସମାରୋହରେ ପାଳିତ ହୋଇ ଯାଇଛି । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଯତୀନ୍ଦ୍ର ମୋହନ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଶୈକ୍ଷିକ ଆଲୋଚନା ଚକ୍ରରେ ଶତାଧିକ ସଂଖ୍ୟାରେ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରିଥିବା ବେଳେ ବରେଣ୍ୟ ଆଲୋଚକ ଭାବରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ଼. ଅରବିନ୍ଦ ବେହେରା ବିଶିଷ୍ଟ ଇଂରାଜୀ ଭାଷାବିତ୍ ଡ଼. ମନ୍ମଥ କୁମାର କୁଣ୍ଡୁ ଓ ବରିଷ୍ଠ ଜିଲ୍ଲା ସାଧନ କର୍ମୀ ଡ଼. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ଅଂଶ ଗ୍ରହଣ କରି ଅଧୁନା ଶିକ୍ଷାରେ ଦେଖା ଦେଇଥିବା ବହୁ ସମସ୍ୟା ଓ ତାର ସମାଧାନର ମାର୍ଗ ସମ୍ପର୍କରେ ଉପସ୍ଥିତ ଶିକ୍ଷକ ଓ ଶିକ୍ଷିକା ମାନଙ୍କ ସହ ବିଚାର ବିମର୍ଷ କରିଥିଲେ । ଏହି ଆଲୋଚନା ଚକ୍ରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପରିଡ଼ା ଅତିଥି ମାନଙ୍କର ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ ସନାତନ ଜେନା, ରବିକାନ୍ତ ମହାପାତ୍ର, ଗୌରମୋହନ ବେହେରା ଓ ଶଶିଧର ବାରିକ ଯୋଗଦାନ କରି ବିଷୟ ଭିତ୍ତିକ ତାଙ୍କର ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ । ଏହି ଆଲୋଚନାକୁ ସାଧନ କର୍ମୀ ପ୍ରୀୟବ୍ରତ ବାରିକ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ମାନେ ସହାୟତା କରିଥିଲେ । ପରଦିନ ତା. ୨୭-୧୨-୨୦୨୦ ରିଖରେ କୁଶଳଦା ହାଇସ୍କୁଲର ପୁରାତନ ଛାତ୍ର ଛାତ୍ରୀ ସଂଘର ବାର୍ଷିକ ସମ୍ମିଳନୀ ଓ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଁ ଅନ୍ତର୍ଯ୍ୟାମୀ ବେହେରାଙ୍କ ଜୟନ୍ତୀ ଉଦେଶ୍ୟରେ ଆୟୋଜିତ ଅଧିବେଶନରେ ସଂଘର ସଭାପତି ଯତୀନ୍ଦ୍ର ମୋହନ ଶତପଥୀ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ପୁର୍ବତନ ସାଂସଦ ବୀରଭଦ୍ର ସିଂହ ମୁଖ୍ୟ ଅତିଥି ଇଂରାଜୀ ଭାଷାର ଜାତୀୟ ସ୍ତରର ବିଶିଷ୍ଟ ଭାଷାବିତ୍ ଡ଼. ମନ୍ମଥ କୁମାର କୁଣ୍ଡୁ ମୁଖ୍ୟ ବକ୍ତା, ଅବସରପ୍ରାପ୍ତ ଉଚ୍ଚ ପ୍ରଶାସନିକ ଅଧିକାରୀ ତଥା ବିଦ୍ୟାଳୟର ଅନ୍ୟତମ ସଫଳ ଛାତ୍ର ଡ଼. ଅରବିନ୍ଦ ବେହେରା ଓ ବିଦ୍ୟାଳୟର ନୁତନ ପ୍ରଧାନ ଶିକ୍ଷକ ଶଶିଧର ବାରିକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ଁ ପଲ୍ଲୀପ୍ରଦୀପ ଅନ୍ତର୍ଯ୍ୟାମୀ ବେହେରାଙ୍କର ବିରଳ ପ୍ରତିଭା ତଥା ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାର ତୃଟି ଓ ବିଚ୍ୟୁତି ସମ୍ପର୍କରେ ଆଲୋଚନାମାନ କରିଥିଲେ । ଅଧିବେଶନ ଆରମ୍ଭରେ ବରିଷ୍ଠ ଶିକ୍ଷାବିତ୍ ସନାତନ ଜେନା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ପ୍ରିୟବ୍ରତ ବାରିକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପୁରାତନ ଛାତ୍ର ସଂଘର ଅଧିବେଶନରେ ସଂଘର ସାଧାରଣ ସଂପାଦକ ଶିକ୍ଷାବିତ ରବିକାନ୍ତ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିବା ବେଳେ କୋଷାଧ୍ୟକ୍ଷ ବିଶିଷ୍ଟ ଶିଳ୍ପପତି ଅମିତ କୁମାର ବେହେରା ସଂଘର ଆର୍ଥିକ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ଓ ବିଦ୍ୟାଳୟର ସାହିତ୍ୟ ପତ୍ରିକାର 'ମଶାଲ'ର ମୁଖ୍ୟ ସଂପାଦକ ଅଧାପକ କରୁଣାକର ମହାପାତ୍ର ଚଳିତ ବର୍ଷ ମଶାଲ ପ୍ରକାଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସଭାପତିଙ୍କ ଅଭିଭାଷଣ ପରେ ୨୦୨୦ ମସିହାର ଭଗବାନ ମହାପାତ୍ର ମଶାଲ ପୁରସ୍କାର ମୁଖ୍ୟ ଅତିଥି ପ୍ରବନ୍ଧ ବିଭାଗରେ ଶ୍ରେଷ୍ଠ ଲେଖିକା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜୁଆଳିଆର ସୁଶ୍ରୀ ଅଭିପ୍ସା ମହାପାତ୍ର, କ୍ଷୁଦ୍ର ଗଳ୍ପରେ ବାରିପଦାର ସେଣ୍ଟ ଆନିସ କନଭେଣ୍ଟ ସ୍କୁଲର ଛାତ୍ରୀ ସରିତା ଦାଶ ଓ କବିତାରେ ଜୟପୁର ହାଇସ୍କୁଲର ଛାତ୍ର ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ ପ୍ରଦାନ କରିଥିଲେ । ସଭାଶେଷରେ କୃତୀ ଶିକ୍ଷକ କୁଳମଣି ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ମାନଙ୍କରେ ପୁରାତନ ଛାତ୍ର ଛାତ୍ରୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷାକର୍ମଚାରୀ ମାନେ ସହଯୋଗ କରିଥିଲେ ।

## କଳାକାରର ମୃତ୍ୟୁ ନାହିଁ : ନାଟ୍ୟକାର ଭଗବାନ ଚନ୍ଦ୍ର ଗିରିଙ୍କ ୭ମ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର, ୩୦/୧୨ (ନିପ୍ର) : କଳାକାର ନିଜ କଳା ପ୍ରଦର୍ଶନ କରି ଅନ୍ୟର ମନମୁଗ୍ଧ କରୁଥିବା ବେଳେ ବହୁ କଳାକାର ଭୋକ ଉପାସରେ ନିଜ ପରିବାର ସହିତ ଦିନ ବିତାଇଥାନ୍ତି । କଳା କାର ଦିନେ ତାର ପାର୍ଥିବ ଶରୀର ଛାଡି ଚାଲିଯାଏ ହେଲେ ରହିଯାଏ ତାର ଅତୀତ ସ୍ମୃତି । ତେଣୁ ସେ ଅମର ବୋଲି ଜଳେଶ୍ୱର ବ୍ଲକ ସୀମାନ୍ତ ନଛିମପୁର ପଂଚାୟତ ଅଧିନସ୍ଥ ନଛିମପୁର ଗ୍ରାମରେ ନାଟ୍ୟକାର ଭଗବାନ ଚନ୍ଦ୍ର ଗିରି ଙ୍କ ୭ମ ଶ୍ରାଦ୍ଧବାର୍ଷିକ ଉତ୍ସବରେ ବକ୍ତମାନେ ମତବ୍ୟକ୍ତ କରିଛନ୍ତି । କବି କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ କଳାକାର ଅମର ଓ ଅଜେୟ ବୋଲି ମତବ୍ୟକ୍ତ କରିଥିଲେ । ଜିଲା ରକ୍ତଦାତା ସଭାପତି କମଳ ଚକ୍ରବର୍ତ୍ତୀ, ଡ. ଅଜିତ୍ ମହାନ୍ତି, କବି ବସନ୍ତ ଦାସ, ଶରତ ପରିଡା, ସରପଂଚ ଦୀପାଳି ଜେନା, ଚିତ୍ତରଂଜନ ପରିଡା, ସୁଦାମ ଚରଣ ପାତ୍ର, ଜିତାଂଶୁ ନନ୍ଦୀ, ତ୍ରିଲୋଚନ ଦାସ ଅଧିକାରୀ , ସୁବଳ ଚରଣ ପାତ୍ର, ଅନନ୍ତ ଗିରି, କାର୍ତ୍ତିକ ଚରଣ ଗିରି ପ୍ରମୁଖ ଅଭିଭାଷଣ ଦେଇ ସେ ଜଣେ କଳାକାର, କବି, ନାଟ୍ୟକାର, ନାଟ୍ୟନିର୍ଦ୍ଦେଶକ ଭାବେ ପରିଚିତ ବୋଲି ଅଭିହିତ କରିଥିଲେ । କବି ନରୋତ୍ତମ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଗିରିପରିବାର ସହିତ ବହୁ ଗ୍ରାମବାସୀ ସହଯୋଗ କରିଥିଲେ ।

# ଜାନୁଆରୀ ପାଇଁ ଅନଲକ୍ ଗାଇଡ୍ ଲାଇନ୍ ଜାରି

ଭୁବନେଶ୍ୱର, ୩୦/୧୨ (ନିପ୍ର) : ରାଜ୍ୟ ସରକାର ଜାନୁଆରୀ ମାସ ପାଇଁ ବୁଧବାର ଦିନ ଅନଲକ୍ ଗାଇଡଲାଇନ୍ ଜାରି କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ସାରା ରାଜ୍ୟରେ ଏଥର ଜିରୋ ନାଇଟ୍ ପାଳନ ଉପରେ କଟକଣା ଜାରି କରାଯାଇଛି। ରାଜ୍ୟରେ କରୋନାର ନୂଆ ଷ୍ଟ୍ରେନର ସଂକ୍ରମଣକୁ ରୋକିବା ଲାଗି ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। କଂଟେନମେଂଟ ଜୋନ୍ ରେ ପୂର୍ବଭଳି ସମସ୍ତ କଟକଣା ଜାରି ରହିବ। ଗାଇଡ୍ ଲାଇନ୍ ଅନୁଯାୟୀ ଡିସେମ୍ବର ୩୧ ଓ ଜାନୁଆରୀ ୧ ତାରିଖରେ ସର୍ବସାଧାରଣ ସ୍ଥଳରେ ଲୋକଙ୍କର ଭିଡ଼ ଉପରେ ରାଜ୍ୟ ସରକାର କଟକଣା ଲଗାଇଛନ୍ତି। ହୋଟେଲ, ରେଷ୍ଟୁରାଂଟ, କ୍ଲବ, ପାର୍କରେ ମଧ ଜନସମାଗମକୁ ମନା କରାଯାଇଛି। କନ୍‌ଭେନ୍‌ସନ ହଲ ଓ କଲ୍ୟାଣ ମଣ୍ଡପରେ ମଧ ଲୋକଙ୍କର ଗହଳି ହୋଇପାରିବ ନାହିଁ ବୋଲି ଏହି ନିର୍ଦ୍ଦେଶନାମାରେ କୁହାଯାଇଛି। ରାଜ୍ୟ ସରକାରଙ୍କ ନୂଆ ଗାଇଡଲାଇନ୍ ଅନୁସାରେ ଜାନୁଆରୀରେ ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ସିନେମା ହଲ୍, ଥିଏଟର ଖୋଲିବାକୁ ଅନୁମତି ମିଳିବ। ସେହିପରି ଯାତ୍ରା, ମୁକ୍ତାକାଶ ରଂଗମଂଚ ଖୋଲିବା ପାଇଁ ସ୍ଥାନୀୟ ପ୍ରଶାସନର ଅନୁମତି ନେବାକୁ ପଡ଼ିବ। ସବୁ ସିନେମା ହଲ ନିଜ କ୍ଷମତାର କେବଳ ୫୦ ପ୍ରତିଶତ ସିଟ ପୂରଣ କରିବେ। ପ୍ରତି ସିଟର ପାଖ ଦୁଇଟି ସିଟ ଖାଲି ରହିବ। ଏସବୁ ସିଟରେ 'କେହି ବସିପାରିବେ ନାହିଁ' ବୋଲି ଲେଖା ରହିବ। ସିନେମା ହଲ ଭିତରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବ। ହଲ ଭିତରେ ପ୍ରବେଶ ପୂର୍ବରୁ ସାନିଟାଇଜର ବ୍ୟବସ୍ଥା ରହିବ। ଟିକେଟ କାଉଂଟରରେ ଗହଳି କମାଇବାକୁ ଅଧିକ ସଂଖ୍ୟକ କାଉଂଟର ଖୋଲାଯିବ। ଅନଲାଇନ୍ ବୁକିଂକୁ ପ୍ରୋତ୍ସାହିତ କରାଯିବ। ପ୍ରବେଶ ବେଳେ ଦର୍ଶକଙ୍କ ଥର୍ମାଲ ସ୍କାନିଂ ବା ତାପମାତ୍ରା ମପାଯିବ। ସେହିପରି ବୃହତ ସାମାଜିକ, ରାଜନୈତିକ, ଖେଳ, ମନୋରଂଜନ, ଶିକ୍ଷା, ସାଂସ୍କୃତିକ ଓ ଧାର୍ମିକ ସମାରୋହ ୨୦୦ଲୋକଙ୍କୁ ନେଇ ଆୟୋଜିତ ହୋଇପାରିବ। ମାସ୍କ ପିନ୍ଧିବା, ସାମାଜିକ ଦୂରତା ନିୟମ ମାନିବା ଏବଂ ହାତ ସାନିଟାଇଜ କରିବା ବାଧ୍ୟତାମୂଳକ ହେବ। ତେବେ ଜିଲ୍ଲାର କୋଭିଡ ପରିସ୍ଥିତିକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଲୋକଙ୍କ ସଂଖ୍ୟା କମାଇ ପାରିବେ।

# ଐତିହ୍ୟ ଅନୁଷ୍ଠାନ ଉତ୍କଳ ସମ୍ମିଳନୀର ୧୧୮ତମ ପ୍ରତିଷ୍ଠା ଦିବସ ପାଳିତ




ବାଲେଶ୍ୱର, ୩୦/୧୨ (ନିପ୍ର) : ସମଗ୍ର ଭାରତବର୍ଷରେ ଭାଷାଭିତ୍ତିକ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ ଓଡ଼ିଶା ସର୍ବପ୍ରଥମ। ଆଉ ଏହି ଗୌରବର ଅଧିକାରୀ ହେବା ଦିଗରେ ଆଜକୁ ୧୧୮ବର୍ଷ ତଳେ ଡିସେମ୍ବର ୩୦ତାରିଖରେ ଐତିହାସିକ ସହର କଟକର ଇଦ୍‌ଗା ମଇଦାନରେ ଜନ୍ମ ନେଇଥିଲା ଉତ୍କଳସମ୍ମିଳନୀ। ଉତ୍କଳଗୌରବ ମଧୁସୂଦନ ଦାସଙ୍କର ଏହି ମାନସ ସନ୍ତାନ ସେଦିନ ସମଗ୍ର ଓଡ଼ିଶାର ବହୁ ବରପୁତ୍ରଙ୍କ ଉପସ୍ଥିତିରେ ଗଠନ ହୋଇ ଓଡ଼ିଆ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନର ଯେଉଁ ବଜ୍ର ଶପଥ ନେଇଥିଲା ତାହା ୧୯୩୬ମସିହା ଅପ୍ରେଲ୍ ୧ତାରିଖ ଦିନ ସଫଳ ହୋଇଥିଲା। ମୟୂରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ ଏହାର ପ୍ରଥମ ସଭାପତି ଥିଲାବେଳେ ବ୍ୟାସକବି ଫକୀରମୋହନ ସେନାପତି ଥିଲେ ଅନ୍ୟତମ ମୁଖ୍ୟ ପୁରୋଧା। ସେହି ଐତିହ୍ୟ ଅନୁଷ୍ଠାନର ଆଜି ୧୧୮ତମ ପ୍ରତିଷ୍ଠା ଦିବସ ନିରାଡ଼ମ୍ବର ଭାବେ ଉତ୍କଳସମ୍ମିଳନୀ ବାଲେଶ୍ୱର ଶାଖା ତରଫରୁ ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୦ଘଟିକା ସମୟରେ ଏକଦା ଉତ୍କଳଗୌରବ ମଧୁସୂଦନ ଦାସ ଯେଉଁ ଜିଲ୍ଲାସ୍କୁଲରେ ଶିକ୍ଷକତା କରୁଥିଲେ ସେହି ଜିଲ୍ଲାସ୍କୁଲ୍ ପରିସରରେ ଥିବା ତାଙ୍କ ପୂର୍ଣ୍ଣାଅବୟବ ପ୍ରତିମୂର୍ତ୍ତିରେ ଉତ୍କଳସମ୍ମିଳନୀର ସଦସ୍ୟମାନେ ମାଲ୍ୟାର୍ପଣ କରି ବରପୁତ୍ରମାନଙ୍କର ସ୍ମୃତିଚାରଣ କରିଥିଲେ। ତତ୍‌ପରେ ବାଲେଶ୍ୱର କଚେରି ହତା ସ୍ଥିତ ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ ସହ ଫକୀମୋହନ ଗୋଲେଇ ସ୍ଥିତ ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଦସ୍ୟମାନେ 'ବନ୍ଦେ ଉତ୍କଳଜନନୀ' ଗାନ କରିବା ସହ ଓଡ଼ିଶା ରାଜ୍ୟ ଗଠନରେ ଉତ୍କଳସମ୍ମିଳନୀର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତାହାକୁ ମନେ ପକାଇଥିଲେ। ବାଲେଶ୍ୱର ଶାଖାର ସଭାପତି ପଣ୍ଡିତ ସୁରେନ୍ଦ୍ର ନାଥ କର, ସମ୍ପାଦକ ଦୀନବନ୍ଧୁ ଲେଙ୍କା, ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡାଙ୍କ ସମେତ ଡ.କ୍ଷିତୀଶ୍ୱର ଦାଶ, ଅନସୂୟା ନାୟକ, ଶାନ୍ତନୁ କୁମାର ପଟ୍ଟନାୟକ, ବିଜୟ କୁମାର ଦାସଅଧିକାରୀ, ବିଜୟ କୁମାର ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ରତ୍ନାକର ଦାସ, ବସନ୍ତଲତା ପଟ୍ଟନାୟକ, ସୀତାରାମ ପ୍ରଧାନ, ଇଂ.ହୃଷୀକେଶ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ତାପସ କୁମାର ପାଲ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ନବବର୍ଷରେ ବରିଷ୍ଠ ନାଗରିକ ମଞ୍ଚ ବୈଠକ



ବାଲେଶ୍ୱର, ୩୦/୧୨ (ନିପ୍ର) : ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନୂତନବର୍ଷକୁ ସ୍ୱାଗତ ଜଣାଇ ବୁଧବାରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ଅଧକ୍ଷତା କରିଥିଲେ। ଚଳିତବର୍ଷ କରୋନା ମହାମାରୀ ସଂକ୍ରମଣରେ ମୃତ୍ୟୁବରଣ କରିଥିବା ମଞ୍ଚର ସଦସ୍ୟ ଓ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲ୍ଲା ସଂପାଦକ ଲକ୍ଷ୍ମୀଧର ବେହେରା ଉପସ୍ଥିତ ସଦସ୍ୟଙ୍କୁ ନବବର୍ଷର ଶୁଭକାମନା ଜଣାଇ ବରିଷ୍ଠ ସମସ୍ତଙ୍କ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ। ଗତ ୧୯୦୩ ମସିହାର ଆଜିର ଦିନରେ ଉତ୍କଳ ସମ୍ମିଳନୀ ଗଠନ ପରେ ୧୯୩୬ ମସିହାରେ ପ୍ରଥମ ଭାଷାଭିତ୍ତିକ ଓଡ଼ିଶା ରାଜ୍ୟ ପ୍ରତିଷ୍ଠାର ମହାପୁରୁଷମାନଙ୍କ ଉଦ୍ଦେଶ୍ୟରେ ଶ୍ରୀ ବେହେରା ଜିଲ୍ଲା କମିଟି ତରଫରୁ ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ। ଆସନ୍ତା ରବିବାର ଦିନ ଫକୀରମୋହନ ଗୋଲେଇ ନିକଟସ୍ଥ ଜିଲ୍ଲା ଅଫିସରେ ଦୁସ୍ଥ ଅସହାୟ ବରିଷ୍ଠ ନାଗରିକମାନଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନୂଆବର୍ଷରେ ପ୍ରତି ବୁଧବାର ଦିନ ନିୟମିତ କର୍ମକର୍ତ୍ତା ବୈଠକ ପୂର୍ବଭଳି ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଗୌରାଙ୍ଗ ପାଣିଗ୍ରାହୀ, ପରମାନନ୍ଦ ପଣ୍ଡା, ପଣ୍ଡିତ ସୁରେନ୍ଦ୍ରନାଥ କର, ରତ୍ନାକର ଦାସ, ସୀତାରାମ ପ୍ରଧାନ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ନିରଞ୍ଜନ ରାଉତ, ରବୀନ୍ଦ୍ରନାଥ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଧୁସୂଦନ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅଲ୍‌ଟ୍ରାସାଉଣ୍ଡ କ୍ଲିନିକରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବା ବାଧ୍ୟତାମୂଳକ

## ଜିଲ୍ଲାରେ ରକ୍ତ ସଂଗ୍ରହ ପାଇଁ ସଚେତନତା ଜରୁରୀ




ଭଦ୍ରକ, ୩୦/୧୨ (ନିପ୍ର) :ଭଦ୍ରକ ଜିଲ୍ଲାରେ ରକ୍ତ ସଂଗ୍ରହର ହାର ବୃଦ୍ଧ କରାଯିବା ନିମନ୍ତେ ଜନ ସଚେତନତା ଜରୁରୀ। ସେହିଭଳି ଜିଲ୍ଲାରେ ରହିଥିବା ଅଲ୍‌ଟ୍ରା ସାଉଣ୍ଡ କ୍ଲିନିକରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବା ବାଧ୍ୟତାମୂଳକ ବୋଲି ଜିଲ୍ଲା ରକ୍ତଭଣ୍ଡାର ଓ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ କର୍ମକର୍ତ୍ତାଙ୍କୁ ନେଇ ଆଜି ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲାରେ ରକ୍ତ ସଂଗ୍ରହ କ୍ଷେତ୍ରରେ କିପରି ଅଧିକରୁ ଅଧିକ ରକ୍ତ ସଂଗ୍ରହ କରାଯାଇ ପାରିବ ଏବଂ ଲୋକଙ୍କୁ ରକ୍ତଦାନ କରିବା ଲାଗି ପ୍ରବର୍ତ୍ତା ଯାଇ ପାରିବ ସେ ଦିଗରେ ଆବଶ୍ୟକ ଜନସଚେତନତା ବୃଦ୍ଧି କରିବାକୁ ଜିଲ୍ଲାପାଳ ଡ. ଦାସ ପରାମର୍ଶ ଦେଇଥିଲେ। ଏ ବିଷୟରେ ଆଲୋଚନା କରି ଜିଲ୍ଲା ବ୍ଲଡବ୍ୟାଙ୍କ ଇନ୍‌ଚାର୍ଜ ଡାକ୍ତର ବିମଳା ମିଶ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କାର୍ଯ୍ୟକ୍ଷମ ଥିବା ବ୍ଲଡବ୍ୟାଙ୍କର ବିଭିନ୍ନ ସମସ୍ୟା ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ। ଏହାର ନିରାକରଣ ଦିଗରେ ପଦକ୍ଷେପ ନେବା ନିମନ୍ତେ ଜିଲ୍ଲାପାଳ ଡ. ଦାସ ଜିଲ୍ଲା ମୁଖ୍ୟଚିକିତ୍ସାଧକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲାରେ ରହିଥିବା ଅଲ୍‌ଟ୍ରା ସାଉଣ୍ଡ କ୍ଲିନିକ ଗୁଡିକ ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ ଆବଶ୍ୟକୀୟ ସର୍ତ୍ତାବଳୀକୁ ମାନିବାକୁ ବାଧ ରହିବେ। ଏହା ସହିତ ଯେଉଁମାନେ ଭ୍ରୂଣ ଚିହ୍ନଟ କରିବା ଭଳି ଧର୍ତ୍ତବ୍ୟ ଅପରାଧକୁ ପ୍ରୋତ୍ସାହିତ କରିବେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ଅଲ୍‌ଟ୍ରା ସାଉଣ୍ଡ କ୍ଲିନିକମାନଙ୍କରେ ଅଗ୍ନିନିର୍ବାପକ ଯନ୍ତ୍ର ଲଗାଇବା ବାଧ୍ୟତା ମୂଳକ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲଗାତର ଏହାର ଯାଞ୍ଚ କରିବାକୁ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା, ଅଲ୍‌ଟ୍ରା ସାଉଣ୍ଡ କ୍ଲିନିକର କର୍ମକର୍ତ୍ତା, ବ୍ଲଡବ୍ୟାଙ୍କ କର୍ମଚାରୀ ଯୋଗ ଦେଇଥିଲେ।

## ନମ୍ବର ବିହୀନ ମେଣ୍ଟାଲ ଟ୍ରାକ୍ଟର ଜବଦ ଓ ଡ୍ରାଇଭର ଫେରାର୍

ଖଇରା,୩୦।୧୨(ନିପ୍ର) ଖଇରା ବ୍ଲକ ବଗେଇପୁର ଅଞ୍ଚଳରୁ ଜିଲ୍ଲା ପ୍ରଶାସନ ୧୪୪ ଧାରା ଜାରି କାରଯାଇଥିଲେ ସୁଧା ପ୍ରତିବର୍ଷ ଶହ ଶହ ବେଆଇନ ମେଣ୍ଟାଲ,ମୋରମ,ମାଙ୍କଡା ପଥର ପ୍ରତିଦିନ ଲୋଡ ହୋଇ ଯାତାୟତ କରାଯାଇଥିବାର ଦେଖାଯାଇଛି। ଖଇରା ପୋଲିସ ଖବର ପାଇ ବଗେଇପୁର ଅଞ୍ଚଳକୁ ଯାଇ ମେଣ୍ଟାଲ ଲୋଡ୍‌କରି ଆଣୁଥିବା ଗୋଟିଏ ଟ୍ରାକ୍ଟରଟିକୁ ଜବଦ କରିଥିଲେ ଏବଂ ପୋଲିସ ଗାଡିକୁ ଦେଖି ଡ୍ରାଇଭର ଦୌଡି ପଳାଇଯାଇଥିଲା। ଖଇରା ପୋଲିସ ଏସଆଇ ସୁଜାତା ମଲ୍ଲିକ ଟ୍ରାକ୍ଟରକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛନ୍ତି।


# ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ, ୩୦/୧୨ (ନିପ୍ର) : ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ଆନୁକୁଲ୍ୟରେ ଭଦ୍ରକର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସମିତିର କାର୍ଯ୍ୟାଳୟରେ ଦିଆ ଯାଇଛି। ଶ୍ରୀଯୁକ୍ତ ଦାଶ ଶ୍ରୀଜଗନ୍ନାଥ ଭକ୍ତିକ ଭାବନର ମୂର୍ତ୍ତିମନ୍ତ ପ୍ରତୀକ। ସୁଦୂର କେଉଁଝର ଜିଲ୍ଲାର ଢେଙ୍କାଠାରେ ରହିଥିବା ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ଆନନ୍ଦପୁରରେ ଆସି ବନ୍ଧନ ଅବସ୍ଥାରେ ରହିଥିବା ବେଳେ ଶ୍ରୀ ଦାଶଙ୍କ ଉଦ୍ୟମରେ ଆବଦ୍ଧମୁକ୍ତ ହେବା ଓ ପୁନରାୟ ଢେଙ୍କାଠାରେ ଅବସ୍ଥାନ କରାଇବା ପାଇଁ ଚେଷ୍ଟା ଚଳାଇଥିବା ଅବିସ୍ମରଣୀୟ ଓ ପ୍ରଶଂସନୀୟ। ଏହା ବ୍ୟତୀତ ସେ ଜଣେ ଅତି କର୍ତ୍ତବ୍ୟନିଷ୍ଠ ସଚ୍ଚୋଟ ଓ ଲୋକପ୍ରିୟ ପୁଲିସ ଅଧିକାରୀ ଭାବରେ ଖ୍ୟାତିଲାଭ କରିଛନ୍ତି। ଏହି ବିଦାୟକାଳୀନ ସମାରୋହରେ ପ୍ରଚାର ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥି ନନ୍ଦଶର୍ମା, ଆବାହକ ସେବକ ଶରତ କୁମାର ସାହୁ, ଲକ୍ଷ୍ମୀଧର ଖଟୁଆ, ପ୍ରତାପ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ କୁମାର ଦେ ପ୍ରମୁଖ ବହୁ ସେବକ ଉପସ୍ଥିତ ରହି ଶ୍ରୀଯୁକ୍ତ ଦାଶଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ମାନିତ କରିଥିଲେ।

# ଗାଳ୍ପିକ ମଦନମୋହନ ମହାକୁଡ଼ଙ୍କ ଗଳ୍ପପୁସ୍ତକ 'ଅନାମ ସର୍ବନାମ' ଲୋକାର୍ପିତ

## 'ପରିଚୟ ସଂକଟ ଭିତରେ ବଞ୍ଚୁଥିବା ଚରିତ୍ରର ଅସହାୟତା ବଡ଼ ମର୍ମନ୍ତୁଦ'



ଭଦ୍ରକ, ୩୦/୧୨ (ନିପ୍ର) : ଆମ ସମାଜରେ ଏମିତି ଚରିତ୍ରମାନେ ଅଛନ୍ତି, ଯେଉଁମାନଙ୍କ ନାମ ହିଁ ଅନାମ। ନିଜ ଭିତରେ ସେମାନଙ୍କର କୌଣସି ମା' କି ଗାଁର ଉପଲବ୍ଧ ନଥାଏ। ସାଙ୍ଗସାଥୀଙ୍କ ସହ ଖେଳକୁଦରେ ମାତିଲେ ବି ଜିତାପଟ ହୁଏନା। ତୁଚ୍ଛାରେ ଦୋଷ ଲଦି ଦିଆଯାଏ ସେମାନଙ୍କ ଉପରେ। ହାରିଯିବାଟା ଯେମିତି ନିୟତି। ଟ୍ୟୁସନ୍ ହେଲେବି ଟ୍ୟୁସନ ପିଲାଙ୍କ ଭିତରେ ଗଣତି ହୁଏନା। ଅନାମକୁ କେହି ହୁଏତ ଶ୍ରଦ୍ଧା କରିଥିଲେ ସେ ସମ୍ମାନ କରିବା ଶିଖିଥାନ୍ତା। ମୂଳରୁ ଯିଏ ଅନାମ, ତା'ର ପୁଣି ସୁନାମ ଆସିବ କୁଆଡୁ? ସମାଜରେ କୁଟିଳ ମାନସିକତା ଓ ପୀଡ଼ାଦାୟକ ଆନନ୍ଦ ଅନାମକୁ ସର୍ବନାମରେ ରୂପାନ୍ତରିତ କରିଥାଏ ବୋଲି ଗାଳ୍ପିକ ମଦନମୋହନ ମହାକୁଡ଼ଙ୍କ 'ଅନାମ ସର୍ବନାମ' ଗଳ୍ପଗ୍ରନ୍ଥର ଲୋକାର୍ପଣ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରଫେସର ରାଜକିଶୋର ସାହୁଙ୍କ ପୌରୋହିତ୍ୟରେ ୨୯ ତାରିଖ ଅପରାହ୍ଣରେ ତ୍ୟାଗଭୂମି ମଞ୍ଚ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ 'ବେଦପୀୟୂଷ'ର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଏହି ଗଳ୍ପପୁସ୍ତକର ଲୋକାର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ ଦାସ ଯୋଗଦେଇ ସମାଜରେ ଜନପ୍ରିୟ ହେବାର କ୍ଷେତ୍ରରୁ ଅନେକ ମହନୀୟ ଚରିତ୍ର ବାଦ୍ ପଡ଼ିଥାଆନ୍ତି ଓ ନାମ, ସୁନାମ, ଯଶକୀର୍ତ୍ତି ଇତ୍ୟାଦି ଉପାଧି ମଝିନଈରେ ଭାସୁଥିବା ଲୋକଙ୍କ ଭାଗ୍ୟରେ ଜୁଟିନଥାଏ ବୋଲି ମତବ୍ୟକ୍ତ କରିଥିଲେ। ଗାଳ୍ପିକ ଶ୍ରୀ ମହାକୁଡ଼ ଲେଖକୀୟ ଅଭିମତରେ ଜୀବନକୁ ଯେପରି ଭାବେ ବୁଝିଛନ୍ତି ଓ ଚରିତ୍ରମାନଙ୍କ ସହ ସେ ଯେପରି ଅନ୍ତରଙ୍ଗ ଆଳାପ କରିଛନ୍ତି, ତାହାକୁ ନେଇ ତାଙ୍କର କାହାଣୀକଳା ନିର୍ମାଣ କରିଛନ୍ତି ବୋଲି କହିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ଅଭୟ କୁମାର ଦାସ ଅତିଥି ପରିଚୟ ଓ ଅଧୀବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱର୍ଗତଃ ନିତ୍ୟାନନ୍ଦ ପଣ୍ଡାଙ୍କ ବିୟୋଗରେ ବ୍ରାହ୍ମଣମହାସଭାର ଶୋକସଭା



ବାରିପଦା,୩୦/୧୨(ନି.ପ୍ର): ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର ସଂପାଦକ ଭାଗବତ ପଣ୍ଡାଙ୍କ ପିତା ନିତ୍ୟାନନ୍ଦ ପଣ୍ଡାଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଏକ ସ୍ମୃତିଚାରଣ ସଭା ମହାସଭାର ସଭାପତି ଡାଃ ମହାଦେବ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ମହାସଭାରେ ସୁଦର୍ଶନଦ୍ୱିବେଦ ଅଚ୍ୟୁତପ୍ରସାଦ ମହାପାତ୍ର, ଦୋଳଗୋବିନ୍ଦ ଦାଶ, ନରୋତ୍ତମ ପାଣିଗ୍ରାହୀ, ସିଦ୍ଧେଶ୍ୱର ଶତପଥୀ, ଦେବେନ୍ଦ୍ର ମହାପାତ୍ର, ବ୍ରଜକିଶୋର ଦାଶ, ନୃସିଂହ ଚରଣ ପଣ୍ଡା, ଗୋପୀନାଥ ପଣ୍ଡା, ଆଶୁତୋଷ ଆଚାର୍ଯ୍ୟ, ଅଙ୍କିତ ପାଣିଗ୍ରାହୀ, ଭଗବତୀ ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ, ସେ ଜଣେ ଶତାୟୁ ପୁରୁଷ ଥିଲେ। ଏବଂ ଜଣେ କର୍ମକାଣ୍ଡବିତ୍ ବ୍ରାହ୍ମଣ ଥିଲେ। ତତ୍‌ସହିତ ସମାଜସେବୀ ମଧ୍ୟ ଥିଲେ। ପ୍ରତିଦିନ ଗୀତା ଭାଗବତ, ଚଣ୍ଡୀ ଇତ୍ୟାଦି ଧାର୍ମିକ ପୁସ୍ତକ ଅଧ୍ୟୟନ ତାଙ୍କର ମୂଳମନ୍ତ୍ର ଥିଲା। ଶେଷରେ ଦିବଂଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ଠାରେ ଦୁଇମିନିଟ୍ ନିରବପ୍ରାର୍ଥନା କରାଯାଇଥିଲା।

# ସାମ୍ବାଦିକଙ୍କୁ ଆକ୍ରମଣକାରୀଙ୍କ ଗିରଫ ଦାବିରେ ଧାରଣା



ବାଲେଶ୍ୱର, ୩୦/୧୨ (ନିପ୍ର) : କାର୍ଯ୍ୟରତ ସାମ୍ବାଦିକଙ୍କ ପ୍ରତି ବାହାନଗା ବିଡିଓ ଓ ତାଙ୍କ କର୍ମଚାରୀଙ୍କ ଆକ୍ରମଣ ତଥା ଅଶାଳୀନ ବ୍ୟବହାରକୁ ତୀବ୍ର ନିନ୍ଦା କରିଛି ଆଚ୍ଛା ସଂଗଠନ। ଅଭିଯୁକ୍ତ ବିଡିଓଙ୍କ ସମେତ ତାଙ୍କ କର୍ମଚାରୀ ଓ ଏହି ଘଟଣାରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରି ସଂଗଠନ ପକ୍ଷରୁ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବିଶେଶ୍ୱର ମହାଦେବ ମନ୍ଦିର ନିକଟରେ କାର୍ଯ୍ୟରତ ଏକ ବୈଦୁତିକ ଗଣମାଧ୍ୟମର ପ୍ରତିନିଧିଙ୍କୁ ବିଡିଓ ଓ ତାଙ୍କ ସହଯୋଗୀମାନେ ଗତ ଶନିବାରରେ ଆକ୍ରମଣ କରିଥିଲେ। ସତ୍ୟ ଅନସନ୍ଧାନ କରୁଥିବା ନିର୍ଭୀକ ସାମ୍ବାଦିକଙ୍କ ପ୍ରତି ଏହି ଆକ୍ରମଣକୁ କେବେ ବରଦାସ୍ତ କରାଯିବ ନାହିଁ ବୋଲି ଧାରଣାରତ ଆଚ୍ଛା ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆଗାମୀ ଦିନରେ ଏହି ଘଟଣା ଏକ ଆନ୍ଦୋଳନକୁ ପରିବର୍ତ୍ତନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଏକ ଦାବିପତ୍ର ଏସପିଙ୍କୁ ପ୍ରଦାନ କରାଯାଇଛି। ଉତ୍ତମ ବେହେରା, ମିନାକ୍ଷୀ ମହାନ୍ତି, ଖଗେଶ୍ୱର ବଢ଼େଇ, ରାଜେଶ ବେହେରା, ଉଦୟଭାନୁ ନାୟକ, ରାକେଶ କୁମାର ଶିଅଳ, ଜଳଧର ମହାନ୍ତି, ରାଜେଶ କୁମାର ପାଣ୍ଡିଆ, ଆଦ୍ୟାଶା ଚଣ୍ଡ, ଅମିତାଂଶୁ ଚଣ୍ଡ, ସୁକାନ୍ତି ଦେବଗୋସ୍ୱାମୀ ପ୍ରମୁଖ ଆଚ୍ଛା ସଂଗଠନର କର୍ମକର୍ତ୍ତା ତଥା ସଦସ୍ୟମାନେ ଆଜିର ଏହି ଗଣଧାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଧାମନଗର ପ୍ରେସ୍‌କ୍ଲବ କାର୍ଯ୍ୟକାରିଣୀ ବୈଠକ

## ବରିଷ୍ଠ ସାମ୍ବାଦିକ ଶଙ୍କର ମିଶ୍ରଙ୍କ ଅକାଳ ବିୟୋଗରେ ଶୋକ



ଧାମନଗର, ୩୦/୧୨ (ନିପ୍ର) : ଜାତୀୟ ସାମ୍ବାଦିକ ୟୁନିୟନର ଉପସଭାପତି, ଓୟୁଜେର ପୂର୍ବତ ସଭାପତି, ଏସ୍‌ୟୁଜେର ପ୍ରତିଷ୍ଠାତା, ବରିଷ୍ଠ ସାମ୍ବାଦିକ ଶଙ୍କର ପ୍ରସାଦ ମିଶ୍ରଙ୍କ କରୋନା ଜନିତ ଅକାଳ ବିୟୋଗରେ ଧାମନଗର ପ୍ରେସ୍ କ୍ଲବ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ବୁଧବାର ଅପରାହ୍ଣରେ ଧାମନଗର ମହତାବ ସେବାସଦନ ପରିସରରେ ପ୍ରେସ୍ କ୍ଲବର କାର୍ଯ୍ୟକାରୀ କମିଟି ବୈଠକ ଆରମ୍ଭରେ ଶଙ୍କର ମିଶ୍ରଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଥିବାବେଳେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବୈଠକରେ ପ୍ରେସ୍‌କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ, ନୂତନ ଗୃହ ନିର୍ମାଣ ଓ ନୂଆବର୍ଷ ବନ୍ଧୁମିଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରେସ୍ କ୍ଲବର ସଭାପତି କୈଳାଶଚନ୍ଦ୍ର ଗୁପ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସାମ୍ବାଦିକ ଅନିଲ କୁମାର ବାରିକ, ବାସୁଦେବ ତ୍ରିପାଠୀ. ପ୍ରଦୀପ କୁମାର ମହାପାତ୍ର, କିସାନ କୁମାର ରାଉତ, ଦୀନବନ୍ଧୁ ଦାଶ, ସେକ୍ ଜାଫର ଅଲ୍ଲୀ, କୃଷ୍ଣଚନ୍ଦ୍ର ଜେନା, ପ୍ରତାପ ଆନ୍ଦିଆ, ରମେଶ ଚନ୍ଦ୍ର ବେହେରା, ସରୋଜ କୁମାର ସେଠୀ, ପ୍ରସାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଏସ୍‌ୟୁଜେର ବରିଷ୍ଠ ସଭ୍ୟ ଧ୍ରୁବ ଚରଣ ବାରିକ, ରମଣୀରଂଜନ ଦାଶ, ଗୋଲାମ ଜିଲାନି ହବିବି, ରଜତ କୁମାର ପଣ୍ଡା, ସତ୍ୟବ୍ରତ ପ୍ରଧାନ, ଭଗବାନ ସାମଲ, ପ୍ରସାନ୍ତ କୁମାର ସାହୁ ପ୍ରମୁଖ ସାମ୍ବାଦିକ ଶଙ୍କର ମିଶ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo